RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


VOLUME- 43 ◆ISSUE-39 ◆SATURDAY ◆2 AUG 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୯ ◆ଶନିବାର ◆୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'ୱାର୍-୨'କୁ ନେଇ ବାଣୀଙ୍କ ଖୁଲାସା

ପୃଷ୍ଠା ୧୧ ଦେଖନ୍ତୁ...

# ସପ୍ତାହେ ଟଳିଲା ଟ୍ରମ୍ପ ଟାରିଫ୍; ଅଗଷ୍ଟ ୭ରୁ ଲାଗୁ



■ **ନୂଆଦିଲ୍ଲୀ,୧।୮ (ଏଜେନ୍ସି):** ସାମୟିକ ଭାବେ ଟଳିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମା। ଆଜିଠାରୁ ଲାଗୁ ହେବାକୁ ଯାଉଥିବା ଏହି ନୂଆ ଟାରିଫ୍‌ରେ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ମିଳିଛି ଗୋଟିଏ ସପ୍ତାହର ଆଶ୍ୱସ୍ତି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମାରେ ଏହି ଶୁଳ୍କ ଏବେ ୭ ଦିନ ପରେ ଭାରତ, ବାଂଲାଦେଶ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶ ଉପରେ ଲାଗୁ ହେବ। ଏବେ ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରମ୍ପ ବୁଧବାର ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହା ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହେବାର ଥିଲା। ଏବେ ଏହାକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ହେଲେ କୌତୂହଳର ବିଷୟ ହେଉଛି ଯେ, ଟ୍ରମ୍ପ୍ ବାଂଲାଦେଶ ଏବଂ ପାକିସ୍ତାନ ଉପରେ ଘୋଷଣା କରିଥିବା ଟାରିଫ୍‌ରେ ହ୍ରାସ ଘଟାଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଉପରେ ଟ୍ରମ୍ପ୍ ୨୯% ଟାରିଫ୍ ଘୋଷଣା କରିଥିବାବେଳେ ଏବେ ଏହାକୁ ୧୯%କୁ ହ୍ରାସ ଘଟାଇଛନ୍ତି। ସେହିପରି ବାଂଲାଦେଶ ଉପରେ ଲାଗୁ ହେବାକୁ ଥିବା ୩୫% ଟାରିଫ୍‌କୁ ସେ ୨୦%କୁ ହ୍ରାସ କରିଛନ୍ତି।

# ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ନିର୍ବାଚନ



■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରଠାରୁ ଖାଲିଥିବା ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଘୋଷଣା ହୋଇଛି। ସେପ୍ଟେମ୍ବର ୯ ତାରିଖ ସକାଳ ୧୦ଟାରୁ ୫ଟା ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କୁହାଯାଇଛି। ଏହି ଦିନ ହିଁ ଫଳାଫଳ ଘୋଷଣା କରାଯିବ। ଏହି ପଦ ପାଇଁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିହେବ। ଏହାର ଦିନକ ପରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ରାତିରେ ଧନଖଡ଼ ଅଚାନକ ଇସ୍ତଫା ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ବାକି ଥିଲେ ମଧ୍ୟ ଏହାର ଦିନକ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରି ନେଇଥିଲେ। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରକୃତ କାରଣ ନୁହେଁ। ଅସଲ କାରଣ କ'ଣ ତାହା ସାର୍ବଜନୀନ କରାଯାଉ ବୋଲି ବିରୋଧୀ ଦାବି କରିଥିଲେ।

# 'ସିନ୍ଦୂର' ପରେ ସଂସଦ ଅଚଳ

## ଅପ୍ରୀତିକର ସ୍ଥିତି ଜାରି

## ଆଗଉନି ଗୃହକାର୍ଯ୍ୟ



### ମାର୍ଶାଲ୍ ହସ୍ତକ୍ଷେପକୁ ନେଇ ଉପାଧ୍ୟକ୍ଷଙ୍କୁ ଖଡ଼୍‌ଗେଙ୍କ ଚିଠି

### କିଛି ସଦସ୍ୟ ଆକ୍ରାମକ ହେବାରୁ ଅଟକା ଗଲା: ରିଜିଜୁ

■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନ ଜାରି ରହିଛି। ଶୁକ୍ରବାର ଦଶମ ଦିନରେ ବି ଗୃହରେ ଅଚଳାବସ୍ଥା ଜାରି ରହିଛି। ଦୁଇ ଦିନ ଧରି ଉଭୟ ଗୃହରେ 'ଅପରେସନ୍ ସିନ୍ଦୂର' ବିତର୍କ ପରେ ସଂସଦ ଏକ ପ୍ରକାର ଅଚଳ ହୋଇପଡ଼ିଛି। ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ଦାବି ଉପସ୍ଥାପନ କରିବା ବେଳେ ହଟ୍ଟଗୋଳ ସ୍ଥିତି ଉପୁଜିଛି।

ଶୁକ୍ରବାର ବିରୋଧୀ ସଦସ୍ୟ ଉଭୟ ଗୃହରେ ବିହାର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆରକୁ ପ୍ରତ୍ୟାହାର ଦାବି କରିଛନ୍ତି। ଏହା ଉପରେ ଚର୍ଚ୍ଚା କରିବାକୁ କହିଛନ୍ତି। କିନ୍ତୁ ଉଭୟ ଗୃହର ଅଧ୍ୟକ୍ଷ ଏହା ଉପରେ ଚର୍ଚ୍ଚା ପାଇଁ ମନା କରିଦେବା ପରେ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ କୌଣସି ଗୃହକାର୍ଯ୍ୟ କିମ୍ବା ପ୍ରଶ୍ନକାଳ ଆଲୋଚନା ମଧ୍ୟ ହୋଇପାରି ନ ଥିଲା। ଉଭୟ ସଦନକୁ ବାରମ୍ବାର ମୁଲତବୀ କରାଗଲେ ବି ସ୍ଥିତି ସୁଧୁରି ନ ଥିଲା। ଆଜି ରାଜ୍ୟସଭାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ବିରୋଧୀ ସଦସ୍ୟଙ୍କୁ ଅଟକାଇବା ପାଇଁ ମାର୍ଶାଲଙ୍କୁ ଡକା ଯାଇଥିଲା। ଏଭଳି ପଦକ୍ଷେପକୁ ବିରୋଧୀ ସମାଲୋଚନା କରିଥିଲେ। ଏହା ଗଣତନ୍ତ୍ର ▶ପୃଷ୍ଠା-୭

## ସଂସଦରେ ଓଡ଼ିଶା ନାରୀ ହିଂସା

### ମୁଲତବୀ ନୋଟିସ ଖାରଜ

### ବିଜେଡି ସାଂସଦଙ୍କ ହଟ୍ଟଗୋଳ

■ **ନୂଆଦିଲ୍ଲୀ:** ରାଜ୍ୟସଭାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ଧରି ଉଠିଛି ଓଡ଼ିଶାରେ ନାରୀ ହିଂସା ପ୍ରସଙ୍ଗ। ବିଜେଡିର ସମସ୍ତ ୭ ଜଣ ସାଂସଦ ଓଡ଼ିଶାରେ ମହିଳା ଓ ଶିଶୁମାନଙ୍କ ବିରୋଧରେ କ୍ରମବର୍ଦ୍ଧିଷ୍ଣୁ ଘୃଣ୍ୟ ଅପରାଧ ବୃଦ୍ଧି ପ୍ରସଙ୍ଗରେ ଦେଇଥିବା ମୁଲତବୀ ନୋଟିସକୁ ଉପାଧ୍ୟକ୍ଷ ଖାରଜ ପ୍ରତିବାଦରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛି ବିଜେଡି। ଫଳରେ ଦ୍ୱିତୀୟ ଦିନ ପାଇଁ ରାଜ୍ୟସଭାକୁ କିଛି କାଳ ମୁଲତବୀ ରଖାଯାଇଛି।

ଗତକାଲି ଏ ସଂକ୍ରାନ୍ତରେ ବିଜୁ ଜନତା ଦଳ (ବିଜେଡି)ର ସମସ୍ତ ସାଂସଦଙ୍କ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଖାରଜ କରି ଦେଇଥିଲେ। ଏହାକୁ ନେଇ ଦଳର ସାଂସଦମାନେ ହଟ୍ଟଗୋଳ କରିବା ସହ ପ୍ରତିବାଦ ଜାରି ରଖିଥିଲେ। ଆଜି ପୁନର୍ବାର ରାଜ୍ୟସଭା ନିୟମାବଳୀର ନିୟମ ୨୬୭ ଅନୁଯାୟୀ ବିଜେଡି ସଦସ୍ୟମାନେ ମୁଲତବୀ ନୋଟିସ୍ ଦାଖଲ କରିଥିଲେ, ଯେଉଁଥିରେ ଓଡ଼ିଶାରେ ମହିଳା ଏବଂ ଶିଶୁମାନଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧର ଉଦବେଗଜନକ ବୃଦ୍ଧି ଉପରେ ତୁରନ୍ତ ମୁଲତବୀ ଆଲୋଚନା କରିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ବିଜେଡି ସାଂସଦମାନେ ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ଗୃହ ପରିଚାଳନା ସମ୍ଭବ ହୋଇ ନ ▶ପୃଷ୍ଠା-୭

## ବିହାର ଭୋଟର ତାଲିକା ସଂଶୋଧନ

# ବାଦ୍ ପଡ଼ିଲେ ୬୫ ଲକ୍ଷ

■ **ପାଟନା, ୧।୮ (ଏଜେନ୍ସି):** ବିହାର ଭୋଟର ତାଲିକା ସଂଶୋଧନ ପରେ ନିର୍ବାଚନ କମିଶନ ଜାରି କରିଛନ୍ତି ନୂତନ ଭୋଟର ତାଲିକା। ମାତ୍ର ଏହା ପ୍ରକାଶିତ ହେବା ପରେ ସାରା ଦେଶରେ ସରଗରମ ହୋଇଛି ରାଜନୀତି। ନୂତନ ଭୋଟର ତାଲିକାରୁ ୬୫, ୦୬, ୩୭୫ ନାମ ବାଦ ଦିଆଯିବାକୁ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଏହାକୁ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଛନ୍ତି ଓ ଏହି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବି କରୁଛନ୍ତି।

ସୂଚନା ଅନୁସାରେ ଗୋଟିଏ ଗୋଟିଏ ଲୋକସଭା କ୍ଷେତ୍ରରୁ ପ୍ରାୟ ୨ ଲକ୍ଷରୁ ଅଢ଼େଇ ଲକ୍ଷ ପର୍ଯ୍ୟନ୍ତ ଭୋଟରଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ସାରନ ଲୋକସଭା କ୍ଷେତ୍ରରେ ଭୋଟର ତାଲିକାରୁ ୨.୭୩ ଲକ୍ଷ ଲୋକଙ୍କ ନାମ କଟିଛି। ଭାଗଲପୁରରେ ୨.୪୪ ଲକ୍ଷ, ପଶ୍ଚିମ ଚମ୍ପାରନରେ ୧.୯୧ ଲକ୍ଷ, କିଶନଗଞ୍ଜରେ ୧.୪୬ ଲକ୍ଷ, ସହରସାରେ ୧.୩୧ ଲକ୍ଷ, ସୁପୋଲରେ ୧.୨୮ ଲକ୍ଷ, ଖଡ଼ଡ଼ିଆରେ ୭୯ରେ ୭୯ ହଜାର, ଶେଖପୁରାରେ ୨୬ ହଜାର ଭୋଟରଙ୍କ ନାମ ନୂଆ ସୂଚୀରେ ନ ଥିବା ଦେଖାଯାଇଛି।

ସେହିପରି ବେଗୁସରାଇ ଜିଲ୍ଲାରେ ମୋଟ ଭୋଟରଙ୍କ ସଂଖ୍ୟା ୨୨.୪୫ ଲକ୍ଷ ଥିବାବେଳେ ନୂଆ ତାଲିକାରେ ଏହା ୨୦.୭୭ ଲକ୍ଷକୁ ହ୍ରାସ ପାଇଛି। ଏଠାରେ ୧.୬୭ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି। ପାଟନାର ୧୪ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫୦.୪୭ ଲକ୍ଷ ମତଦାତାଙ୍କ ସୂଚୀରୁ ୩.୯୫ ଲକ୍ଷ ନାମ କଟାଯାଇଛି। ସମସ୍ତିପୁର ଜିଲ୍ଲାରେ ▶ପୃଷ୍ଠା-୭

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ



### ଶାହାରୁଖ, ମାସି ଶ୍ରେଷ୍ଠ ଅଭିନେତା

### ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ

■ **ଭୁବନେଶ୍ୱର, ୧।୮ (ସମିସ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ଏହି ତାଲିକାରେ ସ୍ଥାନ ପାଇଛି ଓଡ଼ିଆ ଫିଲ୍ମ 'ପୁଷ୍କରା'। ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ମିଳିବ। ୨୦୨୩ ମସିହା ଗଣେଶ ପୂଜାରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଓ ନାୟିକା ସୁପ୍ରିୟାଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଁଟିଛି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ "ନାଦବିନ୍ଦୁ' ଉପରେ ଆଧାରିତ 'ପୁଷ୍କରା'ରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତିଙ୍କ ଭଳି ଅନୁଭବୀ ଅଭିନେତା ଅଭିନୟ କରିଛନ୍ତି। ମୃତ୍ୟୁ ପରେ ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ଫିଲ୍ମର କଥାବସ୍ତୁ ପର୍ଯ୍ୟବସିତ। ▶ପୃଷ୍ଠା-୭

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

# ଲିକ୍ ପଛର ବଡ଼ ମୁଣ୍ଡ କିଏ ?

### ପୁଣି ଜଣେ ଶିକ୍ଷକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

### ସନ୍ଦେହଘେରରେ ବୋର୍ଡ କାର୍ଯ୍ୟାଳୟର ଏକାଧିକ ଅଧିକାରୀ ଓ କର୍ମଚାରୀ

■ **କଟକ, ୧।୮ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଭବାନୀପାଟଣାର ଆଉ ଜଣେ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)ଙ୍କୁ ଗିରଫ କରିଛି। ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୭ ଛୁଇଁଛି। ଏହି ଘଟଣାର ମୂଳଉତ୍ସ କୁହାଯାଉଥିବା କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟର ଜଣେ କର୍ମଚାରୀ (ଡାଟା ଏଣ୍ଟ୍ରି ଅପରେଟର୍)ଙ୍କୁ ଗିରଫ କରାଯାଇଥିଲା। ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରୁ ପ୍ରଶ୍ନପତ୍ର ଲିକ ହୋଇଥିଲା, ସେହି କାର୍ଯ୍ୟାଳୟର ଆଉ କିଏ ବଡ଼ ମୁଣ୍ଡ ତଥା ଅଧିକାରୀ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ନା ନାହିଁ। କିନ୍ତୁ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିରବ ରହିଛି। ଯଦିଓ ଏ ଦିଗରେ ତଦନ୍ତ ଅଗ୍ରଗତି କରିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର। ଏପରିକି, ବୋର୍ଡର କେତେଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ଏହି ଘଟଣାରେ ପଚରାଉଚରା ଚାଲିଛି ବୋଲି କୁହାଯାଇଛି। ▶ପୃଷ୍ଠା-୭

## ଅଗଷ୍ଟ ୩୧ରେ ଓଟିଇଟି ପରୀକ୍ଷା

■ **କଟକ, ୧।୮ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଆଜି ସାନି ସମୟ ନିର୍ଘଣ୍ଟ ପ୍ରକାଶ ପାଇଛି। ଗତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ପାଇଁ ସ୍ଥଗିତ ରଖାଯାଇଥିଲା ବେଳେ ବୋର୍ଡ ପକ୍ଷରୁ ସାନି ତାରିଖ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୧ ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ୧୧ଟା ପର୍ଯ୍ୟନ୍ତ ଓ ପେପର-୨ ▶ପୃଷ୍ଠା-୭

# ୫ ପ୍ରସ୍ତାବକୁ କ୍ୟାବିନେଟ ମୋହର

### ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ସଂଶୋଧନ

### ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ପାଇଁ ସମ୍ପ୍ରସାରଣ

■ **ଭୁବନେଶ୍ୱର, ୧।୮ (ସମିସ):** ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଉପରେ ବାଜିଛି ମୋହର। ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟ ସଚିବ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଦ୍ରବ୍ୟ ଓ ସେବାର କର ଅଧିନିୟମ ୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସ୍ଥାକୁ ସରଳ କରାଯାଇଛି। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱହାନି ଆଶଙ୍କାକୁ ଏଡ଼ାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ ଟିକସର ୧୦ ପ୍ରତିଶତ ଶାସ୍ତି ରାଶି ଆଦାୟ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ ର ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ିବ ଓ ▶ପୃଷ୍ଠା-୭






## 'ଦମନ' ବାଟବଣା

# ରାଜ୍ୟରେ ମ୍ୟାଲେରିଆ ଉପରମୁହାଁ

### ମଶା ଦାଉରେ କଲବଲ ଓଡ଼ିଶା

### ଜନସାଧାରଣଙ୍କ ପାଖରେ ପହଞ୍ଚିପାରୁନି ଔଷଧୀୟ ମଶାରି




■ **ଭୁବନେଶ୍ୱର, ୧।୮ (ସମିସ):** ୨୦୨୭ ସୁଦ୍ଧା ଦେଶକୁ ମ୍ୟାଲେରିଆ ମୁକ୍ତ କରାଯିବାକୁ କେନ୍ଦ୍ର ସରକାର କରିଥିବା ଘୋଷଣା ୨୦୩୦କୁ ଘୁଞ୍ଚାଇଛନ୍ତି। ମାତ୍ର ବର୍ତ୍ତମାନ ପୂର୍ବ, ଉତ୍ତରପୂର୍ବ ଓ ଦକ୍ଷିଣଭାରତରେ ମ୍ୟାଲେରିଆର ସ୍ଥିତିକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ କେବେ ପୂରଣ ହେବ ତାହା କହି ହେଉ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶା ପରି ରାଜ୍ୟରେ 'ଦମନ' ଭଳି ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଏବେ ବାଟବଣା ହେବା ଯୋଗୁଁ ଦୀର୍ଘଦିନ ଧରି ନିମ୍ନଗାମୀ ହୋଇ ଚାଲିଥିବା ଗ୍ରାଫ୍ ଏବେ ପୁଣି ଉପରମୁହାଁ ହେବାରେ ଲାଗିଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲ୍ଲା ଗୁଡ଼ିକରେ ମ୍ୟାଲେରିଆ ଚିହ୍ନଟ ପ୍ରତି ବର୍ଷ ରେକର୍ଡ ଭାଙ୍ଗୁଛି। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ ଆଦି ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍‌ଭିବିଡିସିପି) ତଥ୍ୟ ଅନୁସାରେ ଗତ ୩ ବର୍ଷ ହେଲା ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବ ସରକାର କାର୍ଯ୍ୟକାରୀ କରୁଥିବା 'ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ'(ଦମନ) ଯୋଜନା ଏବେ ଆପାତତଃ ମୃତପ୍ରାୟ। ଫଳରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ମ୍ୟାଲେରିଆ ପ୍ରବଣ ରାଜ୍ୟକୁ ମ୍ୟାଲେରିଆ ମୃତ୍ୟୁରେ ଓଡ଼ିଶା ପଛରେ ପକାଇ ଦେଇଛି। ୨୦୨୪ ମସିହାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଢ଼ କୋଟି ଔଷଧୀୟ ମଶାରି ମାଗିଥିଲେ। ମାତ୍ର ସେହି ମଶାରି ଆସିଲା କି ନାହିଁ, ବଣ୍ଟନ ହେଲା କି ନାହିଁ ତାହାର ସଠିକ୍ ସୂଚନା ଜନସ୍ୱାସ୍ଥ୍ୟ ବିଭାଗରେ ଉପଲବ୍ଧ ନାହିଁ।

ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା। ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରିରେ ମଶା ବସି ପାରୁ ନ ଥିଲେ। ଫଳରେ ମ୍ୟାଲେରିଆ ରୋକିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ▶ପୃଷ୍ଠା-୭

## ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ମାଗିଲା ଆମେରିକା



ୱାଶିଂଟନ, ୧।୮ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପୁରସ୍କାର ନିଶା ଘାରିଛି। ଏହା ପୁଣି ଯାହା ତାହିଆ ପୁରସ୍କାର, ନୋବେଲ ଶାନ୍ତି ପୁରସ୍କାର। ପାକିସ୍ତାନ, ଇସ୍ରାଏଲ ପରେ ଏବେ ଖୋଦ୍ ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ହ୍ୱାଇଟ ହାଉସ ପକ୍ଷରୁ ଟ୍ରମ୍ପଙ୍କୁ ଏହି ପୁରସ୍କାର ଦେବାକୁ ଦାବି କରାଯାଇଛି। ଆମେରିକାରୁ ବିଦେଶୀ ନାଗରିକଙ୍କୁ ଅକଥନୀୟ ନିର୍ଯାତନା ଦେଇ ନିଜ ଦେଶକୁ ପଠାଇଥିବା ଟ୍ରମ୍ପଙ୍କ ସପକ୍ଷରେ ହ୍ୱାଇଟ ହାଉସ ସଚିବ କ୍ୟାରୋଲାଇନ ଲେଭିଟ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପ ୬ ମାସର କାର୍ଯ୍ୟକାଳରେ ବିଶ୍ୱରେ ୬ଟି ସଂଘର୍ଷକୁ ବନ୍ଦ କଲେଣି। ଏହା ମଧ୍ୟରେ ଇସ୍ରାଏଲ-ଇରାନ, ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ରୱାଣ୍ଡା-କଙ୍ଗୋ, ସର୍ବିଆ କୋସାଭୋ ଏବଂ ଇଜିପ୍ଟ-ଇଥୋପିଆ ସଂଘର୍ଷ ସାମିଲ ରହିଛି। ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ତେବେ ଭାରତ ଟ୍ରମ୍ପଙ୍କ ଦାବିକୁ ଖାରଜ କରିଦେଇଥିଲା। ଏହା ପୂର୍ବରୁ ଗତ ମାସରେ ଟ୍ରମ୍ପ ମଧ୍ୟ ନିଜ ପାଇଁ ନୋବେଲ ଶାନ୍ତି ପୁରସ୍କାର ଦାବି କରିଥିଲେ।

## ୪ ବର୍ଷ ପରେ ମ୍ୟାଁମାର୍‌ରୁ ଏମର୍ଜେନ୍ସି ହଟିଲା



ନାପିଡ୍ୟ, ୧।୮ (ଏଜେନ୍ସି): ଦୀର୍ଘ ୪ ବର୍ଷ ପରେ ମ୍ୟାଁମାର ସାମରିକ ସରକାର ଜୁଣ୍ଟା ଦେଶରୁ ଏମର୍ଜେନ୍ସି (ଜରୁରୀ ସ୍ଥିତି) ହଟାଇ ଦେଇଛନ୍ତି। ଡିସେମ୍ବରରେ ନିର୍ବାଚନ କରାଇବାକୁ ସାମରିକ ଶାସକ ସିନିୟର ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗ ଘୋଷଣା କରିଛନ୍ତି। ଜୁଣ୍ଟା ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଏକ ଟିଭିକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ଆମେ ଗଣତନ୍ତ୍ର ଚାହୁଁଛୁ। କିନ୍ତୁ ଦେଶରେ ଚାଲୁଥିବା ହିଂସା ଏବଂ ବିକ୍ଷୋଭ ଯୋଗୁଁ ଲୋକେ ନିର୍ବାଚନର ନିରପେକ୍ଷତା ଉପରେ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ ହ୍ଲାଇଙ୍ଗ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ପ୍ରାଶାସନିକ ପରିଷଦର ପଦ ଛାଡ଼ି ଦେଇଛନ୍ତି। କିନ୍ତୁ ସେ ନୂଆ ବ୍ୟବସ୍ଥାରେ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ପାଲଟି ଯାଇଛନ୍ତି। ଏହା ଦ୍ୱାରା ତାଙ୍କ କ୍ଷମତା ଅଧିକ ବୃଦ୍ଧି ପାଇଛି। ଏବେ ସବୁ ସରକାରୀ ଦାୟିତ୍ୱ ସେନା ନିୟନ୍ତ୍ରିତ 'ନ୍ୟାସନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି କାଉନସିଲ' ପାଖରେ ରହିଛି। ଏହି ପରିଷଦ 'ରାଜ୍ୟ ସୁରକ୍ଷା ଏବଂ ଶାନ୍ତି କମିଶନ' ଗଠନ କରିଛି। ତେବେ ଏହାର ନେତୃତ୍ୱ ହ୍ଲାଇଙ୍ଗ ନେଉଛନ୍ତି।

## ଆପ୍ ମନ୍ତ୍ରୀଙ୍କୁ ବିଦେଶ ଗସ୍ତ ମନା



ଅମୃତସର, ୧।୮ (ଏଜେନ୍ସି): ପଞ୍ଜାବର ଶକ୍ତିମନ୍ତ୍ରୀ ହରଭଜନ ସିଂହ ଇଟିଓଙ୍କୁ ବଡ଼ ଝଟ୍‌କା ଲାଗିଛି। କେନ୍ଦ୍ର ସରକାର ତାଙ୍କୁ ଆମେରିକା ଗସ୍ତ ପାଇଁ ଅନୁମତି ଦେଇନାହାନ୍ତି। ସେ ବୋଷ୍ଟନ ଏବଂ ମାସାଚୁସେଟ୍ସରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାସନାଲ କନଫରେନ୍ସ ଅଫ୍ ଷ୍ଟେଟ ଲେଜିଲେଟର୍ସ (ଏନ୍‌ସିଏସ୍‌ଏଲ) ଲେଜିସଲେଟିଭ ସମିଟ୍ ଲାଗି ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆମେରିକା ଯାଇଥାନ୍ତେ। ଏହା ସାରା ବିଶ୍ୱର ବିଧାନସଭା ନେତା, ନୀତି ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରଣକାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ। ମନ୍ତ୍ରୀଙ୍କ ଅନୁମତି ଦିଆଯାଇ ନ ଥିବା ନେଇ କେନ୍ଦ୍ର ପକ୍ଷରୁ ଗୁରୁବାର ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। କ୍ରମାଗତ ପଞ୍ଚମ ଥର ପାଇଁ ଆମ ଆଦମୀ ପାର୍ଟି ସରକାରର କୌଣସି ନେତା ତଥା ବରିଷ୍ଠ ପଦାଧିକାରୀଙ୍କୁ ବିଦେଶ ଗସ୍ତ ପାଇଁ କେନ୍ଦ୍ର ଅନୁମତି ଦେଇନାହିଁ। ଏହି ଘଟଣା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦକୁ ଅଧିକ ଉଗ୍ର କରିବ ବୋଲି କୁହାଯାଉଛି। ଏନ୍‌ସିଏସ୍‌ଏଲ୍ ଏବଂ ଏହାର ଭାରତୀୟ ଶାଖା ପଞ୍ଜାବ ମନ୍ତ୍ରୀଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିଥିଲା।

## ରାଜନୀତି ଛାଡ଼ିଲେ କମଳା ହ୍ୟାରିସ୍

ୱାଶିଂଟନ୍, ୧।୮ (ଏଜେନ୍ସି): ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି କମଳା ଦେବୀ ହ୍ୟାରିସ୍ ରାଜନୀତି ଛାଡିବାକୁ ଘୋଷଣା କରିଛନ୍ତି। ଏକ ସାକ୍ଷାତକାର ଦେବା ଅବସରରେ ସେ ଏହି ଘୋଷଣା କରିଛନ୍ତି। ଏବେ ସେ କୌଣସି ରାଜନୈତିକ ପଦ ପାଇଁ ଆଉ ନିର୍ବାଚନ ଲଢିବେ ନାହିଁ। ଏପରିକି ସେ କାଲିଫର୍ଣ୍ଣିଆ ଗଭର୍ନର ପଦ ପାଇଁ ମଧ୍ୟ ଲଢିବେ ନାହିଁ ବୋଲି ସେ କହିଛନ୍ତି। ଆମେରିକାରେ ରାଜନୈତିକ ପ୍ରଣାଳୀ ଭୁଶୁଡ଼ି ପଡ଼ିଛି ଓ ଏହି ଲୋକତାନ୍ତ୍ରିକ ମୂଲ୍ୟକୁ ରକ୍ଷା କରିବାକୁ ସେତେଟା ଦୃଢ଼ ନୁହଁ ବୋଲି ସେ କହିଛନ୍ତି। କାଲିଫର୍ଣ୍ଣିଆର ଗଭର୍ନର ଭାବେ କାର୍ଯ୍ୟ କରିଥିବା କମଳା କହିଛନ୍ତି ଯେ, ସେ ସମ୍ପୂର୍ଣ୍ଣ ରାଜନୈତିକ କ୍ୟାରିଅରରେ ସେ ଜନତାଙ୍କ ସେବା କରିଆସିଛନ୍ତି। ତାଙ୍କ ଦ୍ୱାରା ଲିଖିତ ବହି '୧୦୭ ଡେଜ' ସେପ୍ଟେମ୍ବର ୨୩ରେ ଉନ୍ମୋଚିତ ହେବ। ଏଥିରେ ସେ ନିଜର ବ୍ୟକ୍ତିଗତ ଓ ରାଜନୈତିକ ଜୀବନ ନେଇ ବହୁତ କଥା ଓ ଅଭିଜ୍ଞତା ଉଲ୍ଲେଖ କରିଛନ୍ତି। ଓକିଲାତିରୁ ସେ ରାଜନୀତି କ୍ଷେତ୍ରରେ ପ୍ରବେଶ କରି ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଥିଲେ। ମାତ୍ର ୭ ବର୍ଷ ମଧ୍ୟରେ ସେ ରାଷ୍ଟ୍ରପତି ପ୍ରାର୍ଥୀ ହେବାରେ ସକ୍ଷମ ହୋଇଥିଲେ।

## ରାଜସ୍ଥାନରେ ୬୯ ବର୍ଷରେ ସର୍ବାଧିକ ୨୮୫ମିମି ବର୍ଷା

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦେଶବ୍ୟାପୀ ଜୁଲାଇରେ ଜବରଦସ୍ତ ବର୍ଷା ହୋଇଛି। ରାଜସ୍ଥାନରେ ଚଳିତ ମୌସୁମୀରେ ୨୮୫ ମିମି ବର୍ଷା ହୋଇଛି। ଗତ ୬୯ ବର୍ଷରେ ରାଜସ୍ଥାନରେ ଏଥିସହ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ପୂର୍ବରୁ ୧୯୫୬ରେ ରାଜସ୍ଥାନରେ ସର୍ବାଧିକ ୩୦୮ମିମି ବର୍ଷା ହୋଇଥିଲା। ସେହିପରି ମଧ୍ୟପ୍ରଦେଶରେ ଗ୍ୱାଲିୟର ସମେତ ୧୦ ଜିଲ୍ଲାରେ ବର୍ଷା କୋଟା ପୂରଣ ହୋଇଛି। ରାଜ୍ୟର କେତୋଟି ଜିଲ୍ଲାରେ ବନ୍ୟା ଆସିଛି। ଅନ୍ୟପଟେ ହିମାଚଳ ପ୍ରଦେଶର ମଣ୍ଡି ନିକଟରେ ଚଣ୍ଡିଗଡ଼-ମନାଲୀ ଜାତୀୟ ରାଜପଥରେ ଭୂସ୍ଖଳନ ହୋଇଛି। ଫଳରେ ରାଜପଥ ବନ୍ଦ ହୋଇଛି। କ୍ରମାଗତ ବର୍ଷା ଯୋଗୁଁ ଏହି ଭୂସ୍ଖଳନ ହୋଇଛି। ରାସ୍ତା ସଫା କରିବାକୁ ଅଧିକାରୀମାନେ ଲାଗି ପଡ଼ିଛନ୍ତି। ସେହିପରି ଆସାମ, ମେଘାଳୟ ଓ ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଝାଡଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ବିହାର, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଛତିଶଗଡ଼ ସମେତ ୨୧ଟି ରାଜ୍ୟରେ ହଲକା ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

## ଏକାଠି ଡାକ୍ତରୀ ପଢ଼ିବେ ମା-ଝିଅ

ଚେନ୍ନଇ, ୧।୮ (ଏଜେନ୍ସି): ତାମିଲନାଡୁରେ ଜଣେ ୪୯ ବର୍ଷୀୟ ଫିଜିଓଥେରାପିଷ୍ଟ ମା ଓ ତାଙ୍କ ଝିଅ ମେଡିକାଲର ରାଷ୍ଟ୍ରୀୟ ପ୍ରବେଶ ପରୀକ୍ଷା ନିଟ୍‌ରେ ପାସ୍ କରି ଇତିହାସ ସୃଷ୍ଟି କରିଛନ୍ତି। ମା ଅମୁଥାଭାଲ୍ଲି ମଣିଭନନ୍ ପ୍ରଥମଥର ପାଇଁ ଝିଅ ସହ ନିଟ୍ ପରୀକ୍ଷା ଦେଇଥିଲେ ଓ ଦୁହେଁ ଭଲ ର୍‍ୟାଙ୍କରେ ପାସ କରିଛନ୍ତି। ୩ ଦଶନ୍ଧି ତଳେ ଡାକ୍ତର ହେବାକୁ ତାଙ୍କର ଇଚ୍ଛା ଥିଲା। କିନ୍ତୁ ସେତେବେଳେ ତାଙ୍କୁ ଏମ୍‌ବିବିଏସ୍ ସିଟ୍ ନ ମିଳିବାରୁ ସେ ଫିଜିଓଥେରାପିରେ ଡିଗ୍ରୀ ହାସଲ କରିଥିଲେ। ତେଣୁ ଏବେ ଡାକ୍ତରୀ ପଢ଼ିବାର ତାଙ୍କର ପୁରୁଣା ଇଚ୍ଛା ଶେଷରେ ପୂରଣ ହୋଇଛି। ଏବେ ମା ଓ ଝିଅ ସାଥି ହୋଇ ଏମ୍‌ବିବିଏସ୍ ପାଠ ପଢ଼ା ଆରମ୍ଭ କରିବେ। ମାଙ୍କୁ ସରକାରୀ ମେଡିକାଲ କଲେଜରେ ଆଡମିସନ ମିଳିବ। ଝିଅ ସମ୍ୟୁକ୍ତା କୃପାଳିନୀଙ୍କୁ ମଧ୍ୟ ସେ ନିଟ୍ ପରୀକ୍ଷା ପାଇଁ ପସ୍ତୁତିରେ ସାହାଯ୍ୟ କରୁଥିଲେ। ନିଟ୍ ପାଇଁ ଝିଅ ପ୍ରସ୍ତୁତ ହେଉଥିବା ବେଳେ ମାଙ୍କ ମଧ୍ୟ ପରୀକ୍ଷା ଦେବାକୁ ଇଚ୍ଛା ଯାଗ୍ରତ ହୋଇଥିଲା। ସ୍ୱାମୀ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ସ୍ୱାମୀ ତାଙ୍କୁ ବହୁତ ସାହଯ୍ୟ କରିବା ସହ ଉତ୍ସାହିତ କରିଛନ୍ତି ବୋଲି ଅମୁଥାଭାଲ୍ଲି କହିଛନ୍ତି।

## କୋଲକାତାରୁ ବାଂଲାଦେଶୀ ମଡେଲ ଗିରଫ

କୋଲକାତା, ୧।୮ (ଏଜେନ୍ସି): କୋଲକାତାର ଯାଦବପୁର ଅଞ୍ଚଳରେ ରହୁଥିବା ଜଣେ ବାଂଲାଦେଶୀ ମଡେଲଙ୍କୁ ଗିରଫ କରାଯାଇଛି। କୋଲକାତାର ଆଣ୍ଟି ରାୱଡି ସ୍କ୍ୱାଡ ତାଙ୍କୁ ଏକ ଭଡାଘରୁ ଗରିଫ କରିଛି। ଏହି ମଡେଲ ହେଉଛନ୍ତି ୨୮ ବର୍ଷୀୟା ଶାନ୍ତା ପାଲ। ସେ ବାଂଲାଦେଶର ବରିଶାଲର ବାସିନ୍ଦା। ତାଙ୍କ ପାଖରେ ଭିସା ନଥିଲା। କିନ୍ତୁ ଦୁଇଟି ଆଧାର କାର୍ଡ, ଭୋଟର ଆଇଡି, ରାଶନ କାର୍ଡ ତାଙ୍କ ପାଖରେ ଥିଲା। ପୁଲିସ ତାଙ୍କଠାରୁ ବହୁ କାଗଜପତ୍ର ଜବତ କରିଛି। ତାଙ୍କୁ କୋର୍ଟରେ ହାଜର କରାଯାଥିଲା। ତାଙ୍କୁ ଅଗଷ୍ଟ ୮ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶାନ୍ତା ବାଂଲାଦେଶରେ ଜଣେ ଟିଭି ଆଙ୍କର ଓ ଅଭିନେତ୍ରୀ ଭାବେ କାର୍ଯ୍ୟ କରି ସଫଳତା ହାସଲ କରିଛନ୍ତି। ସେ ବିଭିନ୍ନ ବ୍ୟୁଟି କଣ୍ଟେଷ୍ଟରେ ଅଂଶଗ୍ରହଣ କରିଥିଲେ। କେତେକ ଅଭିଯୋଗ ଆଧାରରେ ତାଙ୍କୁ ଗରିଫ କରାଯାଇଛି ଓ ଏ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହିଛି। ସେ ୨୦୨୪ରୁ ଜଣେ ପୁରୁଷଙ୍କ ସହ ଭଡା ଘରେ ରହିଆସୁଥିଲେ। ସେ କିଭଳି ଭାବେ ଆଧାରକାର୍ଡ ଓ ରାସନ କାର୍ଡ ହାସଲ କରିଥିଲେ ସେ ନେଇ ତଦନ୍ତ ଚାଲୁ ରହିଛି।

### ନିର୍ବାଚନ କମିଶନଙ୍କୁ ରାହୁଲ ଗାନ୍ଧୀଙ୍କ ଧମକ

# ଭୋଟ ଚୋରି କରୁଛନ୍ତି ନିର୍ବାଚନ ଅଧିକାରୀ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୯ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଧମକ ଦେଇଛନ୍ତି। ଶୁକ୍ରବାର ସଂସଦ ବାହାରକୁ ଆସିବା ସମୟରେ ଗଣମାଧ୍ୟମ ସହ ଆଲୋଚନା ବେଳେ କଂଗ୍ରେସ ସାଂସଦ ସଙ୍ଗୀନ ଅଭିଯୋଗ ଲଗାଇଛନ୍ତି। ନିର୍ବାଚନ କମିଶନ ହିଁ ଭୋଟ ଚୋରି କରୁଥିବା କହିଛନ୍ତି। ଆମ ପାଖରେ ପରମାଣୁ ବୋମା ରହିଛି। ଯେତେବେଳେ ଏହା ଫାଟିବ ନିର୍ବାଚନ କମିଶନ ବଞ୍ଚିବେ ନାହିଁ। ଭୋଟ ଚୋରି କରିବାର କାମ କରୁଥିବା ନିର୍ବାଚନ କମିଶନଙ୍କୁ ଆମେ ଛାଡ଼ିବୁ ନାହିଁ। ସେ ଭାରତ ବିରୋଧରେ କାମ କରୁଛନ୍ତି। ଏହା ଦେଶଦ୍ରୋହ। ଯେଉଁଠି ଥିଲେ ବି, ଏମିତିକି ଅବସର ଗ୍ରହଣ କରି ସାରିଥିଲା ପରେ ବି ଆମେ ଖୋଜି ଖୋଜି ବାହାର କରିବୁ ବୋଲି ରାହୁଲ ଧମକ ଦେଇଛନ୍ତି।

ଏହା ପୂର୍ବରୁ ଗତ ୨୪ ତାରିଖରେ ରାହୁଲ କହିଥିଲେ ଯେ ସେ ନିର୍ବାଚନ କମିଶନଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ଯଦି ଏଥିରୁ ନିର୍ବାଚନ କମିଶନ କିମ୍ବା ନିର୍ବାଚନ ଅଧିକାରୀ ବଞ୍ଚିଯିବେ ବୋଲି ଲାଗୁଛି ତେବେ ଏହା ଭୁଲ ଧାରଣା। ଆମେ ବର୍ତ୍ତିଯିବାକୁ ଦେବୁ ନାହିଁ। ଅନ୍ୟପକ୍ଷରେ ଆଜି ନିର୍ବାଚନ କମିଶନ ରାହୁଲଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ ଲଗାଇଥିବା ଗମ୍ଭୀର ଅଭିଯୋଗକୁ ଖାରଜ କରିଦେଇଛନ୍ତି। ରାହୁଲଙ୍କୁ ୫ଟି ଜବାବ ଦେବା ସହିତ ଧମକକୁ ନେଇ ନିଜ ଅଧିକାରୀ ମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ରାହୁଲ ଗାନ୍ଧୀଙ୍କୁ ଚଳିତ ବର୍ଷ ଜୁନ୍ ୧୨ରେ ଏକ ମେଲ ପଠା ଯାଇଥିଲା। ମାତ୍ର ସେ ଏ ପର୍ଯ୍ୟନ୍ତ ଆସୁନାହାନ୍ତି। ସେହି ଦିନ ପୁଣି ଏକ ଚିଠି ଲେଖା ଯାଇଥିଲା, କିନ୍ତୁ ରାହୁଲ ଏହାର ବିବ ଜବାବ ଦେଇ ନ ଥିଲେ। ସେ କେବେ ବି କୌଣସି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କୌଣସି ଚିଠି ଦେଇ ନାହାନ୍ତି। ରାହୁଲ ବହୁତ ଅଜବ ଲୋକ। ଖାଲି ଆଧାରହୀନ ଅଭିଯୋଗ ଲଗାଉଛନ୍ତି। ଏବେ ନିର୍ବାଚନ କମିଶନ ଏବଂ ଏହାର କର୍ମଚାରୀଙ୍କୁ ଧମକାଇବା ଆରମ୍ଭ କରିଦେଇଛନ୍ତି। ଏଭଳି ଆଧାରହୀନ ଅଭିଯୋଗକୁ ଅଣଦେଖା କରିବାକୁ ଇସି ନିଜ ଅଧିକାରୀଙ୍କୁ କହିଛନ୍ତି। କ୍ରମାଗତ ଦିଆଯାଉଥିବା ଧମକ ସତ୍ତ୍ୱେ ପୂର୍ବ ଭଳି ନିରପେକ୍ଷ ଏବଂ ସଚ୍ଚୋଟତାର ସହ କାମ କରିଚାଲନ୍ତୁ। ଜରୁରୀ ହୋଇ ନ ଥିବା ବୟାନକୁ ଅଣଦେଖା କରନ୍ତୁ।

**ଅବସର ନେଲା ପରେ ବି ଛାଡ଼ିବୁନି**

**ପାଖରେ ପରମାଣୁ ବୋମା ଅଛି; ଫାଟିଲେ ଇସି ବଞ୍ଚିବେନି**

**ଅଧିକାରୀଙ୍କୁ ପରାମର୍ଶ ଦେଲେ ନିର୍ବାଚନ କମିଶନ**

**ଏଭଳି ଧମକକୁ ଧ୍ୟାନ ନ ଦେଇ ନିରପେକ୍ଷ ଭାବେ କାମ କର**

### ସୁପ୍ରିମକୋର୍ଟଙ୍କ ଚେତାବନୀ

## ନକ୍ସାରୁ ଅଦୃଶ୍ୟ ହୋଇଯିବ ହିମାଚଳ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତର ମାନଚିତ୍ରରୁ ହିମାଚଳ ପ୍ରଦେଶ ଅଦୃଶ୍ୟ ହୋଇଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ଏକ ମାମଲାର ଶୁଣାଣି କରିବା ଅବସରରେ ହିମାଚଳ ପର୍ଯ୍ୟାବରଣ ସଂକଟକୁ ନେଇ କୋର୍ଟ ଚିନ୍ତା ପ୍ରକଟ କରି ଏହା କହିଛନ୍ତି। ଯଦି ଏହି ରାଜ୍ୟର ପର୍ଯ୍ୟବରଣ ନେଇ ଧ୍ୟାନ ଦିଆ ନଯାଏ ତେବେ ହିମାଚଳର ବିପର୍ଯ୍ୟୟ ନିଶ୍ଚିତ ବୋଲି କୋର୍ଟ ସତର୍କ କରାଇଦେଇଛନ୍ତି। ଏଥିସହ କୋର୍ଟ ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ଏହି ସଂକଟର ସାମ୍ନା କରିବା ନେଇ ଆକ୍ସନ ପ୍ଲାନ ଅର୍ଥାତ କାର୍ଯ୍ୟ ଯୋଜନା ଉପସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଜେବି ପର୍ଦ୍ଦିୱାଲା ଓ ଆର ମାହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଘରୋଇ କମ୍ପାନୀର ଚ୍ୟାଲେଞ୍ଜକୁ ଖାରଜ କରିବା ଅବସରରେ ଏହି କଥା କହିଛନ୍ତି। ଉଲ୍ଲେଖଥାଉ କି, ଶ୍ରୀ ତାରା ମାତା ହିଲ୍‌କୁ ସବୁଜ କ୍ଷେତ୍ର ଘୋଷିତ କରାଯାଇଥିଲା ଓ ଏଠାରେ ନୂଆ ନିର୍ମାଣ ଉପରେ ରୋକ ଲଗାଯିବା ନେଇ ଅଧିସୂଚନା ଜାରି କରାଯାଇଥିଲା। କିନ୍ତୁ ଏହି ଅଧିସୂଚାନକୁ ପ୍ରିଷ୍ଟିନ ହୋଟେଲ୍ସ ଆଣ୍ଡ ରିସର୍ଟ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ ଚ୍ୟାଲେଞ୍ଜ କରିଥିଲା ଓ ସୁପ୍ରିମ କୋର୍ଟ ଏହାକୁ ଖାରଜ କରିବା ସହ ଏହି ସତର୍କତା ଜାରି କରିଛନ୍ତି। ଏହି ଅଧିସୂଚନାକୁ ହାଇକୋର୍ଟ ବଜାୟ ରଖିବା ସହ କମ୍ପାନୀର ଆବଦନକୁ ଖାରଜ କରିଥିଲେ। ଫଳରେ କମ୍ପାନୀ ସୁପ୍ରିକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲା। ହିମାଚଳରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରକୃତି ନୁହଁ ବରଂ ମନୁଷ୍ୟକୃତ କାର୍ଯ୍ୟକଳାପ ହିଁ ଦାୟୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନିୟନ୍ତ୍ରିତ ନିର୍ମାଣ, ସଡକ ପ୍ରଶସ୍ତିକରଣ, ଜଳ ବିଦ୍ୟୁତ ପରିଯୋଜନା ଓ ଜଙ୍ଗଲ ସଫା କରିବା ପ୍ରକ୍ରିୟା ହିଁ ଏହି ସଂକଟ ସୃଷ୍ଟି କରିଛି। ଯଥାଶୀଘ୍ର ଏ ସବୁ କାର୍ଯ୍ୟକଳାପକୁ ରୋକାଯିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି।

### ମେଡ୍ ଦୁଷ୍କର୍ମ ମାମଲା

## ଜେଡିଏସ୍ ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନା ଦୋଷୀ



ମହିସୂର, ୧।୮ (ଏଜେନ୍ସି): ପୂର୍ବତନ ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଏଚ୍‌ଡି ଦେବଗୌଡାଙ୍କ ନାତି ପ୍ରଜ୍ୱଳ ରେଭନ୍ନା ମେଡ୍‌ଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଦୋଷୀ ବୋଲି ଅବିହିତ କରିଛନ୍ତି। ଶନିବାର କୋର୍ଟ ତାଙ୍କୁ ରାୟ ଦେବା ସହ ଦଣ୍ଡବିଧାନ କରିବେ। କୋର୍ଟ ତାଙ୍କ ନିଷ୍ପତ୍ତି ଶୁଣାଇବା ପରେ ୩୪ ବର୍ଷୀୟ ରେଭନ୍ନା ବେଶ୍ ଭାବୁକ ହୋଇଥିଲେ ଓ ବାହାରକୁ ଆସିବା ବେଳେ କାନ୍ଦୁଥିବାର ଦେଖାଯାଇଥିଲା।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ କରିବା ନେଇ ଥାନାରେ ଅଭିଯୋଗ କରିଥିଲେ। ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ନହେଲେ ଅଶ୍ଳୀଳ ଚିତ୍ର ଲିକ୍ କରିବାକୁ ଧମକ ଦେଇଥିଲେ। ତାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଜୁଲାଇ ୧୮ ରେ ଏହି ମାମଲାରେ କୋର୍ଟ ଶୁଣାଣି ପୂରା କରିଥିଲେ। ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା। ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି। କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ସେ ଦେଶ ଛାଡି ୩୫ ଦିନ ବିଦେଶରେ ରହିଥିଲେ। ଜେଜେ ତଥା ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା ତାଙ୍କୁ ସ୍ୱଦେଶ ଫେରିବାକୁ ଚେତାବନୀ ଦେଇଥିଲେ। ତାଙ୍କ ବିରୋଧରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି। ଦୁଷ୍କର୍ମ ଓ ଯୌନ ଉତ୍ପୀଡନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ଦେବା ନେଇ ୪ଟି ମାମଲା ରୁଜୁ କରାଯାଇଛି। ରେଭନ୍ନାଙ୍କ ଜେଜେ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା, ଦାଦା ଏଚ୍‌ଡି କୁମାରସ୍ୱାମୀ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପିତା ପୂର୍ବତନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।

## ଆମେରିକାଠୁ ଏଫ୍-୩୫ ଲଢୁଆ ବିମାନ କିଣିବନି ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କୂଟନୈତିକ ସମ୍ପର୍କରେ ଅବନତୀ ପରିଲକ୍ଷିତ ହୋଇଛି। ଫଳରେ ଭାରତ ଆମେରିକାଠାରୁ ଏଫ୍-୩୫ ଲଢୁଆ ଷ୍ଟେଲ୍‌ଥ ବିମାନ କିଣିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏ ନେଇ ହୋଇଥିବା ଏକ ଚୁକ୍ତିକୁ ଭାରତ ଆକାମୀ କରିଛି। ଆମେରିକାଠୁ ଭାରତ ଏହି ବିମାନ କ୍ରୟ କରିବାକୁ ରୁଚି ରଖୁନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ଅବସରରେ ଏହି ବିମାନ କ୍ରୟ କରିବା ନେଇ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ। ଭାରତ ଏବେ ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ଯୁଦ୍ଧ ସରଞ୍ଜାମ ନିର୍ମାଣ କରିବା ଲକ୍ଷ୍ୟରେ ରହିଛି।

## ଖରାପ୍ ଇଞ୍ଜିନ୍ ସତ୍ତ୍ୱେ ୧୨୦ କିମି ବିମାନ ଚଳାଇ ୩୦୬ ଜୀବନ ବଞ୍ଚାଇଲେ ପାଇଲଟ୍

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାରା ବିଶ୍ୱରେ ବିମାନ ଦୁର୍ଘଟଣା ସଂଖ୍ୟା ଓ ଉଦାହଣଣ ବହୁତ ରହିଛି। କିନ୍ତୁ ନିଶ୍ଚିତ ଦୁର୍ଘଟଣାରୁ ବିମାନ ଅଳ୍ପକେ ବର୍ତ୍ତିଯାଇଥିବା ଘଟଣା ବହୁତ କମ୍ ଦେଖିବାକୁ ମିଳେ। ୨୦୦୧ରେ ଏଭଳି ଏକ ଘଟଣା ଘଟିଥିଲା। ଦୁଇଟି ଯାକ ଇଞ୍ଜିନ ଖରାପ ହେବା ଓ ଫୁଏଲ ଲିକ୍ ହେବା ସତ୍ତ୍ୱେ ପାଇଲଟ୍ ସାହସିକତାର ସହ ଉପସ୍ଥିତ ବୁଦ୍ଧି ଖଟାଇ ଅସୀମ ଧୈର୍ଯ୍ୟର ସହ ବିମାନକୁ ୧୨୦ କିମି ଚଳାଇ ସୁରକ୍ଷିତ ଭାବେ ଅବତରଣ କରାଇବା ସହ ୩୦୬ଟି ଜୀବନକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ।


୨୦୦୧ ଅଗଷ୍ଟ ୨୪ରେ ଏୟାରବସ୍ ଏ୩୩୦ ଏଆର ଟ୍ରାନସାଟ୍ ଫ୍ଲାଇଟ୍ ୨୩୬ ବିମାନ କାନାଡାର ଟରଣ୍ଟୋରୁ ପର୍ତ୍ତୁଗାଲ ରାଜଧାନୀ ଲିସବନ ଯାଉଥିଲା। ଆଟଲାଣ୍ଟିକ୍ ମହାସାଗର ଉପରେ ୩୯, ୦୦୦ ଫୁଟ୍ ଉଚ୍ଚରେ ବିମାନ ଉଡୁଥିବା ବେଳେ ପାଇଲଟ୍ ଅଚାନକ ଜାଣିବାକୁ ପାଇଥିଲେ ଯେ, ଫୁଏଲ ଲିକ୍ ହୋଇଛି। ଫଳରେ ବିମାନର ଦୁଇଟି ଯାକ ଇଞ୍ଜିନ କାମକରିବା ବନ୍ଦ କରିଦେଇଥିଲା। ଟରଣ୍ଟୋରୁ ଲିସବନର ଉଡାଣ ୭ ଘଣ୍ଟାର ହୋଇଥିବା ବେଳେ ୫ ଘଣ୍ଟା ଅତିକ୍ରାନ୍ତ ହୋଇଥିଲା। ଡାହାଣ ପଟ ଇଞ୍ଜିନ୍ ଅଚଳ ହେବାର ୧୩ ମିନିଟ୍ ପରେ ବାମପଟ ଇଞ୍ଜିନ୍ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଫଳରେ ପାଇଲଟ୍ ତଥା ୨୮ ବର୍ଷୀୟ ଫାର୍ଷ୍ଟ ଅଫିସର ଡିର୍କ ଡେଜାଗେର 'ମେଡେ, ମେଡେ, ମେଡେ' କଲ୍ କରିଥିଲେ। ସେତେବେଳେ ବିମାନ ନିକଟସ୍ଥ ଆଜୋରେସ୍ ଦୀପପୁଞ୍ଜ ସ୍ଥିତ ରନୱେଠାରୁ ଆହୁରି ୧୨୦ କିମି ତଥା ପର୍ତ୍ତୁଗାଲ ଉପକୂଳ ଓ ଲିସବନଠାରୁ ଯଥାକ୍ରମେ ୧, ୪୦୦ ଓ ୧, ୫୦୦ କିମି ଦୂରରେ ରହିଥିଲା। ବିମାନରେ ବସିଥିବା ସବୁଯାତ୍ରୀ ଆତଙ୍କିତ ହୋଇଥିଲେ। କିନ୍ତୁ ଏତିକିବେଳେ ଚମତ୍କାର ହୋଇଥିଲା। ପାଇଲଟ ତଥା କ୍ୟାପଟେନ ରବର୍ଟ ପ୍ରାଇସ୍‌ଙ୍କ ବିଚକ୍ଷଣ ଉପସ୍ଥିତ ବୁଦ୍ଧି ଯୋଗୁଁ ବିମାନ ଆଜେରେସ ଦୀପପୁଞ୍ଜର ରନୱେରେ ଅବତରଣ କରିଥିଲା।

## ଭାରତରୁ ୨୩ ହଜାର କୋଟି ଠକିନେଲେ ସାଇବର ଠକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତରେ ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମସ୍ୟା ମୁଣ୍ଡବିନ୍ଧା ସୃଷ୍ଟି କରିଥିବାବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗତ ବର୍ଷ (୨୦୨୪) ସାଇବର ଅପରାଧି ତଥା ଠକମାନେ ଭାରତୀୟଙ୍କଠାରୁ ୨୨, ୮୪୨ କୋଟି ଟଙ୍କା ଠକି ନେଇଥିଲେ। ଦିଲ୍ଲୀର ମିଡିଆ ଏବଂ ଟେକ୍ କମ୍ପାନୀ ଡାଟାଲିଡ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଭାରତ ସରକାରଙ୍କ ସାଇବରକ୍ରାଇମ କୋଅର୍ଡିନେସନ ସେଣ୍ଟର, ୧୪ସି କରିଥିବା ଆକଳନ ମଧ୍ୟ ଭୟ ବଢ଼ାଇ ଦେଇଛି। ଚଳିତ ବର୍ଷ ସାଇବର ଠକେଇ ଦ୍ୱାରା ଭାରତୀୟମାନେ ୧.୨ ଲକ୍ଷ କୋଟି ଟଙ୍କା ହରାଇ ପାରନ୍ତି ବୋଲି କୁହାଯାଇଛି। ଏହା ପୂର୍ବରୁ ୨୦୨୩ରେ ସାଇବର ଠକ ଦେଶରୁ ୭, ୪୬୫ କୋଟି ଟଙ୍କା ଲୁଟି ନେଇଥିଲେ। ଏହା ୨୦୨୨ ତୁଳନା (୨୩୦୬ କୋଟି)ରେ ୧୦ ଗୁଣା ଥିଲା। ଦେଶରେ ସାଇବର କ୍ରାଇମ ଘୁ ଘୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ପ୍ରାୟ ୨୦ ଲକ୍ଷ ସାଇବର ଆକ୍ରମଣ ହୋଇଥିଲା। ଏହା ୨୦୨୩ରେ ୧୫.୬ ଲକ୍ଷ ଥିଲା। ମାତ୍ର ୨୦୧୯ ତୁଳନାରେ ୨୦୨୩ରେ ଏହି ମାମଲା ୧୦ ଗୁଣ ବୃଦ୍ଧି ପାଇଥିଲା। ଡିଜିଟାଲ ପେମେଣ୍ଟ ଆପ୍ ମାଧ୍ୟମରେ ଲୋକେ ବେଶୀ ଠକେଇର ଶିକାର ହେଉଛନ୍ତି। ଭାରତରେ ୨୯୦ ଲକ୍ଷ ଲୋକ ବେକାର ଥିବାବେଳେ ସାଇବର ଠକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି।

## ୯ମ ବିବାହ କରିବାକୁ ଯାଉଥିବାବେଳେ ଧରାପଡ଼ିଲେ ଲୁଟେରି କନ୍ୟା

ନାଗପୁର, ୧।୮ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଜଣେ ମହିଳା ଏକାଧିକ ବିବାହ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିବାର ଏକ ମଜାଦାର ଖବର ସାମ୍ନାକୁ ଆସିଛି। ପୁଲିସ ଏହି ମହିଳାଙ୍କୁ ଗିରଫ କରିଛି। ସେ ୮ଥର ବିବାହ କରିସାରିଥିଲେ ଓ ୯ମ ବିବାହ କରିବାକୁ ଯାଉଥିବା ବେଳେ ଧରାପଡ଼ିଥିଲେ। ଏହି ମହିଳାଙ୍କୁ 'ଲୁଟେରୀ କନ୍ୟା' କୁହାଯାଉଛି। ଏହି ମହିଳା ଜଣକ ହେଉଛନ୍ତି ସମୀରା ଫାତିମା। ଗତ ୧୫ ବର୍ଷ ମଧ୍ୟରେ ୮ଜଣଙ୍କୁ ବିବାହ କରି ଠକିବା ପରେ ୯ମ ବିବାହ ପାଇଁ ସେ ପ୍ରସ୍ତୁତି ଚଳାଇଥିଲେ। ସେ ବିବାହ କରିଥିବା ସ୍ୱାମୀମାନଙ୍କୁ ବ୍ଲାକମେଲ କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲା। ଏ ନେଇ ପୁଲିସ ମାମଲା ରୁଜୁ କରିଛି ଓ ତଦନ୍ତ ମଧ୍ୟ ଆରମ୍ଭ କରିଛି। ଏହିକ୍ରମରେ ସମୀରା ଏକ ଗ୍ୟାଙ୍ଗ୍ ସହ ଜଡିତ ଥିଲା। ସମୀରା ଉଚ୍ଚ ଶୀକ୍ଷିତା ଥିଲା ଓ ଶୀକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲା। ସେ ମୁସଲମାନ ସମ୍ପ୍ରଦାୟରେ ବିବାହିତ ଧନୀ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସହଜରେ ନିଜର ସ୍ୱାର୍ଥ ସାଧନ କରୁଥିଲା। ସେ ୫୦ ଲକ୍ଷ ଟଙ୍କା ଲୁଟି ଥିବାକଥା ଜଣେ ତା'ର ପୂର୍ବତନ ସ୍ୱାମୀ ଅଭିଯୋଗ କରିଛନ୍ତି। ନଗଦ ଟଙ୍କା ଓ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ସେ ଏହି ଟଙ୍କା ଆଦାୟ କରିଥିଲା। ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନଙ୍କଠାରୁ ମଧ୍ୟ ସେ ଏହି ଢଙ୍ଗରେ ଟଙ୍କା ଲୁଟିବାରେ ସକ୍ଷମ ହୋଇଥିଲା। ସମୀରା ଏହିକ୍ରମରେ ବିଭିନ୍ନ ମାଟ୍ରିମୋନିଆଲ ୱେବ୍‌ସାଇଟ୍, ସାମାଜିକ ଗଣମାଧ୍ୟମ ଫେସବୁକ୍‌କୁ ଆୟୁଧ କରି ଧନୀ ବ୍ୟକ୍ତିମାନଙ୍କୁ ଫସାଉଥିଲା। ସେ ଫେସବୁକ ଓ ହ୍ୱାଟ୍ସଆପ ଜରିଆରେ ସମ୍ପର୍କ କରି ନିଜ ଜୀବନର ଭାବନାତ୍ମକ କାହାଣୀ ଶୁଣାଇ ଜାଲ ବିଛାଉଥିଲା। ସେ ନିଜକୁ ଜଣେ ଡିଭୋର୍ସ ମହିଳା ଓ ଏକ ସନ୍ତାନର ମା ବୋଲି କହି ବିବାହିତ ବ୍ୟକ୍ତିମାନଙ୍କଠାରୁ ସହାନୁଭୂତି ଓ ଅନୁକମ୍ପା ହାସଲ କରିବାକୁ ପ୍ରୟାସ କରି ବିଶ୍ୱାସ ଜିତିବାରେ ସଫଳ ହେଉଥିଲା। ପୂର୍ବରୁ ଥରେ ସେ ନିଜକୁ ମିଛରେ ଗର୍ଭବତୀ ବୋଲି ଦର୍ଶାଇ ଗିରଫକୁ ଏଡାଇଥିଲା। କିନ୍ତୁ ଶେଷରେ ଜୁଲାଇ ୨୯ରେ ଗିରଫ ହେବା ପରେ ତା'ର ସବୁ ଚାଲ ଧରାପଡ଼ିଯାଇଥିଲା।



ସ୍ତ୍ରୀ ଓ ଶାଶୂଙ୍କୁ ହତ୍ୟା କରି ପୋତିଦେବା ଘଟଣା

# ମା’-ପୁଅ ସମେତ ୪ ଗିରଫ



ବାରିପଦା/କୁଳିଅଣା, ୧।୮ (ସମିସ): ସ୍ତ୍ରୀ ଓ ଶାଶୂକୁ ହତ୍ୟା କରି ବାଡ଼ିରେ ପୋତିଦେବା ଘଟଣାର ରହସ୍ୟ ଭେଦିଛି କୁଳିଅଣା ଥାନା ପୁଲିସ୍। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବାଶିଷ ପାତ୍ର (୩୬) ସମେତ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ନେଇ ପୁଲିସ୍ ଯାହା ସନ୍ଦେହ କରୁଥିଲା, ତାହା ସତ ହୋଇଛି। ଦେବାଶିଷ ବ୍ୟତୀତ ଆଉ ୩ ଅଭିଯୁକ୍ତଙ୍କୁ ଆଜି ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଦେବାଶିଷଙ୍କ ମାଆ ଭାରତୀ ପାତ୍ର (୬୦) ଏବଂ ତିତିରି ଗ୍ରାମର ଶମ୍ଭୁନାଥ ନାଏକ (୨୯) ଓ ସିପୁନ ପ୍ରଧାନ(୨୫)। ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି। ମୃତ ସୋନାଲି ନିଜ ମା’ ସୁମତିଙ୍କ କଥାରେ ପରିଚାଳିତ ହେବା, ସ୍ୱାମୀ ଦେବାଶିଷଙ୍କ ସହ ଭଲ ସଂପର୍କ ନ ରଖିବା ଏବଂ ପୁଅ ପ୍ରତି ଅବହେଳା ପ୍ରଦର୍ଶନ କରିବା ଏହି ଡବଲ୍ ମର୍ଡର୍‌ର କାରଣ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦେବାଶିଷ ସ୍ଥାନୀୟ ଡାକ୍ତରଖାନାରେ ଆଟେଣ୍ଡାଣ୍ଟ ଭାବେ କାମ କରନ୍ତି। ଦୁଇବର୍ଷ ତଳେ ସେ ସୋନାଲିଙ୍କୁ ଦ୍ୱିତୀୟ ବିବାହ କରିଥିଲା। ବିବାହର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଯାଇଥିଲା। ଫଳରେ ସୋନାଲି ବାରମ୍ବାର ରାଗି ବାପଘର ଆମ୍ବଡୁବିକୁ ପଳାଉଥିଲେ। ଇତିମଧ୍ୟରେ ଉଭୟଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତଥାପି ସେମାନଙ୍କ ସଂପର୍କରେ ସୁଧାର ଆସିନଥିଲା। ବାରମ୍ବାର ଏଭଳି ଘଟଣା

ଘଟିବାରୁ ୨୦୨୪ ସେପ୍ଟେମ୍ବର ୮ରେ ସୋନାଲି କୁଳିଅଣା ଥାନାରେ ଦେବାଶିଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହା ପରଠାରୁ ଦେବାଶିଷ ରାଗି ଯାଇଥିଲେ। ସୋନାଲିଙ୍କୁ ବାଟରୁ ହଟାଇବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେ ପୂର୍ବରୁ ନିଜ ବାଡ଼ିରେ ଏକ ୧୦ ଫୁଟ୍‌ର ଗାତ ଖୋଳି ରଖିଥିଲେ।

କିଛି ଦିନ ତଳେ ସୋନାଲି ପୁଣି ରାଗି ବାପଘରକୁ ପଳାଇଥିଲେ। ପରେ ଦେବାଶିଷ ଫୋନ୍ କରିବାରୁ ଗତ ୧୨ ତାରିଖରେ ସୋନାଲିଙ୍କୁ ତାଙ୍କ ମା’ ସୁମତି ଓ ଭାଇ ଆଣି ଶାଶୂଘରେ ଛାଡ଼ିଥିଲେ। ସେହିଦିନଠାରୁ ଝିଅ ଘରେ ସୁମତି ରହିଆସୁଥିଲେ। ତେବେ ୧୪ତାରିଖ ସନ୍ଧ୍ୟାରେ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏଥିରେ ଦେବାଶିଷ ଉତ୍ତ୍ୟକ୍ତ ହୋଇ ସୋନାଲି ଓ ସୁମତିଙ୍କ ହାତଗୋଡ଼କୁ ବାନ୍ଧିବା ପାଇଁ ଶମ୍ଭୁନାଥ ଓ ସିପନକୁ ୨ହଜାର ଟଙ୍କା ଦେଇ ଡକାଇଥିଲା। ପରେ ବିଳମ୍ବିତ ରାତିରେ ଦେବାଶିଷ ଏକ ପଥର ଏବଂ କୁରାଢ଼ୀରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଥିଲା ଦେବାଶିଷ। ପରେ ଅପରାଧ ଲୁଚାଇବା ପାଇଁ ଶବକୁ ପଲିଥିନ୍‌ରେ ଘୋଡ଼ାଇ ଖୋଳାଯାଇଥିବା ଗାତରେ ରଖି ମାଟି ଚଲାଇବା ପରେ କଦଳୀ ଗଛ ଲଗାଇ ଦେଇଥିଲା। ଏହି ହତ୍ୟାକାଣ୍ଡରେ ଦେବାଶିଷଙ୍କ ମାଆ ମଧ୍ୟ ସାମିଲ ହୋଇଥିଲେ। ତେବେ ସୁମତି ଘରକୁ ନଫେରିବାରୁ ସୋନାଲିଙ୍କ ଜେଜେବାପା ଅନନ୍ତ ଦଳେଇ ଖୋଜାଖୋଜି କରି ନିରାଶ ହେବା ପରେ ୨୫ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ୍ ଏନେଇ ଦେବାଶିଷଙ୍କୁ ପଚରାଉଚରା କରିବାରୁ, ଦୁହେଁ କାମ କରିବା ପାଇଁ ବାହାର ରାଜ୍ୟକୁ ବସ୍‌ରେ ପଳାଇଛନ୍ତି ବୋଲି ସେ କହିଥିଲା।

ତେବେ ଦେବାଶିଷଙ୍କ ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀକୁ ନିର୍ଯାତନା ଦେଉଥିବା ନେଇ ଥାନାରେ ପୃଥକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହାକୁ ସନ୍ଦେହ କରି ପୁଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରିଥିଲା। ଏଥିରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି।

ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଅସନ୍ତୋଷ

# ଆନ୍ଧ୍ରକୁ ଅନୁମୋଦନ; ଓଡ଼ିଶାରେ ପାଦେ ବି ଆଗେଇ ପାରୁନି

ଭୁବନେଶ୍ୱର, ୧।୮ (ସମିସ): ଆଗେଇପାରୁନି ଓଡ଼ିଶା ଅର୍ଥନୈତିକ କରିଡର୍ ନିର୍ମାଣ କାର୍ଯ୍ୟ। କେବେ ହେବ ତାହା ବି କେହି କହିପାରୁ ନାହାନ୍ତି। କେବଳ ଘୋଷଣାରେ ଏହା ସୀମିତ ରହିଯାଇଛି। ପୂର୍ବତଟ ଅର୍ଥନୈତିକ କରିଡର ଦୁଇଟି ଉପାଦାନ ରହିଛି। ଗୋଟିଏ ହେଲା ଓଡ଼ିଶା ଅର୍ଥନୈତିକ କରିଡର୍ ଓ ଅନ୍ୟଟି ହେଲା ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍। ଆନ୍ଧ୍ରପ୍ରଦେଶରେ ଏହାକୁ ଅନୁମୋଦନ ମିଳି ସାରିଛି। ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଅଧୀନରେ ଥିବା ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି; ହେଲେ ଓଡ଼ିଶାରେ କାମ ପାଦେ ବି ଆଗେଇ ପାରୁନି। ଏନେଇ ଅସନ୍ତୋଷ ପ୍ରକାଶ କରି ସାଂସଦ ମାନସ ମଙ୍ଗରାଜ ଶୁକ୍ରବାର ରାଜ୍ୟସଭାରେ ପ୍ରଶ୍ନ ଉଠାଇଛନ୍ତି।

**ପୂର୍ବତଟ ଅର୍ଥନୈତିକ କରିଡର୍**

ଓଡ଼ିଶା ଅର୍ଥନୈତିକ କରିଡର୍ ପ୍ରତିଷ୍ଠା କରାଗଲାଣି କି ନାହିଁ। ପୂବତଟ ଅର୍ଥନୈତିକ କରିଡର୍ କେଉଁ ପର୍ଯ୍ୟାୟରେ ରହିଛି। ଏହି ପ୍ରକଳ୍ପ ରାଜ୍ୟରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରୁଛି କି ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଜାତୀୟ ଶିଳ୍ପ କରିଡର ଉନ୍ନୟନ ଯୋଜନା- ୨୦୨୦ ଅଧୀନରେ ଦେଶର ୧୧ଟି ଶିଳ୍ପ କରିଡର୍ ରହିଛି। ଏଥିରେ ଓଡ଼ିଶା ଅର୍ଥନୈତିକ କରିଡର୍ ଅନ୍ତର୍ଭୁକ୍ତ ରହିଛି। ରାଜ୍ୟରେ ଏକ ନୂତନ ସ୍ମାର୍ଟ ଶିଳ୍ପ କ୍ଲଷ୍ଟର ପାଇଁ ଆବଶ୍ୟକ ଜମି ରହିଛି କି ନାହିଁ, ତାହା ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହା ନିଶ୍ଚିତ କରିପାରି ନାହାନ୍ତି। ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳରେ ଥିବା ପୂର୍ବତଟ ଅର୍ଥନୈତିକ କରିଡର୍ ଅନ୍ତର୍ଗତ ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ୨୦୨୪ ମସିହାରେ ଅନୁମୋଦନ ଲାଭ କରିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଚିନ୍ତା

# ଜିଲ୍ଲାରେ ନିଯୁକ୍ତ ହେବେ ୫ ଜଣ ‘ଶକ୍ତି ଅପା’

ଭୁବନେଶ୍ୱର,୧।୮ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ନିଯୁକ୍ତ ହେବେ ‘ଶକ୍ତି ଅପା’। ପ୍ରତି ଜିଲ୍ଲାରେ ୫ଜଣ ମହିଳାଙ୍କୁ ନିଯୁକ୍ତି କରାଯିବ। ଜିଲ୍ଲାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହ ପ୍ରୋତ୍ସାହିତ କରିବା ସେମାନଙ୍କ ପ୍ରମୁଖ କାର୍ଯ୍ୟ ହେବ। ‘ଶକ୍ତି ଅପା’ ଚୟନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ୫ଜଣ ଶକ୍ତି ଅପାଙ୍କ ମଧ୍ୟରେ ଜଣେ ଲେଖାଏଁ ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ, ପୁଲିସ୍ ବା ସଶସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ସରକାରୀ ମହିଳା ଅଧିକାରୀ, ଆଇନ କ୍ଷେତ୍ର ସହ ଜଡ଼ିତ ଆଇନ ଏବଂ ସାଇବର୍ ସିକ୍ୟୁରିଟି ଉପରେ ଅଭିଜ୍ଞତା ଥିବା ଶିକ୍ଷିତ ମହିଳା, ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ମନସ୍ତତ୍ତ୍ୱବିତ୍ ଏବଂ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୱେଲଫେୟାର୍ କମିଟିର ସଂଯୋଜକ ବା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅଧକ୍ଷା ସ୍ଥାନ ପାଇବେ। ଆସନ୍ତା ୨୦ ତାରିଖ ମଧ୍ୟରେ ସେମାନଙ୍କୁ ଚୟନ କରିବା ସହ ସେମାନଙ୍କ ସମସ୍ତ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଓଏସ୍‌ଆରଟିସି ଆପ୍‌ରେ କଦର୍ଥ ଓଡ଼ିଆ ଭାଷା

ଭୁବନେଶ୍ୱର, ୧।୮ (ସମିସ): ଓଏସ୍‌ଆରଟିସି ଆପ୍‌ରେ କଦର୍ଥ ଓଡ଼ିଆ ଭାଷା। ରାଜ୍ୟର ବିଭିନ୍ନ ଜିଲ୍ଲାର ନାଁକୁ ଅତି କଦର୍ଥ କରି ଲେଖାଯାଇଛି। ଗୋଟିଏ କି ଦୁଇଟି ନୁହେଁ; ପ୍ରାୟ ଅର୍ଦ୍ଧାଧିକ ସ୍ଥାନର ନାମକୁ କଦର୍ଥ କରି ଲେଖାଯାଇଛି। ଯାଜପୁରକୁ ଜଜପୁର, ଚଣ୍ଡିଖୋଲକୁ ଚାନ୍ଦିଖୋଲ, ପାଣିକୋଇଲିକୁ ପାନିକୋଇଲି, ଭଦ୍ରକକୁ ଭଦ୍ରାକା, ବାଲେଶ୍ୱରକୁ ବାଲାସୋର, ଭଞ୍ଜନଗରକୁ ଭଞ୍ଜାନଗର, ବେଲଗୁଣ୍ଠାକୁ ବେଲାଗୁନ୍ଥା ଆଦି ଲିଖିତ ରହିଛି। ପ୍ରତିଦିନ ଲକ୍ଷଲକ୍ଷ ଲୋକ ରାଜ୍ୟ ତଥା ରାଜ୍ୟ ବାହାରକୁ ଯିବା ଆସିବା ପାଇଁ ଓଏସ୍‌ଆରଟିସି ବସ୍‌ର ଆପ୍ ବ୍ୟବହାର କରୁଛନ୍ତି। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନକାରୀ ଆପ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନର ନାମର ବନାନରେ ଗୁରୁତ୍ୱର ତ୍ରୁଟି ରହିଥିଲେ ମଧ୍ୟ ଏହାକୁ ସଂଶୋଧନ କରାଯାଉ ନଥିବା ଦେଖିବାକୁ ମିଳିଛି। ଏମିତିକି, ଅନେକ ଲୋକ ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିବା ପରେ ମଧ୍ୟ ପରିବହନ ବିଭାଗର ନିଦ ଭାଙ୍ଗୁନାହିଁ। ପରିବହନ ବିଭାଗରେ ଓଡ଼ିଆ ଅସ୍ମିତା କାମ କରୁଛି କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଏସ୍‌ଆରଟିସି ପକ୍ଷରୁ ଯାତ୍ରୀମାନଙ୍କ ସୂଚନା ପାଇଁ ଉଭୟ ୱେବ୍‌ସାଇଟ୍ ଓ ଆପ୍ ରହିଛି। ଏହି ଆପ୍ ସାହାଯ୍ୟରେ ଯାତ୍ରୀମାନେ ବିଭିନ୍ନ ରୁଟ୍‌ରେ ଚାଲୁଥିବା ବସ୍, ସମୟ ଓ ବସଷ୍ଟପ୍ ଆଦି ସଂପର୍କରେ ସୂଚନା ପାଇପାରୁଛନ୍ତି। ତେବେ ଏହି ଆପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସ୍ଥାନ ଆଦିର ବନାନରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଏହା କଦର୍ଥ କରି ଲେଖାଯାଇଛି।

ଓଡ଼ିଆ ଅସ୍ମିତା କଥା କହୁଥିବା ରାଜ୍ୟ ସରକାର ରାଜ୍ୟର ସମସ୍ତ ବିଭାଗକୁ ଓଡ଼ିଆରେ ନିର୍ଦ୍ଦେଶନାମା ଓ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଓଡ଼ିଆ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦେଉଥିବା କହୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ବିଭାଗ ନିଜ ଆପ୍‌ରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ବିକୃତ ଭାବେ ଲେଖିଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ପଡୁନାହିଁ।

ରାଜ୍ୟରେ ନୂତନ ବିଜେପି ସରକାର ଗଠନ ପରେ ନିଜେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ କାର୍ଯ୍ୟାଳୟରେ ପ୍ରବେଶ କରିବା ସମୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ହେବ ବୋଲି ଘୋଷଣା କରିଥିଲେ। ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ସହ ଓଡ଼ିଆ ଅସ୍ମିତାର ବିକାଶ ପାଇଁ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ। ଏହାକୁ ଆଧାର କରି ରାଜ୍ୟର ପ୍ରମୁଖ ବିଭାଗଗୁଡ଼ିକ ସେମାନଙ୍କ ବିଭାଗରେ ବିଜ୍ଞପ୍ତି, ନିର୍ଦ୍ଦେଶନାମା ଓ ଚିଠି ଆଦି ଓଡ଼ିଆ ଭାଷାରେ ଜାରି କରିବେ ବୋଲି ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ହେଲେ ଧୀରେଧୀରେ ଏସବୁ ଉଭେଇଯିବା ସହ ବର୍ତ୍ତମାନ କଦର୍ଥ ଓଡ଼ିଆ ଲେଖୁଥିବା ବିଭାଗ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଦେଖିବାକୁ ମିଳିଛି।

ମହାନଦୀ ଜଳ ବିବାଦ

# ଆପୋସ ସମାଧାନ ପାଇଁ ସବୁ ଦଳ ଏକାଠି

ଭୁବନେଶ୍ୱର,୧।୮ (ସମିସ): ମହାନଦୀ ଜଳବିବାଦର ସମାଧାନ ନିମନ୍ତେ ଆଜି ସବୁ ରାଜନୈତିକ ଦଳକୁ ନେଇ ଅନୁଷ୍ଠିତ ହୋଇଛି ଏକ ବୈଠକ। ଏହି ବୈଠକରେ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇ ଏହି ବିବାଦରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଏହା ସହ ବାସ୍ତବରେ ଯଦି ରାଜ୍ୟ ସରକାର ଏହାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଚାହାନ୍ତି, ତେବେ ତୁରନ୍ତ ରାଜ୍ୟର ସମସ୍ତ ରାଜନୈତିକ ଦଳ, ନଦୀ ଆନ୍ଦୋଳନର କର୍ମକର୍ତ୍ତା, ନଦୀ ବିଶେଷଜ୍ଞ, ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଡାକିବାକୁ ବୈଠକରେ ପ୍ରସ୍ତାବ ଦେଇଛନ୍ତି। ଅଣମୌସୁମୀ ସମୟରେ ଓଡ଼ିଶାକୁ ଜଳପ୍ରବାହ ଅବ୍ୟାହତ ରଖିବା ଓ ମହାନଦୀ ଏହାର ଅବବାହିକା ର ସୁରକ୍ଷା ପାଇଁ ରିଭରବୋଡର୍ ଗଠନ ନିମନ୍ତେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

**ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ**

**ରାଜ୍ୟବାସୀଙ୍କୁ ବିଶ୍ୱାସକୁ ନିଅନ୍ତୁ ଓଡ଼ିଶା ସରକାର**

**ବିଶେଷଜ୍ଞ ଓ ରାଜନୈତିକ ଦଳର ବୈଠକ ଡାକନ୍ତୁ**

ଏହି ବୈଠକରେ ଜଳ ବିବାଦର ଆପୋଷ ସମାଧାନ ପାଇଁ ଏକ ବୈଷୟିକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ, କେନ୍ଦ୍ର ତଥା କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏଥିରେ ଜଳ ସମ୍ପଦ ବିଭାଗର ପୂର୍ବତନ ସଚିବ ଡ ଅରବିନ୍ଦ ବେହେରା, ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ବିଧାୟକ ଗଣେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ଜଗଦେବ, ଡ ଜୟକୃଷ୍ଣ ପାଣିଗ୍ରାହୀ, ଡ ଶୁଭ୍ରାଂଶୁ ରାୟ, ଦେବୀ ପୃଷ୍ଟି, ଅନିଲ ଧୀର୍, ପ୍ରହ୍ଲାଦ ସିଂ, ଅଶୋକ ଦାସ ପ୍ରମୁଖ ସଭ୍ୟ ଭାବରେ ରହିଥିବା ବେଳେ ସୁଦର୍ଶନ ଦାସ ଏହାର ଆବାହକ ଅଛନ୍ତି ।

ଅନ୍ୟପକ୍ଷରେ ମହାନଦୀ ସୁରକ୍ଷା ପାଇଁ ସାମାଜିକ ସଂଗଠନ, ନଦୀ ଆନ୍ଦୋଳନର କର୍ମୀ, ବିଶେଷଜ୍ଞ ମାନଙ୍କ ସହିତ ବୈଠକ ଆୟୋଜନ କରିବାର ନିଷ୍ପତି ନିଆଯାଇଛି। ଏହା ସହ ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥାନ ସୁଖୋସୋଡ଼ାଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ନଦୀ ଯାତ୍ରା ମଧ୍ୟ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି । ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଜେଡି ବିଧାୟକ ଡ ଅରୁଣ କୁମାର ସାହୁ ଓ ଗଣେଶ୍ୱର ବେହେରା, ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦେବ, ବାମପନ୍ଥୀ ନେତା ପ୍ରଦୀପ୍ତ ନାୟକ, ଅଶୋକ ପ୍ରଧାନ, ଜ୍ୟୋତି ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏନ୍‌ସିପି ନେତା ବିକ୍ରମ ସ୍ୱାଇଁ, ଆରଜେଡି ନେତା ହେମନ୍ତ କୁମାର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିବାନନ୍ଦ ରାୟ, ଇ ମନୋରଞ୍ଜନ ମିଶ୍ର, ନିରୂପମା ପାତ୍ର, ବାସୁଦେବ ଭଟ୍ଟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଜେଲ୍ ଗଲେ ସହକାରୀ ଯନ୍ତ୍ରୀ

**ଆୟଠାରୁ ୨୧୩ ପ୍ରତିଶତ ଅଧିକ ସଂପତ୍ତି**

ଭୁବନେଶ୍ୱର,୧।୮ (ସମିସ): ଭାଗୀଦାରିରେ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ସ୍କାନରକୁ ଆସିଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଗିରଫ ହୋଇଛନ୍ତି। ଲଗାତାର ୪ର୍ଥ ଦିନରେ ଚଢ଼ଉ ପରେ ତାଙ୍କୁ ଗିରଫ କରାଯାଇଛି। ଚନ୍ଦକା ଶିଳ୍ପାଞ୍ଚଳରେ ଶ୍ରୀ ପଣ୍ଡାଙ୍କର ଆଉ ଏକ ୪ ମହଲା କୋଠା ଠାବ ହୋଇଛି। ୪ଦିନ ଚଢ଼ଉ କରି ଭିଜିଲାନ୍ସ ଟିମ୍ ମୋଟ ୩ଟି କୋଠାଘର, ୭ଟି ଫ୍ଲାଟ୍, ଉତ୍କଳ କନିକା ଗ୍ୟାଲେରିଆ, ସିମ୍ଫୋନୀ ଓ ଡିଏଲ୍‌ଏଫ୍ ସାଇବର୍ ସିଟିରେ ୪ଟି ବାଣିଜ୍ୟକ ଆଉଟଲେଟ୍ ଠାବ କରିଛି। ଏଥିସହ ୯ଟି ପ୍ଲଟ୍, ୨କୋଟି ୪୩ଲକ୍ଷର ବ୍ୟାଙ୍କ ଜମା, ୧୨୬ଗ୍ରାମର ସୁନାଗହଣା, ୧୨୭ ଗ୍ରାମ ରୁପା ଅଳଙ୍କାର, ଗୋଟିଏ କାର ଜବତ କରିଛି। ଶ୍ରୀ ପଣ୍ଡାଙ୍କଠାରୁ ଠାବ ସଂପତ୍ତି ତାଙ୍କ ଆୟଠାରୁ ୨୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ କହିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା ଭିଜିଲାନ୍ସ। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫୋନୀ ମଲରେ ୨ଟି ଦୋକାନ ଘର, ୭୫ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ଦୁଇପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ କସ୍ମୋପଲିସ୍‌ସ୍ଥିତ ଫ୍ଲାଟ୍‌ଟି ରାଜକିଶୋର ଓ ଅଶୋକଙ୍କ ପତ୍ନୀଙ୍କ ନାମରେ ଥିବା ଜାଣିବା ପରେ ଟିମ୍ ଅଶୋକଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲା।

# ଅଗଷ୍ଟ ୧୫ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ସହ ପୁନଃ ପଞ୍ଜୀକରଣ କରିପାରିବେ ଆଶାୟୀ। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପଢ଼ିପାରିବେ। ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି’ ଛାଡ଼ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ମାମଲା ଖାରଜ

ରାଜନଗର, ୧।୮ (ସମିସ): ରାଜନଗରର ବିଜେଡି ବିଧାୟକ ଧ୍ରୁବଚରଣ ସାହୁଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଆବେଦନକାରୀ କିମ୍ବା ତାଙ୍କ ଓକିଲ କ୍ରମାଗତ ଭାବେ ଶୁଣାଣିରେ ଅନୁପସ୍ଥିତ ରହିବା ଓ ମାମଲା ତଥ୍ୟ ବିହୀନ ହୋଇଥିବା କାରଣରୁ ମାମଲାକୁ ଖାରଜ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଧ୍ରୁବଚରଣ ସାହୁ ବିଜୟୀ ହୋଇଥିଲେ। ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେପି ପ୍ରାର୍ଥୀ ଲଳିତ କୁମାର ବେହେରା ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ଲଳିତ ତାଙ୍କ ଆବେଦନରେ ଧ୍ରୁବ ନିର୍ବାଚନରେ ଅନିୟମିତତା କରିଛନ୍ତି, ପ୍ରାର୍ଥିପତ୍ର ଦାଖଲ ବେଳେ ଅନେକ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି ବୋଲି ଦର୍ଶାଇଥିଲେ। ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଧ୍ରୁବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ, ମିଳନ କାନୁନଗୋ, କ୍ଷୀରୋଦ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ବଜ୍ରପାତରେ ଯୁବକ ମୃତ

ବାଲେଶ୍ୱର,୧।୮ (ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସୁଲପଟା ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସୁଲପଟା ଅଞ୍ଚଳର ବାଇଧର ମହାଲିକଙ୍କ ପୁଅ ଗଣେଶ ମହାଲିକ (୪୪) ଆଜି ବିଲକୁ ତଳି ରୋଇବାକୁ ଯାଇଥିବା ବେଳେ ଅପରାହ୍ନରେ ବର୍ଷା ହୋଇଥିଲା। ଗଣେଶ ଘରକୁ ଫେରୁଥିବା ବେଳେ ହଠାତ ଏକ ବଜ୍ରପାତ ହେବାରୁ ଗଣେଶ ଏଥିରେ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସୁଲପଟା ଅଞ୍ଚଳର ଜଳଧର ମହାଲିକଙ୍କ ପତ୍ନୀ ସରସ୍ୱତୀ ମହାଲିକ (୬୭) ଘର ନିକଟସ୍ଥ ପୋଖରୀ ନିକଟରେ ଛେଳି ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ଖୋଲିଲା ଭିତରକନିକା

# ପ୍ରଥମ ଦିନରେ ୬୧ ପର୍ଯ୍ୟଟକ

ରାଜନଗର, ୧।୮ (ସମିସ): ଦୀର୍ଘ ୩ ମାସ ପରେ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଛି ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ଆଜି ପ୍ରଥମ ଦିନରେ ଭିତରକନିକାକୁ ୬୧ଜଣ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ




**ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ, ମିଠା ଦେଇ ସ୍ୱାଗତ**

ମିଠା ଖୁଆଇ ବନ କର୍ମଚାରୀ ସ୍ୱାଗତ କରିଛନ୍ତି। ଭିତରକନିକାକୁ ପଲିଥିନମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ବୁଝାଇଥିଲେ। ଏଥିସହ ପର୍ଯ୍ୟଟକଙ୍କୁ କାଗଜ ଓ କପଡ଼ା ବ୍ୟାଗ୍ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ସେମାନେ ଆଣିଥିବା ସାମଗ୍ରୀ ନେବାକୁ କୁହାଯାଇଥିଲା। ପ୍ଲାଷ୍ଟିକ୍ ପାଣି ବୋତଲ ଜାତୀୟ ଉଦ୍ୟାନ ମଧ୍ୟକୁ ଛଡ଼ାଯାଇନାହିଁ।

ଆଜି ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟରେ ଏସିଏଫ ମାନସ ଦାସ, ଫରେଷ୍ଟର୍ ପ୍ରଶାନ୍ତ ସିଂ, ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା, ବବୁଲ ପରିଡ଼ା, ଶୁଭ୍ରଜିତ ଖୁଣ୍ଟିଆଙ୍କ ସମେତ ରବି ସିଂ, ଇଡିସି ସଭାପତି ପ୍ରଭାତ ବେହେରା ପ୍ରମୁଖ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ପରେଷ୍ଟର ବିଭୂତି ଭୂଷଣ ତରାଇ, ତ୍ରିଦୀପ ପ୍ରଧାନ, ପ୍ରକାଶ ଦାସ, ଦେବୀପ୍ରସାଦ ମୁଣ୍ଡା, ଇକୋ ଡେଭେଲପମେଣ୍ଟ କମିଟିର ଗିରୀଶ ନାୟକ, ଖଗେଶ୍ୱର ଲେଙ୍କା, ରମେଶ ମିସ୍ତ୍ରୀ ଓ ବିଭିନ୍ନ ଏସଏଚ୍‌ଜି ଗୋଷ୍ଠୀ ମହିଳା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟରେ ଫରେଷ୍ଟର୍ ନବୀନ ମଲ୍ଲିକଙ୍କ ସମେତ ବନ କର୍ମଚାରୀ ଓ ବୋଟ୍ ଆସୋଏସନ୍‌ର କର୍ମକର୍ତ୍ତା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଦେଇ ସ୍ୱାଗତ କରିଥିଲେ।

ଆଜି ସ୍ଥଳପଥରେ ଡାଙ୍ଗମାଳ ଦେଇ ଭିତରକନିକାକୁ ୪୧ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ଏଣ୍ଟ୍ରିପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ପର୍ଯ୍ୟଟକ ଆସି ଭିତରକନିକାର ଉପଭୋଗ କରିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ଡାଙ୍ଗମାଳରେ ନିର୍ମାଣ ହୋଇଥିବା ୧୫ଫୁଟ୍ ଓ ୬୦୦ ମିଟରର ସ୍କାଏୱାକ୍ ବ୍ରିଜ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଥିଲା।

# ଶିମିଳିପାଳ ନେଚର୍ କ୍ୟାମ୍ପ ନିର୍ମାଣରେ ଦୁର୍ନୀତି

ବାରିପଦା, ୧।୮ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରେ ମହାଦୁର୍ନୀତି ହୋଇଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। କୋଟିକୋଟି ଟଙ୍କା ହଡ଼ପ କରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଉତ୍ତର) ବନଖଣ୍ଡର ଉପନିର୍ଦ୍ଦେଶକ ବଦଳି ହୋଇ

**ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କୁ କୈଫିୟତ ତଲବ**



ଅନ୍ୟତ୍ର ପଳାଇବା ପରେ ଏପରି ଘଟଣା ଜଣାପଡ଼ିଛି। ଅଭୟାରଣ୍ୟରେ ନେଚର୍ କ୍ୟାମ୍ପ ନିର୍ମାଣ ନାମରେ ସମ୍ପୃକ୍ତ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହରିଲୁଟ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବର୍ତ୍ତମାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗନାନୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ, ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କଠାରୁ ଅନିୟମିତତା ଅର୍ଥ ଭରଣା କରାଯାଇପାରେ ବୋଲି ଶ୍ରୀ ଗୋଗିନେନୀ କହିଛନ୍ତି।

ଶିମିଳିପାଳ ଉତ୍ତର ବନଖଣ୍ଡର ପୂର୍ବତନ ଉପନିର୍ଦ୍ଦେଶକ ଡି. ସାଇକିରଣଙ୍କ ସମୟରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନଅଣା ରେଞ୍ଜରେ ନେଚର୍ କ୍ୟାମ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୩ ଫେବ୍ରୁଆରୀ ୧୯ ତାରିଖରେ ନେଚର୍ କ୍ୟାମ୍ପ ନଅଣା ଭିଲା ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ। ଯାହାର ପ୍ରକଳ୍ପ ଅଟକଳ ୪କୋଟି ୬୦ ଲକ୍ଷ ଟଙ୍କା ରହିଥିଲା। ମାତ୍ର ଦୁଇବର୍ଷ ପରେ ମଧ୍ୟ ଏହି ନେଚର୍ କ୍ୟାମ୍ପ ନିର୍ମାଣ ସମ୍ପୂର୍ଣ୍ଣ ନହୋଇ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ପ୍ରକଳ୍ପ ଅଧପାନ୍ତରିଆ ହୋଇପଡ଼ିଥିବା ବେଳେ ବିଭାଗ ପକ୍ଷରୁ ୟୁସି ଦିଆସରିଛି। ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମଞ୍ଜୁର ଅର୍ଥ ଯଦି ଖର୍ଚ୍ଚ ହେଲା, ତେବେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଅଭିଯୋଗ ପାଇବା ପରେ ଶ୍ରୀ ଗୋଗନାନୀ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ମଧ୍ୟ କୈଫିୟତ ତଲବ କରାଯାଇଛି ବୋଲି ସେ କହିଛନ୍ତି।

ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟରେ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଥିବା ବେଳେ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ବହୁ ଦୁର୍ନୀତି ପଦାକୁ ଆସିବ ବୋଲି ଅଭିଯୋଗ କରିଛି ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା। ଶିମିଳିପାଳ ମଧ୍ୟରେ ବିନା ଟେଣ୍ଡର୍‌ରେ ସବୁ କାର୍ଯ୍ୟ କରାଯାଉଥିବା ବେଳେ ତାହା ଅଧିକାରୀଙ୍କୁ ଦୁର୍ନୀତି କରିବାକୁ ଅଧିକ ସୁଯୋଗ ଦେଉଛି ବୋଲି ଅଭିଯୋଗ ହୋଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି କରିଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା।

## ଗ୍ରାମୀଣ ସ୍ୱରୋଜଗାର ସଂସ୍ଥାର କର୍ମଶାଳା

**ବାରିପଦା, ୧।୮ (ସମିସ):** ତକତପୁର ଗ୍ରାମୀଣ ସ୍ୱରୋଜଗାର ସଂସ୍ଥାର ଏକ ବାର୍ଷିକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ତଥା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ବିଭିନ୍ନ ଟ୍ରେଡରେ ତାଲିମପ୍ରାପ୍ତ ସ୍ୱାବଲମ୍ବୀ ଉଦ୍ୟୋଗୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍ୟୋଗୀଙ୍କ ବିଭିନ୍ନ ଲାଭ କ୍ଷତି, ସମସ୍ୟା ଓ ତାର ସମାଧାନ, ଅଧିକରୁ ଅଧିକ ଉଦ୍ୟୋଗୀ କିପରି ହୋଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ଏହି କମିଟିରେ ଶିଶିର କୁମାର ମହାନ୍ତଙ୍କୁ ସଭାପତି ଓ ସସ୍ମିତା କାଳନ୍ଦିଙ୍କୁ ସମ୍ପାଦିକା ଭାବରେ ଚୟନ କରାଯାଇଥିଲା। ଏହି କମିଟି ପ୍ରତ୍ୟେକ ମାସରେ ବୈଠକ ଆୟୋଜନ କରିବା ସହିତ ବିଭିନ୍ନ କ୍ଷେତ୍ରରେ କିପରି ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ତାହାକୁ ପ୍ରାଥମିକତା ଦିଆଯିବ। ପ୍ରକାଶ ଥାଉକି, ଏହି ସଂସ୍ଥା ମୟୂରଭଞ୍ଜ ଜିଲ୍ଲାରେ ୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ ସହସ୍ରାଧିକ ପିଲାଙ୍କୁ ଦକ୍ଷ ଓ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ଟ୍ରେଡରେ ତାଲିମ ଦେଇ ଉଦ୍ୟୋଗୀ ତଥା ଆତ୍ମନିର୍ଭର କରିବାରେ ସହାୟତା କରିଆସୁଛି। ଏଥିରେ ୫୦ରୁ ଅଧିକ ଟ୍ରେଡ୍‌ରେ ପ୍ରାକ୍ଟିକାଲ ଓ ଥିଓରୀ ତାଲିମ ଦେବାର ବ୍ୟବସ୍ଥା ଥିବା ସହିତ ବ୍ୟାଙ୍କର ସ୍କିମ୍, ରିହାତି, ବୀମା, ଉଦ୍ୟୋଗୀ ବିକାଶ ତଥା ଦକ୍ଷତା ଓ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ରହିବା ଖାଇବା ତଥା ପ୍ରମାଣପତ୍ରର ବ୍ୟବସ୍ଥା ମଧ୍ୟ ରହିଛି।

## ଗାଳ୍ପିକ ପଞ୍ଚାନନ ସାହୁଙ୍କ ଜନ୍ମ ଦିବସ

**ବାରିପଦା, ୧।୮ (ସମିସ):** ବାରିପଦା ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଓଡ଼ିଆ ଗାଳ୍ପିକ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଲାଇବ୍ରେରିଆନ ପଞ୍ଚାନନ ସାହୁଙ୍କ ଜନ୍ମଦିବସ ପାଳନ କରାଯାଇଛି। ଏହି ଅବସରରେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଶ୍ରୀ ସାହୁଙ୍କୁ ସମ୍ମାନିତ କରିଥିଲେ। ସେ ଅଦ୍ୟାବଧି ୧୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ପୁସ୍ତକ ରଚନା କରିଛନ୍ତି। ଶ୍ରୀ ସାହୁ ତାଙ୍କ ଦ୍ୱାରା ରଚିତ ୫ଟି ପୁସ୍ତକ ଗ୍ରନ୍ଥାଗାରକୁ ଦାନ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ତୃପ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ଓ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବର୍ଷ ବର୍ଷ ଧରି ପଡ଼ି ଖତ ଖାଉଛି ଜବତ ଗାଡ଼ି

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀଙ୍କ ବେଖାତିର

**ବାରିପଦା, ୧।୮ (ସମିସ)**

ଅପରାଧିକ ମାମଲାରେ ଅବକାରୀ, ପୁଲିସ ଓ ବନ ବିଭାଗ ଦ୍ୱାରା ଜବତ ହୋଇଥିବା ଗାଡ଼ିଗୁଡିକ ବର୍ଷ ବର୍ଷ ଧରି ପଡ଼ିରହି ଖତ ଖାଉଛି। କାର୍ଯ୍ୟାଳୟ ପରିସର ଏବଂ ରାସ୍ତା କଡରେ କବାଡି ଖାନା ସଦୃଶ୍ୟ ପଡ଼ିରହୁଛି। ଯେଉଁଆଡେ ଦେଖିଲେ କାର, ଟ୍ରକ, ଟ୍ରାକ୍ଟର ଓ ଅଟୋ ମାଳ ମାଳ। ଏପରି ଚିତ୍ର ମୟୂରଭଞ୍ଜ ଜିଲ୍ଲା ସମେତ ସଦର ମହକୁମା ବାରିପଦାରେ ମଧ୍ୟ ଦେଖିବାକୁ ମିଳିଛି। ଏମିତିକି ବର୍ଷ ଧରି ଗାଡି ପଡ଼ି ରହିବା ସ୍ଥାନ ଅଭାବ ଯୋଗୁଁ ଗାଡି ଉପରେ ଆଉ ଏକ ଗାଡି ରଖାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବକାରୀ, ପୁଲିସ ଓ ବନ ବିଭାଗ ବେଖାତିର କରୁଛି। ବର୍ତ୍ତମାନ ସମୟରେ ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ଅପରାଧ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଲୁଟ୍, ଚୋରି ପରି ଘଟଣା ସମେତ ଜୀବଜନ୍ତୁ ଶିକାର, ଅବକାରୀ ମାମଲା ଓ ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଯାହାକୁ ରୋକିବା ପାଇଁ ଅବକାରୀ, ପୁଲିସ ଓ ବନ ବିଭାଗ ଚଢ଼ଉ କରି ଅପରାଧିଙ୍କୁ ଧରିବା ସହ ଗାଡି ଗୁଡିକ ଜବତ କରୁଛନ୍ତି। ଉକ୍ତ ଗାଡିଗୁଡିକ ଜବତ ହେବା ପରେ ପୁଲିସ ଥାନା, ଅବକାରୀ କାର୍ଯ୍ୟାଳୟ ଓ ବନ ବିଭାଗ ମାଲଖାନାରେ ବର୍ଷ ଧରି ପଡ଼ିରହୁଛି। ହାଇକୋର୍ଟ ଜବତ ଗାଡିକୁ ନେଇ ଏକ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଅଧିକାରୀମାନେ ଜବତ ଗାଡି ଗୁଡ଼ିକ ମାମଲା ସ୍ଥାନୀୟ ଜିଲ୍ଲା କୋର୍ଟ ଜରିଆରେ ସମାଧାନ କରିବେ। ଜବତ ଗାଡି ଗୁଡ଼ିକ ୬ବର୍ଷରୁ ଊର୍ଦ୍ଧ୍ୱ ନରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ; କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ପାଳନ କରୁନାହାନ୍ତି। ଫଳରେ ଗାଡି ମାଲିକମାନେ ୧୦/୧୫ବର୍ଷ ଧରି ଗାଡି ମୁକୁଳାଇବାକୁ ଧନ୍ଦି ହେଉଛନ୍ତି। ଏପରିକି ଜବତ ଗାଡି ଗୁଡ଼ିକ ଛାଡିବା ପାଇଁ ହାଇକୋର୍ଟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଯେଉଁଥିରେ କି କାଗଜପତ୍ର ଡିଜିଟାଲ ମାଧ୍ୟମ ସଂରକ୍ଷିତ ରଖିବା, ଗାଡିର ଭିଡିଓ, ଗାଡ଼ିର ମୂଲ୍ୟ ନିର୍ଦ୍ଧାରଣ, ସିକ୍ୟୁରିଟି ବଣ୍ଡ ରଖି ଗାଡି ଛାଡିବା, ନିଲାମ କରି ନିଲାମ ମୂଲ୍ୟ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା ରଖିବା ଆଦି ମାର୍ଗଦର୍ଶିକା ନିୟମ ରହିଛି। କିନ୍ତୁ ନିୟମକୁ ପୁଲିସ, ଅବକାରୀ କିମ୍ବା ବନ ବିଭାଗ ଅଧିକାରୀ ପାଳନ କରୁନାହାନ୍ତି। ଫଳରେ ୧୦/୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୋଟିଏ ଗାଡି ପଡ଼ି ରହିବା ଦ୍ୱାରା ତାହାର ମୂଲ୍ୟ ହରାଉଛି। ଯଦି ଗାଡିଟି ମୁକୁଳି ବି ଯାଉଛି, ମାଲିକ ପାଖକୁ ଆସିବା ବେଳକୁ ବ୍ୟବହାର ଯୋଗ୍ୟ କିମ୍ବା ବିକ୍ରି ଯୋଗ୍ୟ ମଧ ହୋଇ ରହୁନାହିଁ। ଗାଡି ଗୁଡ଼ିକ ଛଡା ନ ଯାଇ ଜବତ କରି ରଖିବା ଦ୍ୱାରା ଜାଗା ମାଡି ବସିଛି। ଏଥିସହ କାର୍ଯ୍ୟାଳୟ ପରିସରରେ ଏକ ଅସୁନ୍ଦର ପରିବେଶ ସୃଷ୍ଟି କରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ମାମଲାର ତ୍ୱରିତ ସମାଧାନ କରିବା ଆବଶ୍ୟକ। ଫଳରେ ଜବତ ଗାଡି ମାଲିକଙ୍କୁ ହସ୍ତାନ୍ତର ହେବ ନଚେତ ନିଲାମ ହୋଇପାରିବ।





## ଚର୍ଚ୍ଚାରେ ମଦ୍ୟପ ଯୁବକଙ୍କ ନାଟକୀୟ ଅପହରଣ ଘଟଣା

**ବେତନଟୀ, ୧।୮ (ସମିସ):** ବୈଶିଙ୍ଗା ଥାନା ଅଧୀନ ଗଡ଼ଗଡ଼ିଆ ଗ୍ରାମରେ ଜଣେ ନିଶାସକ୍ତ ଯୁବକଙ୍କ ଦ୍ୱାରା ରଚିତ ନିଜର ଅପହରଣ ନାଟକ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, ବୁଧବାର ଗଡ଼ଗଡ଼ିଆ ଗ୍ରାମର ରଣଜିତ ମହାନ୍ତ ଘର ଛାତ ପଡୁଥିଲା। କାମ ସାରି ରାତି ଅଧିକ ହେବାରୁ ରଣଜିତ ଘର ବାରଣ୍ଡାରେ ଶୋଇଥିଲେ। କିନ୍ତୁ ଗୁରୁବାର ସକାଳୁ ତାଙ୍କ ସ୍ତ୍ରୀ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ ଯେ, ରାତିରେ କେହି ଦୁର୍ବୃତ୍ତ ରଣଜିତଙ୍କୁ ଅପହରଣ କରି ନେଇଛନ୍ତି। ସ୍ତ୍ରୀଙ୍କ କହିବା ଅନୁସାରେ, ଗୁରୁବାର ଭୋର ୪.୩୦ରେ ରଣଜିତ ତାଙ୍କ ଝିଅଙ୍କ ମୋବାଇଲକୁ ଫୋନ କରି କହିଥିଲେ ଯେ, କିଛି ଯୁବକ ତାଙ୍କୁ ଅପହରଣ କରି ନଡ଼ପୁର ଜଙ୍ଗଲରେ ନେଇ ମାଡ଼ମାରି ପଙ୍ଗି ଦେଇଛନ୍ତି। ଏହାପରେ ଫୋନ ବନ୍ଦ ହୋଇଯାଇଥିଲା। ପରିବାର ଲୋକେ ସେହି ନମ୍ବରକୁ ବାରମ୍ବାର ଫୋନ କରିଥିଲେ, କିନ୍ତୁ ନମ୍ବରଟି ସୁଇଚ୍ ଅଫ୍ ଥିଲା। ଅଭିଯୋଗ ପାଇବା ପରେ ବୈଶିଙ୍ଗା ପୁଲିସ ନଡ଼ପୁର ଜଙ୍ଗଲରେ ରଣଜିତଙ୍କୁ ଖୋଜାଖୋଜି କରିଥିଲା, ମାତ୍ର ମଧ୍ୟାହ୍ନ ପର୍ଯ୍ୟନ୍ତ କୌଣସି ସୂଚନା ମିଳିନଥିଲା। ପରେ ପୁଲିସ ତଦନ୍ତରୁ ଜଣାପଡ଼ିଥିଲା ଯେ, ରଣଜିତ ବୁଧବାର ରାତିରେ ଅତ୍ୟଧିକ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ବାଇକ୍‌ରେ ଘରୁ ବାହାରି ନଡ଼ପୁର ଜଙ୍ଗଲରେ ପଡ଼ିଥିଲେ। ଖବର ପାଇ ତାଙ୍କ ଭଣଜା ତାଙ୍କୁ ଉଦ୍ଧାର କରି ନିଜ ଘରକୁ ନେଇଯାଇଥିଲେ ଏବଂ ପରେ ନିଜ କାମରେ ଚାଲିଯାଇଥିଲେ। କିନ୍ତୁ ଏ ବିଷୟରେ ପରିବାରକୁ କିଛି ଜଣା ନ ଥିଲା। ଅପରାହ୍ନରେ ପୁଲିସ ରଣଜିତଙ୍କୁ ଭାଲୁବସାସ୍ଥିତ ତାଙ୍କ ଭଣଜାଙ୍କ ଘରୁ ଉଦ୍ଧାର କରିଛି।

### ବୁଢ଼ାବଳଙ୍ଗ ଭରାପାଣିରୁ ନୂତନ ପଦ୍ଧତିରେ ଚାଲିଛି ବେଆଇନ ବାଲି ଉତ୍ତୋଳନ

# ଚୋରି ହେଉଛି ଦିନକୁ ୨୦୦ରୁ ଊର୍ଦ୍ଧ୍ୱ ଟ୍ରିପ୍



**ବାରିପଦା, ୧।୮ (ସମିସ):** ନଦୀ ଶୁଖିଲା ବେଳେ ବାଲିମାଫିଆ ଜେସିବି ଲଗାଇ ଦିନରାତି ବାଲି ଚୋରି କାହାକୁ ଅଛପା ନାହିଁ। ହେଲେ ଏବେ ବର୍ଷା ଋତୁରେ ନଦୀରେ ଭରା ପାଣି ଥିବା ବେଳେ ମାଫିଆମାନେ ବାଲି ଉତ୍ତୋଳନ କରୁଛନ୍ତି। ନୂତନ ପଦ୍ଧତିରେ ଏହି କାର୍ଯ୍ୟ ଚାଲିଛି। ଫଳରେ ଜିଲ୍ଲାର ଜୀବନ ରେଖା ବୁଢାବଳଙ୍ଗ ନଦୀ ପ୍ରତି ବିପଦ ଦେଖାଦେଇଛି। ପ୍ରତିଦିନ ୨୦୦ରୁ ଊର୍ଦ୍ଧ୍ୱ ଟ୍ରିପ ବାଲି ଉତ୍ତୋଳନ ହୋଇ ଟ୍ରାକ୍ଟରରେ ଦିନରାତି ବାରିପଦା ସହରକୁ ଆସୁଥିଲେ ହେଁ ସବୁ ଜାଣି ଚୁପ୍ ରହିଛି ପ୍ରଶାସନ। ରାଜସ୍ୱ, ବନ, ପୁଲିସ ଓ ଖଣି ଅଧିକାରୀ/କର୍ମଚାରୀଙ୍କ ସଲାସୁତରାରେ ଏହି କାର୍ଯ୍ୟ ଚାଲିଥିବାରୁ ମାଫିଆ କାହାକୁ ମାନୁନାହାନ୍ତି। ବାରିପଦାଠାରୁ କିଛି ଦୂର ବେତନଟୀ ଥାନା ଅଞ୍ଚଳର ବୁଢାବଳଙ୍ଗ ନଦୀରେ ଜାମଦାପାଳ, କାଞ୍ଚନପାଳ ଅଞ୍ଚଳରୁ ଏପରି ବେଆଇଭାବେ ବାଲି ଉତ୍ତୋଳନ ହେଉଛି। ଫଳରେ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ବର୍ଷା ଋତୁରେ ନଦୀରେ ବନ୍ୟା ପାଣି ପରିପୂର୍ଣ୍ଣ ଥିବା ସତ୍ତ୍ୱେ ମାଫିଆମାନେ ଅତି ସନ୍ତର୍ପଣରେ ଭାସମାନ ଜେଟି ଓ ପାଇପଲାଇନ ସାହାଯ୍ୟରେ ବାଲି ଉତ୍ତୋଳନ କରୁଛନ୍ତି। ନଦୀ ମଝିରେ ଖୋଳା ଯାଉଥିବା ବାଲି ପାଇପ ମାଧ୍ୟମରେ ନଦୀ କୂଳକୁ ଆଣି ଠୁଳ କରାଯାଉଛି। ମାସମାସ ଧରି ଏହି କାର୍ଯ୍ୟ ଚାଲିଥିବା ବେଳେ ଅଧିକାରୀ ସଭିଏଁ ଚୁପ୍ ରହିଛନ୍ତି। ଏପରି ବାଲି ଉତ୍ତୋଳନ ଉଭୟ ଗ୍ରାମ ପ୍ରତି ବିପଦ ଥିବାରୁ ସଚେତନ ଗ୍ରାମବାସୀ ଅଭିଯୋଗ କରିବା ପରେ ବି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସୂଚନା ଅନୁଯାୟୀ, ବାଲି ମାଫିଆ ସ୍ଥାନୀୟ ଅଧିକାରୀଙ୍କ ମୌନ ସମର୍ଥନରେ ଏହି କାର୍ଯ୍ୟ ଚଳାଇଛନ୍ତି। ଏହା କେବଳ ରାଜସ୍ୱ କ୍ଷତି ନୁହେଁ, ବରଂ ପରିବେଶ ଓ ସ୍ଥାନୀୟ ଜୀବନଜୀବିକା ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଇଛି। ଅତ୍ୟଧିକ ବାଲି ଉତ୍ତୋଳନ ଯୋଗୁଁ ନଦୀ ପଠାରେ କ୍ଷୟ, ଜମି ଧସିବା ଓ ଜଳଚକ୍ରରେ ଅସନ୍ତୁଳନ ଦେଖାଦେଇଛି। ଏହା ସ୍ଥାନୀୟ କୃଷି ଓ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି। ଏହାଛଡା, ଅବୈଧ ଖନନ ଯୋଗୁଁ ରାଜ୍ୟ ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ସୂଚନା ଥାଉକି, ଏହି ଅଞ୍ଚଳରେ ବାଲି ଉତ୍ତୋଳନ ପାଇଁ ଆବଶ୍ୟକୀୟ ପରିବେଶ ମଞ୍ଜୁରୀ ଓ ପରିଚାଳନା ପାଇଁ ଅନୁମତି ନାହିଁ। ଏନଜିଟି ପକ୍ଷରୁ ୨୦୨୪ ଅଗଷ୍ଟରେ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲା ସର୍ଭେ ରିପୋର୍ଟ ଅଭାବରୁ ଲଘୁ ଖଣିଜ ଖନନ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଦେଶ ଜାରି କରିଥିଲେ। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଅବୈଧ ବାଲି ଉତ୍ତୋଳନ ଯୋଗୁଁ ନଦୀର ପରିବେଶ ସନ୍ତୁଳନ ନଷ୍ଟ ହେଉଛି ଏବଂ ସ୍ଥାନୀୟ ଜନଜୀବନ ପ୍ରଭାବିତ ହେଉଛି। ଅଧିକାଂଶ ଅଭିଯୋଗ ସତ୍ତ୍ୱେ ପ୍ରଶାସନର ନିଷ୍କ୍ରିୟତା ନେଇ ପ୍ରଶ୍ନ ଉଠୁଛି। କେତେକ ସ୍ଥାନୀୟ ସମାଜସେବୀ ଏହାକୁ ନେଇ ପୁନର୍ବାର ଏନଜିଟି ନିକଟରେ ପୁଣି ଅଭିଯୋଗ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଜିଲ୍ଲା ପୁଲିସ ପକ୍ଷରୁ ମଧ ଅଭିଯୁକ୍ତ ମାଫିଆ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରି ଜରିମାନା ଓ ଦଣ୍ଡ ଦେବା ବଦଳରେ ଘଣ୍ଟ ଘୋଡାଉଥିବାରୁ ସମସ୍ୟା ଦିନକୁ ଦିନ ଜନ ଅସନ୍ତୋଷ ବଢ଼ାଉଛି। ବୁଢାବଳଙ୍ଗ ନଦୀରେ ଚାଲିଥିବା ଅବୈଧ ବାଲି ଖଣନ ରୋକିବା ପାଇଁ ତୁରନ୍ତ ଓ କଡା ପଦକ୍ଷେପ ଆବଶ୍ୟକ। ପ୍ରଶାସନିକ ନିଷ୍କ୍ରିୟତା ଓ ସମ୍ଭାବ୍ୟ ଦୁର୍ନୀତି ଏହାର ମୂଳ କାରଣ ହୋଇପାରେ। ଏନେଇ ଜିଲ୍ଲା ଖଣି ଅଧିକାରୀ ଉଦୟଭାନୁ ସାହୁଙ୍କୁ ଯୋଗାଯୋଗ କରିବାରୁ ବାଲି ଉତ୍ତୋଳନ ହେଉଥିବା ନେଇ ଖବର ନଜରକୁ ଆସିଛି। ଦୁଇଦିନ ତଳେ ଏହିଠାରୁ ଏକ ଟ୍ରାକ୍ଟରକୁ ଆମେ ପୁଲିସ ସହଯୋଗରେ ଜବତ କରିଥିଲୁ। ମାଫିଆମାନେ ଆମ ଯିବାର ଖବର ପୂର୍ବରୁ ପାଇ ଖସି ପଳାଉଛନ୍ତି। ଖବରକୁ ଭିତ୍ତି କରି ଆମେ ଯାଞ୍ଚ କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଛନ୍ତି।

**ମାସ ମାସ ଧରି ଚାଲିଛି ଖନନ, ପ୍ରଶାସନ ଚୁପ୍**

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବେତନଟୀ, ୧।୮ (ସମିସ):** ବେତନଟୀ ବ୍ଲକ ବୈଶିଙ୍ଗା ଥାନା ସଇତପୁର ପଞ୍ଚାୟତ ଅଧୀନ ବାଘବସା ଗ୍ରାମରେ ଜଣେ ଯୁବକ ପାଣିରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଘବସା ଗ୍ରାମର ଲକ୍ଷ୍ମଣ ହାଁସଦାଙ୍କ ପୁଅ ପୀଠ ହାଁସଦା (୨୯)। ଘଟଣା ମୁତାବକ, ବାପପୁଅ ବିଲକୁ କାମ କରିବାକୁ ଯାଇଥିଲେ। ବିଲ କାମ ସାରି ଘରକୁ ଫେରି ବାପା ଗାଧେଇ ସାରି ଭାତ ବାଢ଼ି ବସି ପୁଅକୁ ଅପେକ୍ଷା କଲେ। ପୁଅର ଗାଧୋଇ ଆସିବାର ବିଳମ୍ବ ହେବାରୁ ବାପା ପୁଅକୁ ଖୋଜିବାକୁ ପୋଖରୀକୁ ଯାଇଥିଲେ। ସେଠାରେ ଦେଖିଲା ବେଳକୁ ପୁଅର ଗାମୁଛା ତୁଠରେ ଅଛି; କିନ୍ତୁ ପୁଅ ନାହିଁ। ସନ୍ଦେହ ହେବାରୁ ଲକ୍ଷ୍ମଣ ପାଣିଭିତରେ ଖୋଜିଲାବେଳକୁ ତାଙ୍କ ଗୋଡ଼ରେ ପୁଅର ଶରୀର ବାଜିଲା। ସେ ସଙ୍ଗେ ସଙ୍ଗେ ପୁଅକୁ ପାଣିରୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ଆଣିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ମୋରଡା, ୧।୮ (ସମିସ):** ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବା ନେଇ ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଉକ୍ତ ଥାନା ଅଧୀନ ଜାମବାଡ଼ି ଗ୍ରାମର ସୁଲୋଚନା ନାଏକ ଉକ୍ତ ଗ୍ରାମର ଏକାଦଶୀ ନାଏକଙ୍କୁ ବର୍ଷପତଳେ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ସୁଲୋଚନାଙ୍କ ଦେଢ଼ଶୂର ଏକ ବାଇକ କିଣିବାକୁ ନେଇ ତାଙ୍କୁ ୫୦ ହଜାର ଟଙ୍କା ଦାବି କରିଥିଲେ। ତେବେ ସୁଲୋଚନା ଟଙ୍କା ଦେବାକୁ ମନା କରିବାରୁ ତାଙ୍କ ସ୍ୱାମୀ ଏକାଦଶୀ ଏବଂ ଦେଢ଼ଶୂର ତାଙ୍କୁ ନିର୍ଯାତନା ଦେବା ସହିତ ମାରଣାସ୍ତ୍ର ଦେଖାଇ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଚମକ ଦେଉଥିଲେ। ଶେଷରେ ନିର୍ଯାତନା ଅସହ୍ୟ ହେବାରୁ ସେ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଜାରି ରଖିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଗିରଫ


**ବାରିପଦା, ୧।୮ (ସମିସ):** ବାରିପଦା ସଦର ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ଚାଳକ ଜଣକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ କୁଜୁଡ଼ିହି ଗ୍ରାମର ଶିବ ସିଂ (୨୮)। ନିଚୁଆପଦା ଅଞ୍ଚଳରେ ପେଟ୍ରୋଲିଂ ସମୟରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଦୁଇଦିନିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ୧।୮ (ସମିସ):** ମହାରାଜପୁର, ତକତପୁରର ମହାରାଣୀ ସୁସାର ୟୁଥ କ୍ଲବ ଆନୁକୂଲ୍ୟରେ ୧୩ତମ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଓ ମ୍ୟାନେଜମେଣ୍ଟ ନିକଟ ଫୁଟବଲ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଦସା ମାରାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁକୁମାର ରଞ୍ଜନ ପ୍ରଧାନ, କ୍ଲବର ସମ୍ପାଦକ ଦକ୍ଷିଣ ମୁର୍ମୁ, ସମାଜସେବୀ ଶିରୀଶ ହେମ୍ବ୍ରମ, ୱାର୍ଡ କାଉନସିଲର ଶିବଶଙ୍କର ପାତ୍ର, କ୍ଲବର କୋଷାଧ୍ୟକ୍ଷ କାହ୍ନେ ମାର୍ଣ୍ଡି ଓ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଏହି ଖେଳରେ ୮ଟି ଟିମ ଅଂଶଗ୍ରହଣ କରିଥିଲେ। ବିଜେତାକୁ ପ୍ରଥମ ପୁରସ୍କାର ସହାୟତା ରାଶି ୫୦ହଜାର ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ବିଜେତା ଟିମକୁ ରାଶି ୩୦ହଜାର ଟଙ୍କା, ତୃତୀୟ ଓ ଚତୁର୍ଥ ବିଜେତା ଟିମକୁ ୧୦ହଜାର ଟଙ୍କା ଲେଖାଏଁ ପୁରସ୍କାର ସ୍ୱରୂପ ଦିଆଯିବ।




**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମଚନ୍ଦ୍ର ପାତ୍ର**
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ


# ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଞ୍ଜସେନାର ବିକ୍ଷୋଭ

**ବାରିପଦା, ୧।୮ (ସମିସ)**



ଆଦିବାସୀ ବହୁଳ ମୟୂରଭଞ୍ଜର ଜିଲ୍ଲାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତାର ତଦନ୍ତ ଦାବିରେ ଶୁକ୍ରବାର ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଭିଯୋଗ ଅନୁସାରେ. ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ଇଙ୍ଗିତରେ ପାଖାପାଖି ୧୪୦ ଜଣ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ଜିଲ୍ଲାର ସଦର ମହକୁମା ବାରିପଦା ସହର ପାଖାପାଖି ଥିବା ସ୍କୁଲରେ ଡେପୁଟେସନରେ ଆଣି ରଖିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟାହ୍ନ ଭୋଜନ ହରିଲୁଟରେ ଯୋଗାଣକାରୀଙ୍କ ସହିତ ସାମିଲ ହୋଇ ହରିଲୁଟ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ପେନସନ ପାଇବାର ହକଦାର ଥିବା ପୂର୍ବତନ ଶିକ୍ଷକଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରିବା, ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ଶୁଳିଆପଦା ବିଇଓଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷା ଦେବା ସହିତ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଛି। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ବହୁବାର ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ବାଧ୍ୟ ହୋଇ ବିକ୍ଷୋଭ କରିଛନ୍ତି। ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆଦେଶ ଓ ଜଣେ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ଦାବି କରିଛି ସଂଗଠନ। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀମାନେ ଶିକ୍ଷାବ୍ୟବସ୍ଥାକୁ ନଷ୍ଟ କରିବାର ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀଙ୍କର ତୁରନ୍ତ ବହିଷ୍କାର ଦାବି କରିଥିଲେ। ତାଙ୍କ ବିରୋଧରେ ଦୁର୍ନୀତିର ତଦନ୍ତ ସହିତ ଜଣେ ନୂତନ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ରାଜ୍ୟ ସରକାର ଉପରୋକ୍ତ ଦାବିଗୁଡିକ ସହିତ ଶିକ୍ଷାନୁଷ୍ଠାନ ଏବଂ ଅଫିସଗୁଡିକରେ ବ୍ୟବହୃତ ଆସବାବପତ୍ରଗୁଡ଼ିକୁ ସମସ୍ତ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଅଧିକ ବ୍ୟୟ ଦେଖାଇ ବଜାରରୁ କିଣିଥିବା ବିଷୟ ବସ୍ତୁ ବାବଦରେ ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ ନକରନ୍ତି ଏବଂ ଜଣେ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିଯୁକ୍ତି ଘୋଷଣା ନ କରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଜିଲ୍ଲାରେ ହରତାଳ କରାଯିବ ବୋଲି କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ବିକ୍ଷୋଭରେ ଜିଲ୍ଲା ଅଧ୍ୟକ୍ଷ ସଞ୍ଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସ୍ କେ ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି ପ୍ରମୁଖ ୫୦୦ ଶହରୁ ଊର୍ଦ୍ଧ୍ୱ ଯୁବ ଛାତ୍ର ସଂଗଠକ ସାମିଲ ହୋଇଥିଲେ।




## ଘରୋଇ ଜମିରେ ତାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଉଚ୍ଛେଦ ପୂର୍ବକ ଜମି ହସ୍ତାନ୍ତର ପାଇଁ ଅଦାଲତଙ୍କ ନିର୍ଦ୍ଦେଶ

କରଞ୍ଜିଆ, ୧।୮ (ସମିସ): କରଞ୍ଜିଆ ବ୍ଲକ ତାଟୋସ୍ଥିତ ଏକ ଘରୋଇ ଜମିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦ ପୂର୍ବକ ଜମିର ମାଲିକାନା ସ୍ୱତ୍ୱ ଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର ପାଇଁ ବୁଧବାର ସିଭିଲ ଜଜ (ସିନିୟର ଡିଭିଜନ) ନିର୍ଦ୍ଦେଶ ଦେଇଛନ୍ତି। କରଞ୍ଜିଆ- ଯଶିପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ୧୯୬୨ ମସିହାରେ ତାଟୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ପରବର୍ତ୍ତୀ ସମୟରେ ସରକାର ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରିଥିଲେ; ମାତ୍ର ତାଟୋ ମୌଜାରେ ଖାତା ନଂ ୧୧୪ ଓ ପ୍ଲଟ ନଂ ୮୦୫, ୮୦୮, ୮୦୯, ୮୧୦, ୮୦୫/୯୮୬ରେ ମୋଟ ୯୦ ଡେସିମିଲ ଜମିର ମାଲିକାନା ସ୍ୱତ୍ୱ ଭିକାରୀ ଚରଣ ଦାସଙ୍କ ନାମରେ ରହିଛି। ଫଳରେ ଉକ୍ତ ଜମିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଶ୍ରୀ ଦାସ ନିଜ ପରିବାରକୁ ନେଇ ଶୀର୍ଷାରେ ରହୁଥିବାବେଳେ ତାଙ୍କର ୩ ପୁଅଙ୍କ ମଧ୍ୟରେ ବଡ଼ପୁଅ ପୁଲକିତ ବାରିପଦାରେ, ମଝିଆଁ ପୁଅ ଭୂପତି ମାର୍ଶାରେ ରହୁଥିବା ବେଳେ ସାନପୁଅ ଦେବେନ୍ଦ୍ର ନିଜ ପୈତୃକ ସମ୍ପତ୍ତି ଉପରେ ରହିବା ପାଇଁ ମନସ୍ଥ କରି ତାଟୋ ଆସିଥିଲେ; ମାତ୍ର ତାଙ୍କ ବାପାଙ୍କ ନାମରେ ଥିବା ଜମି ଉପରେ ସ୍ୱାସ୍ଥ୍ୟକେନ୍ଦ୍ର ଗଢି ଉଠିଥିବା ଦେଖି ୨୦୧୦ ମସିହାରେ ସେ କରଞ୍ଜିଆ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ ଅଦାଲତରେ




ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ତାଟୋ ମେଡ଼ିକାଲ ଅଫିସରଙ୍କୁ ପକ୍ଷଭୁକ୍ତ କରି ଏକ ମୋକଦ୍ଦମା ଦାଏର କରିଥିଲେ। ଗତ ୨୦୧୭ରେ ଅଦାଲତଙ୍କ ଶୁଣାଣି ପରେ ଉକ୍ତ ଜମିକୁ ଖାଲି କରି ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାୟ ବିରୋଧରେ ରାଜ୍ୟ ସରକାର, ଜିଲ୍ଲା ମେଡ଼ିକାଲ ଅଫିସର ଏବଂ ତାଟୋ ମେଡ଼ିକାଲ ଅଫିସର ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟରେଭ ଅପିଲ ମୋକଦ୍ଦମା ଦାୟର କରିଥିଲେ; ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ ଉକ୍ତ ମୋକଦ୍ଦମାରେ କୌଣସି ପଦକ୍ଷେପ ନ ନେବା ଯୋଗୁଁ ୨୩.୩.୨୦୨୩ରେ ଅଦାଲତ ଅପିଲ ମୋକଦ୍ଦମାକୁ ଖାରଜ କରିଥିଲେ। ପୁନଃ ୨୦୨୪ ମସିହାରେ ଦେବେନ୍ଦ୍ର ଦାସ ତାଙ୍କ ଡିଗ୍ରୀ ଜମିର ଦଖଲ ହସ୍ତାନ୍ତର ନିମନ୍ତେ ଅଥବା ଡିଗ୍ରୀ ଅନୁଯାୟୀ ଜମି ଅଧିଗ୍ରହଣ ଆଇନ ଅନୁସାରେ ତାଙ୍କ ଡିଗ୍ରୀ ଜମିର କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ ଅଦାଲତରେ ଡିଗ୍ରୀ ଜାରି ମୋକଦ୍ଦମା ନଂ. ୩/୨୦୨୪ ଦାଖଲ କରିଥିଲେ। ଉକ୍ତ ମୋକଦ୍ଦମାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିବାଦୀଙ୍କୁ କୋର୍ଟ ନୋଟିସ ଜାରି କରିଥିଲେ ମଧ୍ୟ ସେମାନେ କ୍ଷତିପୂରଣ ରାଶି ପ୍ରଦାନ କରିବାରେ ଅସଫଳ ହୋଇଥିଲେ। ତେଣୁ ଜୁଲାଇ ୩୦ ତାରିଖରେ ଉକ୍ତ ଜମିରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦ ପୂର୍ବକ ଡିଗ୍ରୀଦାର ଦେବେନ୍ଦ୍ର ଦାସଙ୍କୁ ଜମି ହସ୍ତାନ୍ତର ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେବେନ୍ଦ୍ର ଦାସଙ୍କ ପକ୍ଷରୁ ଅଦାଲତରେ ବରିଷ୍ଠ ଓକିଲ ବାଞ୍ଛାନିଧି ପୃଷ୍ଟି ମୋକଦ୍ଦମା ପରିଚାଳନା କରିଥିଲେ।

## ଥାନାରେ ଆଇନ ସଚେତନତା ଶିବିର

ରାସଗୋବିନ୍ଦପୁର, ୧।୮ (ସମିସ): ରାସଗୋବିନ୍ଦପୁର ଥାନା ପରିସରରେ ନୂତନ ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇନ୍ସପେକ୍ଟର ପଦ୍ମଲୋଚନ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରରେ ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗତ ୨୦୨୪ ମସିହା ଜୁଲାଇ ମାସରେ କାର୍ଯ୍ୟକାରୀ ହୋଇଥିବା ନୂତନ ଆଇନ ସମ୍ପର୍କରେ ଇନିସ୍ପେକ୍ଟର ଶ୍ରୀ ପାଣିଗ୍ରାହୀ ବିଷଦ ଭାବରେ ଆଲୋଚନା କରିଥିଲେ। ବ୍ଲକର ୧୬ ଟି ପଞ୍ଚାୟତର ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ପିଆରଆଇ ମେମ୍ବର, ଅଙ୍ଗନବାଡି କର୍ମୀ, ଆଶାଦିଦି ଆଦି ଲୋକଙ୍କୁ ନେଇ ୬ଟି ସ୍ଥାନରେ ସାଧାରଣ ଶିବିର କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ଏଏସଆଇ ପ୍ରଫୁଲ୍ଲ ପାତ୍ର, ସମୀର କୁମାର ସେନାପତି, ମଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ପିଙ୍ଗୁ, ୧।୮ (ସମିସ): କପ୍ତିପଦା ବ୍ଲକ ନୁଦଡିହା ଗ୍ରାମ ନିବାସୀ ତଥା ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକଙ୍କ ମାତା ସୁବର୍ଣ୍ଣମଣି ମଲ୍ଲିକ୍ (୮୪)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ ଧର୍ମପରାୟଣା ମହିଳାଭାବେ ପରିଚିତ ଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ସନାତନ ମଲ୍ଲିକ୍ଙ୍କ ୨୦୧୬ରେ ମୃତ୍ୟୁ ଘଟିଛି। ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବଡ଼ପୁଅ ମନୋରଞ୍ଜନ ମେଘାସନା ମହାବିଦ୍ୟାଳୟର ଗ୍ରନ୍ଥାଗାରିକ ଥିଲାବେଳେ ସାନ ପୁଅ ଜ୍ଞାନରଞ୍ଜନ ବାୟୁସେନାରୁ ଅବସର ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କାର୍ଯ୍ୟ କରୁଥିବାବେଳେ ମଧ୍ୟମ ପୁତ୍ର ଶଶିରଞ୍ଜନ ଦୈନିକ 'ସମାଜ'ରେ ବରିଷ୍ଠ ସାମ୍ବାଦିକଭାବେ କାର୍ଯ୍ୟରତ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲାପାଳଙ୍କ ଠାକୁରମୁଣ୍ଡା ଗସ୍ତ; ସବୁ ଡାକ୍ତର ପଦବୀ ପୂରଣ ହେବ

ମହୁଲଡିହା, ୧।୮ (ସମିସ): ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଗୁରୁବାର ଅଚାନକ ଠାକୁରମୁଣ୍ଡା ଗସ୍ତରେ ଆସି ମେଡିକାଲ ଏବଂ ବ୍ଲକ ପରିଦର୍ଶନ କରି ଫେରିଯାଇଛନ୍ତି। ସେ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମେଡିକାଲ ଅଫିସର ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓ, ଆଇଟିଡିଏ, ପ୍ରକଳ୍ପ ପ୍ରଶାସକଙ୍କ ସହିତ ଆଲୋଚନା କରିଥିଲେ। ମେଡିକାଲରେ ବିଶେଷଜ୍ଞ ଡାକ୍ତର ପଦବୀ ଶୂନ୍ୟ ଥିବା ଏବଂ ଡାକ୍ତର ନ ଦେଇ ଏଠାରୁ ଡାକ୍ତର ବଦଳି କରୁଥିବା ସମସ୍ୟା ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ; ହେଲେ ଜିଲ୍ଲାପାଳ ସମସ୍ତ ଡାକ୍ତର ପଦବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତି ସପ୍ତାହରେ ଉଚ୍ଚ ଅଧିକାରୀ ଠାକୁରମୁଣ୍ଡା ଆସିବା ସହିତ ଜିଲ୍ଲାପାଳ ନିଜେ ଆସିବେ ଏବଂ ମେଡିକାଲ ଅବସ୍ଥା ବଦଳିଯିବ ବୋଲି ସୂଚନା ଦେଇଥିଲେ। କିଛିଦିନ ପୂର୍ବରୁ ବ୍ଲକ ପରିସରରେ ଥିବା ସରକାରୀ ବସ୍‌ରୁ ତେଲ ଚୋରି ହୋଇଥିଲା। ଏ ନେଇ ବିଡ଼ିଓ ଥାନାରେ ଜଣାଇଥିଲେ ବି ଅଭିଯୋଗ ହୋଇନଥିବା ଜିଲ୍ଲାପାଳଙ୍କ ନଜରକୁ ଅଣାଯାଇଥିଲା। ସେହିପରି ଠାକୁରମୁଣ୍ଡା ବଜାରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ୨ ବର୍ଷ ଧରି ଅଚଳ ରହିବା,



ବଜାରରେ ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ, କେତେକ ଗ୍ରାମରେ ପାନୀୟ ଜଳ ଟାଙ୍କିକୁ ଉଠୁନଥିବା ଆଦି ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ମରାମତି କରିବାକୁ ଆରଡବ୍ଲ୍ୟୁଏସଏସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲାର ସବୁ ବ୍ଲକକୁ ଆକାଂକ୍ଷୀ ଯୋଜନାରେ ସାମିଲ ଦାବିକଲା ମାସାଆର୍ମୀ

ବାରିପଦା, ୧।୮ (ସମିସ): ମୟୂରଭଞ୍ଜର ସମସ୍ତ ବ୍ଲକକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିବା ଦାବିରେ ଗୁରୁବାର ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ନୀତି ଆୟୋଗ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଚାଲିଥିବା ଆକାଂକ୍ଷୀ ଯୋଜନାରେ ପଛୁଆ ଅଞ୍ଚଳର ସାମଜିକ ଓ ଆର୍ଥିକ ବିକାଶ ନିମନ୍ତେ ବିଭିନ୍ନ ଜିଲ୍ଲାର ପଛୁଆ ବ୍ଲକକୁ ସାମିଲ କରାଯାଉଛି। ଏହି ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଦା, ତିରିଂ, ରାଇରଙ୍ଗପୁର, କୁସୁମି ବ୍ଲକକୁ ସାମିଲ କରାଯାଇ ଥିବାବେଳେ ୨୦ଟି ବ୍ଲକକୁ ବାଦ ଦିଆଯାଇଛି। ତେଣୁ ବାଦ ପଡ଼ିଥିବା ଶୁଳିଆପଦା, ବାରିପଦା, କୁଳିଅଣା, ମୋରଡା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି, ଶାମା ଖୁଣ୍ଟା, ବେତନଟୀ, ବଡସାହି, ଖୁଣ୍ଟା, ଗୋପବନ୍ଧୁନଗର, ଉଦଳା, କପ୍ତିପଦା, ସାରସକଣା, ବିଶୋଇ, ଯଶିପୁର, ରରୁଆଁ, କରଞ୍ଜିଆ, ଶୁକ୍ରୁଳି, ଠାକୁରମୁଣ୍ଡା ବ୍ଲକକୁ ମଧ୍ୟ ଆକାଂକ୍ଷୀ ଯୋଜନାରେ ସାମିଲ କରିବାକୁ ମାସାଆର୍ମୀ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଛାତ୍ରନେତା ଅବିନାଶ ମାରାଣ୍ଡି, ଭୀମ ଚରଣ ଟୁଡୁ, ବିଶୁ ମୁର୍ମୁ, ବୁଧରାୟ ହେମ୍ବ୍ରମ, ପଦ୍ମ ଲୋଚନ ସିଂ ପ୍ରମୁଖ ସାମିଲ ଉପସ୍ଥିତ ଥିଲେ।

## ଦୁମାଡିହି ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକ ପଦ ଖାଲି

ବହଳଦା, ୧।୮ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଦୁମାଡିହି ସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଏକ ଶିକ୍ଷକ, ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀଙ୍କ ପଦ ପୂରଣ ନେଇ ଅଭିଭାବକମାନେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପତ୍ର ଜରିଆରେ ଦାବି ଜଣାଇଛନ୍ତି। ସୂଚନା ଅନୁସାରେ, ଦୁମାଡିହି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବିଜ୍ଞାନ, ସଂସ୍କୃତ, କ୍ରୀଡା ଶିକ୍ଷକ ସମେତ କିରାଣୀ ପଦବୀ ଖାଲି ପଡ଼ିଛି। ଏ ନେଇ ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ଅଭିଭାବକ। ଏଠାରେ ବିଜ୍ଞାନ ଶିକ୍ଷକ କାଦୁଆଣି ସ୍ଥିତ ବହଳଦା ଏକଲବ୍ୟ ଆବାସିକ ମୋଡେଲ ସ୍କୁଲକୁ ଡେପୁଟସନରେ ଯାଇଥିବାବେଳେ ଜୁଲାଇରୁ ସଂସ୍କୃତ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ଅଛନ୍ତି। ବିଜ୍ଞାନ ଶିକ୍ଷକ ଦୀର୍ଘ ୫ ବର୍ଷରୁ ଅଧିକ ହେବ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନରେ ଯାଇଛନ୍ତି। ଫଳରେ ଦୁମାଡିହି ଉଚ୍ଚବିଦ୍ୟାଳୟର ଛାତ୍ରୀ ବିଜ୍ଞାନ ପାଠ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଭିଭାବକ ଉଦବେଗ ପ୍ରକାଶ କରିବା ସହିତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି। ଏହା ବ୍ୟତୀତ ଖେଳ ସାମଗ୍ରୀ ଛାତ୍ରୀଙ୍କୁ ଦିଆନଯାଇ ଷ୍ଟୋରରେ ପଡ଼ିରହିଥିବା ଅଭିଯୋଗ କରିଛନ୍ତି ଅଭିଭାବକ।

## ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା, ୧।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମ ନିକଟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ସହିତ ଚାକିରି କରିବାକୁ ଯାଉଥିବା ବେତନଟୀ ଅଞ୍ଚଳର ଜଣେ ଯୁବକ ନାଳରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମର ଅମୀୟ କୁମାର ଦାସଙ୍କ ପୁଅ ରାକେଶ କୁମାର ଦାସ (୩୯)। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ରାକେଶ ବାପାଙ୍କ ସ୍କୁଟିରେ ଗଡ଼ଦେଉଳିଆ ସ୍ଥିତ ଏକ ଘରୋଇ ପେପର ଫ୍ୟାକ୍ଟ୍ରିକୁ ଚାକିରି କରିବାକୁ ଯାଉଥିବାବେଳେ ଗୋଡ଼ ଝିମ ଝିମ ହୋଉଛି ବୋଲି କହି ସ୍କୁଟିରୁ ଓହ୍ଲାଇ ପଡ଼ିଥିଲେ। ପରେ ଚାଲି ଚାଲି ଯାଉଥିବାବେଳେ ହଠାତ୍ ମୁଣ୍ଡ ବୁଲାଉଛି କହି ରାକେଶ ନାଳରେ ପଡ଼ିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବାରିପଦା-ରରୁଆଁକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ଦାବି

ଶୁକ୍ରୁଳି/ରରୁଆଁ, ୧।୮ (ସମିସ): ବାରିପଦାରୁ ରରୁଆଁକୁ ମୁଖ୍ୟମନ୍ତ୍ରୀ ବସ୍‌ସେବା ଚଳାଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ରରୁଆଁରୁ କୌଣସି କାର୍ଯ୍ୟରେ ବାରିପଦା ଗଲେ ସେଠାରୁ ପୁଣି ଫେରିବାକୁ କୌଣସି ବସ୍ ନାହିଁ। ଫଳରେ ଲୋକେ ବହୁ ହଇରାଣ ହରକତ ହେଉଛନ୍ତି। ଶେଷରେ ଲୋକେ ଛୋଟ ଛୋଟ ଗାଡିରେ ଯଶିପୁରରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ସାଢେ ୭ଟା ହୋଇଯାଉଛି। ସେତେବେଳକୁ ଆଉ କୌଣସି ବସ୍ ନ ଥାଏ। ଫଳରେ ଲୋକେ ବାଧହୋଇ ବସଷ୍ଟାଣ୍ଡରେ ରାତି ଉଜାଗର ରହନ୍ତି। ବିଶେଷକରି ଘାଗରବେଡା, ଫଗୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜିଲ୍ଲା କାର୍ଯ୍ୟାଳୟରୁ ଅନ୍ୟ ବ୍ଲକ ଯିବାକୁ ରାତିରେ ବି ବସ ଅଛି; କିନ୍ତୁ ରରୁଆଁ, ଶୁକ୍ରୁଳି ବ୍ଲକକୁ କୌଣସି ବସ୍ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ସକାଳୁ ଏପଟୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ କରିବାକୁ ଦାବି ହେଉଛି।


# ବେତନଟୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ

ବେତନଟୀ, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ବୁଧବାର ବେତନଟୀ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଜିଲ୍ଲା ପରିଷଦ ସବିତା ଦାସ, ଜିଲ୍ଲାପରିଷଦ ଧାନୀ କିସ୍କୁ, ବେତନଟୀ ବିଡିଓ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସେହିପରି ଶିଶୁ ଓ ମହିଳାବିକାଶ, ଗ୍ରାମୀଣ ପାନୀୟ ଜଳ, ବନ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ଅଧିକାରୀ ଯୋଗଦେଇ ବିଭିନ୍ନ ମତ ରଖିଥିଲେ। ଶିକ୍ଷା ବିଭାଗରେ ଜନୈକ ଶିକ୍ଷକଙ୍କ ଦ୍ୱାରା ହୋଇଥିବା ଅସଦାଚରଣ ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ସେହିପରି ଶୋଚନୀୟ ହୋଇଥିବା ରାସ୍ତା ମରାମତି ନେଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ବ୍ଲକ ପରିସରରୁ ଉଠିଯାଇ ବୈଶିଙ୍ଗାରେ ଅବସ୍ଥାପିତ ହୋଇଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଉଦ୍ୟାନ ବିଭାଗ ଅଧିକାରୀ ଦୈନିକ କାର୍ଯ୍ୟାଳୟକୁ ଆସୁନଥିବାରୁ ଚାଷୀ ଫେରିଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବ୍ଲକର ସହକାରୀ ଯନ୍ତ୍ରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ ବ୍ଲକ ସଭାପତି ରାଜୀବ ସେନାପତି, ଯୁବ ନେତା ସୁଶାନ୍ତ ବଳା, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ହରେକୃଷ୍ଣ ବେହେରା, ଚିତେଶ୍ୱର ବେହେରା, ବୃନ୍ଦାବନ ଦାସ, ପ୍ରଶାନ୍ତ ମହାନ୍ତ, ରାଜେନ୍ ଦାସ, ଜୀବନ ଦାସ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।



# ହାତୀ ଦ୍ୱାରା କ୍ଷତିଗ୍ରସ୍ତ ବିଧବାଙ୍କୁ ମିଳୁନି ସହାୟତା

ରାଇରଙ୍ଗପୁର, ୧।୮ (ସମିସ): ବିଜାତଳା ବ୍ଲକର ସରଗଡ଼ା, ଚଢ଼େଇ ପାହାଡି, ମାଣିକପୁର, ମଢେଇକଚା, ଲୁହାଶିଳା, ରାଇହରି ପଞ୍ଚାୟତର ପାହାଡିଆ ଅଞ୍ଚଳରେ ବର୍ଷତମାମ ହାତୀ ଉପଦ୍ରବ ଲାଗିରହିଛି। ପାହାଡ଼ରେ ପଥର, ମୋରମ ଖନନ, ଜଙ୍ଗଲ ନଷ୍ଟ ଯୋଗୁଁ ବନ୍ୟଜନ୍ତୁ ଗାଁମୁହାଁ ହୋଇ ବ୍ୟାପକ କ୍ଷତି କରୁଛନ୍ତି। ତେଣୁ ହାତୀମାନେ ମଧ୍ୟ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛନ୍ତି। ଖଣି ଖାଦାନ ଯୋଗୁଁ ଜଙ୍ଗଲ ସହ ପରିବେଶ ମାତ୍ରାଧିକ ନଷ୍ଟ ହେଉଛି। ତେଣୁ ହାତୀମାନେ ଖାଇବାକୁ ନ ପାଇ ଗାଁ ଓ ସହରକୁ ପଶି ଏକର ଏକର ଚାଷ ଜମି ନଷ୍ଟ କରିବା ସହ ନିରିହ ଆଦିବାସୀଙ୍କ ଘର ଭାଙ୍ଗି ନଷ୍ଟ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଜୁନ୍ ୧୯ ତାରିଖ ରାତିରେ ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତର ଭିଜିଡ଼ି ଗ୍ରାମର ବିଧବା ଗୁରୁବାରୀ ମୁଣ୍ଡାଙ୍କ ଘରେ ହାତୀ ଆକ୍ରମଣ କରିବା ସହିତ ଘରର କବାଟ ଭାଙ୍ଗି ଧାନ ଚାଉଳ ଖାଇ ଦେଇଛି। ଘରେ ଥିବା ସମସ୍ତ ଆସବାବପତ୍ର ମଧ୍ୟ ନଷ୍ଟ କରିଦେଇଛି। ସରଗଡ଼ା ଆରଆଇ ପାଲ ଖଣ୍ଡେ ଦେଇ ଚୁପ୍ ବସିଛନ୍ତି। ଆଜିଯାଏ ଅନ୍ୟ କୌଣସି ସହାୟତା ମିଳିନାହିଁ। ଏ ନେଇ ସେ ସରଗଡ଼ା ସରପଞ୍ଚ ଏବଂ ରାଇରଙ୍ଗପୁର ବନଖଣ୍ଡ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଫଳରେ ସେ ବହୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ଅସହାୟ ବିଧବାଙ୍କୁ ଗୃହ ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ସାନଦୁନ୍ଦୁରେ ଆକ୍ରମଣ ଘଟଣା; ଗିରଫ ସଂଖ୍ୟା ୬କୁ ବୃଦ୍ଧି

ବହଳଦା, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡଦୁନ୍ଦୁ ଗ୍ରାମର କିଛି ଯୁବକ ସଂଘବଦ୍ଧ ଭାବେ ସାନଦୁନ୍ଦୁ ଗାଁରେ ପଶି ମାରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୁଲିସ ପୂର୍ବରୁ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଶୁକ୍ରବାର ଫେରାର ଥିବା ୨ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଗତ ୨୦ ତାରିଖରେ ବଡ଼ଦୁନ୍ଦୁ ଗାଁର ୩ ଜଣ ଯୁବକ ଚୋରି କରିବା ଉଦ୍ଦେଶ୍ୟରେ ସାନଦୁନ୍ଦୁ ଗ୍ରାମରେ ପଶିଥିଲେ। ଏହି ସମୟରେ ଗ୍ରାମବାସୀ ଜଣଙ୍କୁ ଧରି ମାଡ଼ ମାରିଥିଲେ। ସେହି ଘଟଣାକୁ କେନ୍ଦ୍ର କରି ଗତ ୨୨ ତାରିଖରେ ବଡ଼ଦୁନ୍ଦୁ ଗାଁର ୨୦ରୁ ଅଧିକ ଯୁବକ ସାନଦୁନ୍ଦୁ ଗ୍ରାମରେ ପହଞ୍ଚି ସଂଘବଦ୍ଧ ଆକ୍ରମଣ କରିଥିଲେ। ଉକ୍ତ ଘଟଣାକୁ ନେଇ ଅଭିଯୋଗକାରୀ ଓ ଆକ୍ରମଣର ଶିକାର ହୋଇଥିବା ଅନ୍ୟ ଯୁବକମାନେ ବହଳଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ବହଳଦା ଥାନାରେ ବଡଦୁନ୍ଦୁ ଗ୍ରାମର ୬ ଜଣ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ବହଳଦା ପୁଲିସ ପ୍ରଥମେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ତିନି ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆଜି ଉକ୍ତ ଘଟଣାରେ ଫେରାର ଥିବା ଆଉ ୨ ଜଣ ଅଭିଯୁକ୍ତଙ୍କୁ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ଗିରଫ କରାଯାଇଛି। ତଦନ୍ତ ଅଧିକାରୀ ଥିବା ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୨ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଓଭରବ୍ରିଜ ନିର୍ମାଣ ନେଇ ବାଲେଶ୍ୱର ସାଂସଦଙ୍କୁ ଭେଟିଲେ ବିଜେପି ନେତା



ବେତନଟୀ, ୧।୮ (ସମିସ) ବିଜେପିର ବରିଷ୍ଠ ନେତା ରାଜକିଶୋର ସାହା ନୂଆଦିଲ୍ଲୀରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଦୁଇଟି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ରୂପସା-ବାଙ୍ଗିରିପୋଷି ରେଳପଥର କଙ୍କାଳିଆ ଛକଠାରେ ଅବସ୍ଥିତ ୧୬ ନମ୍ବର ରେଳ ଫାଟକ ଉପରେ ଏକ ଓଭରବ୍ରିଜ ନିର୍ମାଣ ଏବଂ ବେତନଟୀ ଡାକ୍ତରଖାନା ନିକଟରେ ୧୮ ନମ୍ବର ଜାତୀୟ ରାଜପଥ ଉପରେ ଏକ ରାମ୍ପ ଓଭରବ୍ରିଜ ନିର୍ମାଣ ପାଇଁ ସେ ଦାବି ଜଣାଇଛନ୍ତି। କଙ୍କାଳିଆ ଛକରେ ୧୬ ନମ୍ବର ରେଳ ଫାଟକ ଉପରେ ଓଭରବ୍ରିଜ ନିର୍ମାଣ ହେଲେ ବେତନଟୀ ଓ ବଡ଼ସାହି ଅଞ୍ଚଳର ଲାକେ ଉପକୃତ ହେବେ। ଟ୍ରେନ ଚଳାଚଳ ସମୟରେ ଫାଟକ ବନ୍ଦ ହେବା ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ସେହିପରି ବେତନଟୀ ଡାକ୍ତରଖାନା ଆଗରେ ୧୮ ନମ୍ବର ଜାତୀୟ ରାଜପଥରେ ଗଳା ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହେଉଛି। ଏହି ପ୍ରସ୍ତାବ ବିଚାରାଧୀନ ଥିବା ବେଳେ ରାଜମାର୍ଗ ମନ୍ତ୍ରାଳୟର ଏକ ବୈଷୟିକ ଦଳ ପୂର୍ବରୁ ସ୍ଥାନୀୟ ତଦନ୍ତ କରି ସ୍ଥିତି ସମୀକ୍ଷା କରିଥିଲେ। ଲୋକଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରୀ ସାହା ଏହି ରାମ୍ପ ଓଭରବ୍ରିଜ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ପରମିଟ୍ ଅନୁସାରେ ଗଡୁନି ଘରୋଇ ବସ୍




ରାଇରଙ୍ଗପୁର, ୧।୮ (ସମିସ): ଦିନକୁ ଦିନ ଘରୋଇ ବସ୍ ମାଲିକଙ୍କ ମନମାନି ବଢ଼ି ଚାଲିଛି। ପରମିଟ୍ ଅନୁସାରେ ମୂଳ ସ୍ଥାନରୁ ଗଡୁନି ବସ; ଯାହାକୁ ନେଇ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ପରିବହନ ବିଭାଗ ଅଧିକାରୀ ଜାଣି ନ ଜାଣିଲା ପରି ରହୁଛନ୍ତି। ଘଟଣାରୁ ପ୍ରକାଶ ଯେ, ରାଇରଙ୍ଗପୁରଠାରୁ ସୁଲାଇପାଟ ୧୭ କିମି ରାସ୍ତା ଦୁର୍ଗମ ଅଞ୍ଚଳ। ଏଠାରେ ଖଡଖାଇ ନଦୀବନ୍ଧ ମଧ୍ୟମ ଜଳ ସେଚନ ପ୍ରକଳ୍ପ ଅଛି। ଏହି ପ୍ରକଳ୍ପକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି; କିନ୍ତୁ ଦୁଃଖର ବିଷୟ ଦୁଇଟି ଘରୋଇ ବସର ପରମିଟ ସୁଲେଇପାଟ ଭାୟା ରାଇରଙ୍ଗପୁର-ଭୁବନେଶ୍ୱର ଅଛି; କିନ୍ତୁ ଦୁଇଟିଯାକ ବସ୍ ଏକ ମାସ ହେଲା ସୁଲେଇପାଟରୁ ଭାୟା ରାଇରଙ୍ଗପୁର ଦେଇ ଯିବା ପରିବର୍ତ୍ତେ ରାଇରଙ୍ଗପୁରରୁ ଭୁବନେଶ୍ୱର ଯାଉଛି। ଫଳରେ ସୁଲେଇପାଟରୁ ରାଇରଙ୍ଗପୁର ରାସ୍ତାରେ ଥିବା ୫ଟି ପଞ୍ଚାୟତର ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ଅତିରିକ୍ତ ପରିବହନ ବିଭାଗ କାର୍ଯ୍ୟାଳୟ ମଧ୍ୟ ଘରୋଇ ବସ୍ ଉପରେ କଟକଣା ଲଗାଇପାରୁନାହିଁ। ତେଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


## ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ପକ୍ସୋ ଆଇନ ଉପରେ ସଭା



ଶରତ, ୧।୮ (ସମିସ): ଶୁକ୍ରବାର ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ନିର୍ଯାତନା ଓ ବାଳିକାଙ୍କ ନିମନ୍ତେ ପକ୍ସୋ ଆଇନ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଶାକର୍ମୀ ରମଣୀ ପାତ୍ର ଓ ତୁଳସୀ ହେମ୍ବ୍ରମ ଓ ଅଙ୍ଗନବାଡ଼ି କର୍ମୀ ଶାନ୍ତିଲତା ପରିଜା ଓ ଝୁନିରଣୀ ପାତ୍ର ଯୋଗ ଦେଇଥିଲେ। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଏବଂ ଏଥିପାଇଁ ଥିବା ଆଇନଗତ ବ୍ୟବସ୍ଥା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପ୍ରଣାଳୀ, ଅଭିଯୋଗ ଦାଖଲ ପ୍ରଣାଳୀ, ସିଆରପିସିର ବିଭିନ୍ନ ଧାରା ଉପରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ କୁନ୍ତଳା ମହାନ୍ତ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇସିସି ସଭାପତି ଗୀତାଞ୍ଜଳି ସିଂ ଯୋଗଦେଇ ସଭାର ଆଭିମୁଖ୍ୟ ସ୍ୱଷ୍ଟ ଭାବରେ ଆଲୋଚନା କରିଥିଲେ। ସ୍ୱାଗତିକା ମହାନ୍ତି, ସୋନମନୀ ମୁର୍ମୁ, ବବି ଚାତାର, ରଘୁନାଥ ନାୟକ, ସୁନା ସିଂ, ମହେନ୍ଦ୍ର ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ସମସ୍ତେ ଗୋଟିଏ ଲକ୍ଷ୍ୟ ପୂରଣ ପାଇଁ ପାଦରେ ପାଦ ମିଳାଇ ଚାଲିବେ ତେବେ ସଫଳତା ଆପେ ଆପେ ଆସିଯିବ।
-ହେନେରି ଫୋର୍ଡ

## ଟଳିଲା ସୁନାମି ଆତଙ୍କ

ରୁଷର ପୂର୍ବ ଉପକୂଳ କାମ୍‌ଚାଟ୍‌କା ଉପଦ୍ୱୀପରେ ବୁଧବାର ଅନୁଭୂତ ଶକ୍ତିଶାଳୀ ଭୂମିକମ୍ପ ଏଥିମଧ୍ୟରେ ୭୨ ଘଣ୍ଟା ଅତିକ୍ରମ କରିସାରିଥିବାରୁ ସୁନାମି ଆତଙ୍କ ଅପସରିଯାଇଛି। ଏହି ଭୂମିକମ୍ପର ତୀବ୍ରତା ୮.୮ ହୋଇଥିବାରୁ ପ୍ରଶାନ୍ତ ମହାସାଗର ବେଳାଭୂମି ସଂଲଗ୍ନ ଅଞ୍ଚଳରେ ସୁନାମି ସମ୍ଭାବନା ନେଇ ସତର୍କ କରାଯାଇଥିଲା। ରୁଷ, ଜାପାନ, ଆମେରିକାର ପଶ୍ଚିମ ଉପକୂଳ ଅଞ୍ଚଳ, ଚିଲି, ଇକ୍ୱାଡର, ପେରୁ, ଫିଲିପାଇନ୍ସ, ଗୁଆମ ନ୍ୟୁଜିଲାଣ୍ଡରେ ସମ୍ଭାବ୍ୟ ସୁନାମି ଦୃଷ୍ଟିରୁ ତଟବର୍ତ୍ତୀ ଅଞ୍ଚଳରୁ ଲୋକଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏବେ ସ୍ୱାଭାବିକତା ଫେରୁଛି। ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଅର୍ଥାତ୍ ୨୦୦୪ ଓ ୨୦୧୧ରେ ଯଥାକ୍ରମେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଓ ଜାପାନର ହାନସୁ ଦ୍ୱୀପରେ ୯.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଗଭୀର ସମୁଦ୍ର ହୋଇଥିବାରୁ ପ୍ରଳୟଙ୍କରୀ ସୁନାମି ପ୍ରଭାବରେ ଯଥାକ୍ରମେ ୨.୫ ଲକ୍ଷ ଓ ୧୮,୪୫୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଏକ ମହାପ୍ରଳୟର ଅନୁଭୂତି ଲୋକଙ୍କ ମନରୁ ଲିଭିନାହିଁ। କାମ୍‌ଚାଟ୍‌କା ଉପଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରବକ୍ଷର ୧୯.୩ କିଲୋମିଟର ଗଭୀର ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ହୋଇଥିବାରୁ ତାହାର ତୁରନ୍ତ ପ୍ରଭାବ ରୁଷର ପୂର୍ବତଟରେ ଅନୁଭୂତ ହୋଇଥିଲା। ପ୍ରାୟ ୧୩ ଫୁଟ ଉଚ୍ଚର ସୁନାମି ବା ସମୁଦ୍ର ଲହରୀ ଆସି ନିକଟସ୍ଥ ଅଞ୍ଚଳରେ ବନ୍ୟା ବିପର୍ଯ୍ୟୟ ଭଳି ପରିସ୍ଥିତି ସୃଷ୍ଟି କରିଥିଲା। କୁରିଲ ଦ୍ୱୀପପୁଞ୍ଜ ହିଁ ଥିଲା ସୁନାମିର ପ୍ରଥମ ଶିକାର। ପରବର୍ତ୍ତୀ ସମୟରେ ସୁନାମୀର ସୀମିତ ପ୍ରଭାବ ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି।

କାମଚାଟକା ଉପଦ୍ୱୀପ ରୁଷର ଏକ ଜନବହୁଳ ଅଞ୍ଚଳ ନୁହେଁ। ବହୁତ କମ୍ ଜନବସତି ଥିବାରୁ ଏହାର ଆଖପାଖ ଅଞ୍ଚଳରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅପେକ୍ଷାକୃତ କମ୍। ଉଲ୍ଲେଖଯୋଗ୍ୟ କି ଏହି ଅଞ୍ଚଳରେ କ୍ରମାଗତ ଆଉ ଦୁଇଥର ଭୂମିକମ୍ପ ଅନୁଭୂତ ହୋଇଥିଲା। ତାହାର ତୀବ୍ରତା ଥିଲା ୬.୩। ରୁଷ ସରକାରୀ ମୁଖପାତ୍ରଙ୍କ ବିବରଣୀରେ କିଛି କୋଠାବାଡ଼ି ଭାଙ୍ଗିଥିବା କୁହାଯାଉଥିଲେ ମଧ୍ୟ ମୃତାହତଙ୍କ ସଂଖ୍ୟା ସୀମିତ ମନେ ହେଉଛି। ଜାପାନ ପାଣିପାଗ ବିଜ୍ଞାନ ସଂସ୍ଥା ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରାରମ୍ଭିକ ସୁନାମି ପ୍ରବାହ ସେଭଳି ଆତଙ୍କ ସୃଷ୍ଟିକାରୀ ହୋଇନଥିଲେ ମଧ୍ୟ ପରେ ସମୁଦ୍ରରୁ ଉଚ୍ଚ ଲହରୀ ମାଡ଼ି ଆସିଥିଲା। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଆଲାସ୍କା, ହାଇୱା, ଚିଲି ଓ ସୋଲମାନ ଦ୍ୱୀପପୁଞ୍ଜରେ ସୁନାମିର ପ୍ରଭାବ ଅନୁଭୂତ ହୋଇଥିଲା। ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାର ଖବର ମିଳିଛି। ଜାପାନ ସରକାର ଉପକୂଳ ଅଞ୍ଚଳରୁ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିଥିଲା। ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସେନ୍‌ଡାଇ ବିମାନଘାଟିକୁ ସାମୟିକ ବନ୍ଦ ରଖାଯାଇଥିଲା। ପୂର୍ବ ଅନୁଭୂତିକୁ ଦୃଷ୍ଟିରେ ରଖି ଫୁକୁସିମା ପରମାଣୁ କେନ୍ଦ୍ରକୁ ତୁରନ୍ତ ଖାଲି କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ କାମଚାଟକା ଉପଦ୍ୱୀପରେ ଥିବା କ୍ଲିଚେଭସ୍କୋଏ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହୋଇଥିଲା।

ବିଶେଷଜ୍ଞଙ୍କ ସୂତ୍ରରୁ ପ୍ରକାଶ ଯେ ରୁଷର ସୁଦୂର ପର୍ବାଞ୍ଚଳରେ ଅବସ୍ଥିତ କାମଚାଟକା ପ୍ରଶାନ୍ତ ମହାସାଗରୀୟ ଅଗ୍ନିବଳୟରେ ଅବସ୍ଥିତ। ଭୂତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଞ୍ଚଳଟି ଭୂମିକମ୍ପ ଓ ଆଗ୍ନେୟଗିରି ଉଦ୍‌ଗୀରଣ ଦୃଷ୍ଟିରୁ ସମ୍ବେଦନଶୀଳ। ସେସ୍‌ମିକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଅପେକ୍ଷାକୃତ ହାଲୁକା ଉତ୍ତର ଆମେରିକୀୟ, ପ୍ଲେଟ ଭାରି ପ୍ରଶାନ୍ତ ମହାସାଗରୀୟ ପ୍ଲେଟର ଚାପରେ ଥିବାରୁ ଏହି ଅଞ୍ଚଳରେ କ୍ରମାଗତ ଭୂମିକମ୍ପ ଓ ଉଦ୍‌ଗୀରଣ ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବ। ଗତିଶୀଳ ପ୍ରଶାନ୍ତ ମହାସାଗରୀୟ ପ୍ଲେଟ ପ୍ରଥମରୁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ପ୍ରକୃତିର ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିଜ୍ଞାନ ଏପର୍ଯ୍ୟନ୍ତ ସମର୍ଥ ହୋଇନାହିଁ। ପରିବେଶିକ ସଂଘାତ ଓ ଯୁଦ୍ଧ ବିଭୀଷିକାର ଘନଘଟା ମନୋରମ ପ୍ରକୃତିକୁ କ୍ରମାଗତ ଭାବେ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ପ୍ରାକୃତିକ ସଂପଦର ଦୁରୁପଯୋଗ ମାଧ୍ୟମରେ ଶକ୍ତି ଓ ଅହଂକାରର ପ୍ରଦର୍ଶନ ପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହାର ପରାଭବ ମନୁଷ୍ୟ ସମାଜକୁ ଭୋଗିବାକୁ ପଡ଼ିବ। ଏହି ପ୍ରବାହ ଓ ବେଗକୁ ରୋକିବା ଲାଗି ବିଶ୍ୱ ନେତୃବର୍ଗ ଯେ ଅସମର୍ଥ ତାହା ହିଁ ସାଂପ୍ରତିକ ଆନ୍ତର୍ଜାତିକ ପରିସ୍ଥିତିରୁ ସ୍ପଷ୍ଟ।

ଘଟଣାକ୍ରମକୁ ନେଇ ସମଗ୍ର ବିଶ୍ୱ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ କ୍ରେମଲିନ୍ ମୁଖପାତ୍ର ଦମିତ୍ରି ପେସକଭ୍ କହିଛନ୍ତି ଯେ ଏହି ବିପର୍ଯ୍ୟୟରେ କାହାର ମୃତ୍ୟୁ ଘଟିନାହିଁ। ଆମର ମଜଭୂତ ନିର୍ମାଣ ଶୈଳୀ କୋଠାବାଡ଼ିକୁ ଭାଙ୍ଗିବାକୁ ଦେଇନି। ଯଥେଷ୍ଟ ପୂର୍ବରୁ ଲୋକଙ୍କ ନିକଟରେ ପହଞ୍ଚିପାରିଛି ସତର୍କ ସୂଚନା। ସ୍ଥାନାନ୍ତର ପ୍ରକ୍ରିୟାରେ ସରକାରୀ ତତ୍ପରତା ପରିସ୍ଥିତିର ଉଚିତ୍ ମୁକାବିଲା କରିପାରିଛି। ସେଭେରୋ-କୁରିଲ୍‌ସ ଉତ୍ତରାଞ୍ଚଳରେ ସୁନାମି ୩ରୁ ୫ ମିଟର ଉଚ୍ଚତାରେ ଆସିଥିବାରୁ ସମଗ୍ର ଅଞ୍ଚଳରେ ବନ୍ୟା ପ୍ଲାବନର ଭ୍ରମ ସୃଷ୍ଟି କରିଥିଲା। କୁରିଲ ଦ୍ୱୀପରେ ୬.୦୭ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଥିଲା। କାମଚାଟକା ଓ ଉତ୍ତର ଜାପାନର ମଧ୍ୟବର୍ତ୍ତୀ ସ୍ଥାନରେ ଏହି କ୍ଷତିଗ୍ରସ୍ତ ଦ୍ୱୀପ ଅବସ୍ଥିତ। ଜାର୍ମାନୀର ଭୂ-ବିଜ୍ଞାନ ଗବେଷଣା କେନ୍ଦ୍ରର ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସୁନାମି ପ୍ରଭାବରେ ବନ୍ଦର ଓ ମାଛଧରା ଜେଟି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା କ୍ଷମତାର ଅହଂକାର ସତକୁ ସତ ମାନିବାକୁ ନାରାଜ। ପ୍ରକୃତି ଓ ପରିବେଶ ନିଜ ନିୟନ୍ତ୍ରଣରେ ରଖିବାର ଅଭୀପ୍ସାର ପରିଣତି ଯେ କେତେ ବିଷମୟ ତାହା ବୁଝିବାକୁ ମଣିଷ ନାରାଜ।

ବିଶ୍ୱର ଦଶଟି ଶକ୍ତିଶାଳୀ ଭୂମିକମ୍ପ ମଧ୍ୟରୁ ସଦ୍ୟତମ ଭୂମିକମ୍ପ ଅନ୍ୟତମ। କ୍ରମାଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବିଶ୍ୱବାସୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଜାଗ ଓ ସତର୍କ। ଆଶ୍ୱସ୍ତିର ବିଷୟ ଯେ ସୁନାମୀର ସମ୍ଭାବ୍ୟ ବିପଦ ବିଶେଷ କିଛି କ୍ଷତି ନ ଘଟାଇ ଟଳିଯାଇଛି। କିନ୍ତୁ ଏହି ଶତାବ୍ଦୀ ଅନୁରୂପ ଦୁଇଟି ବିପଦର ସମ୍ମୁଖୀନ ହୋଇଛି। ପରିସ୍ଥିତି କିଭଳି ମୁକାବିଲା କରାଯାଇ ପାରିବ ସେ ନେଇ ଠିକିଛି ଓ ଶିଖିଛି। ପ୍ରଶାନ୍ତ ମହାସାଗରୀୟ ତଟବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକତା ଫେରିଆସିବା ସୁଖର କଥା।

## ଆତ୍ମଦାହର ଚେତନା ଓ ଚେତାବନୀ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଇତିହାସରୁ ଆମେ ଭୁରି ଭୁରି ପ୍ରମାଣ ପାଇଛେ ଯେ ଶାସକୀୟ ସ୍ୱେଚ୍ଛାଚାରିତା ଓ ଦମନମୂଳକ କାର୍ଯ୍ୟଧାରା ଯୋଗୁଁ ସର୍ବତ୍ର ସୃଷ୍ଟି ହେଉଥିବା ଭୟ ଓ ଆତଙ୍କ ଜନତାଙ୍କୁ ନିରବ, ନିଷ୍ପ୍ରଭ ଓ ଅବଦମିତ ରହିବାକୁ ବାଧ୍ୟ କରିଥାଏ ସତ, ମାତ୍ର ଏ ନିରବତା ହେଉଛି ସର୍ବଦା ଅଶାନ୍ତ ନିରବତା ଏବଂ ଅଶାନ୍ତ ଆତଙ୍କଗ୍ରସ୍ତ ନିରବତା ହେଉଛି ଏକ ସୁପ୍ତ ଆଗ୍ନେୟଗିରି। ଜନତାଙ୍କ ଆପାତଦୃଷ୍ଟ ଜଡ଼ତା, ଭୟବିଜଡ଼ିତ ନିରବତା ସେମାନଙ୍କ ଭିତରେ ପ୍ରସ୍ତ ପରେ ପ୍ରସ୍ତ ଜ୍ୱଳନ୍ତ ଲାର୍ଭା ସୃଷ୍ଟି କରି ଚାଲିଥାଏ। ହଠାତ୍ ଦିନେ ତାହା ଉଦ୍‌ଗୀରିତ ହୋଇ ଶାସନ ଓ ସମାଜ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କରିଦେଇଥାଏ। ଯେଉଁ ଶାସନବ୍ୟବସ୍ଥା ଜନତାଙ୍କ ନିରବତାକୁ ସେମାନଙ୍କ ଅସହାୟ ଅଥଚ ଶାନ୍ତ ଆତ୍ମସମର୍ପଣ ବୋଲି ଭାବିବାର ଭ୍ରମ କରିଥାଏ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତାହା ସେହି ବିସ୍ଫୋରିତ କ୍ରୋଧର ଶିକାର ହୋଇଥାଏ।

ଦେଶ ଓ ଦଶ ନିର୍ବିଶେଷରେ ଏବେ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ଉଗ୍ରଜାତୀୟତାବାଦ-ସୃଷ୍ଟ ଅସୂୟା, ବିଦ୍ୱେଷ ଓ ସାଂପ୍ରଦାୟିକ ଘୃଣା ସବୁର ବିଷାକ୍ତ, ସଂକ୍ରାମକ ବାତାବରଣରେ ପ୍ରତ୍ୟେକ ଶ୍ୱାସରୁଦ୍ଧ ଅବସ୍ଥାରେ। ଅର୍ଥନୈତିକ ବୈଷମ୍ୟ, ଅସମାନତା, ପର୍ଯ୍ୟାବରଣୀୟ ଦୁଃସ୍ଥିତି ଏବଂ ଧର୍ମ-ଜାତି-ଭାଷା-ଲିଙ୍ଗ ଆଦିକୁ ନେଇ ବିଭେଦତା, ଅସହିଷ୍ଣୁତାର ବାତାବରଣରେ ସତ୍‌ସ୍ୱଭାବସଂପନ୍ନ ପ୍ରତ୍ୟେକ ମଣିଷ ମାନବ ସଭ୍ୟତାର ଭବିଷ୍ୟତ ସମ୍ପର୍କରେ ସନ୍ଦିଗ୍ଧ। ଏ ପ୍ରକାର ବିଷାକ୍ତ ବାତାବରଣକୁ ଦୀର୍ଘସ୍ଥାୟୀ କରିବାରେ ମୁଖ୍ୟ ଭୂମିକା ନେଉଥିବା ଶାସକବର୍ଗଙ୍କ ମଧ୍ୟରୁ ଅନେକ ଫାସିବାଦ ଓ ନାଜିବାଦର ଭ୍ରଷ୍ଟ ଆଦର୍ଶ, ଭ୍ରଷ୍ଟ ରାଜନୈତିକ ସାଂସ୍କୃତିକ ମୂଲ୍ୟବୋଧର ପୃଷ୍ଠପୋଷକ। ସର୍ବସାଧାରଣଙ୍କୁ ଏମିତି ଶ୍ୱାସରୁଦ୍ଧ, ସନ୍ଦିଗ୍ଧ, ସଂଶୟାଚ୍ଛନ୍ନ କରି ରଖିଲେ ହିଁ ସେମାନଙ୍କ ସ୍ୱାଧୀନ ସ୍ୱର ନିଷ୍ପ୍ରଭ ହୋଇ ପରିଶେଷରେ ସଂପୂର୍ଣ୍ଣ ଅବଦମିତ ହୋଇଯିବ -ଏହା ହେଉଛି ସବୁକାଳେ ଫାସିଷ୍ଟ ସରକାରମାନଙ୍କର ନୀତି ଓ ଆଦର୍ଶ। ଭିନ୍ନମତ, ସ୍ୱାଧୀନ ବିଚାର ଚିନ୍ତନ ଉପରେ ଏହି ଆଦର୍ଶର ପକ୍ଷଧର ଶାସକମାନଙ୍କର ଯାବତୀୟ ଆକ୍ରମଣ, ଶାସକୀୟ ଅଙ୍କୁଶ ସତ୍ତ୍ୱେ ଯଦି ଜଣେ କିଏ କେଉଁଠି ସ୍ୱର ଉତ୍ତୋଳନ କରି, ବିରୋଧିତା ପ୍ରଦର୍ଶନ କରି ସରକାରୀ ନିର୍ମମତାର ଶିକାର ହୋଇ ମୃତ୍ୟୁବରଣ କଲା କିମ୍ବା ଅନନ୍ୟୋପାୟ ହୋଇ ଆତ୍ମବିସର୍ଜନ ବା ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲା, ତାହା କେତେବେଳେ ଯେ ଅହିଂସ କି ହିଂସାତ୍ମକ ଜନବିଦ୍ରୋହର କାରଣ ନହେବ, ତା'ର ପୂର୍ବାନୁମାନ କେହି କରିପାରିବେ ନାହିଁ। ଗଣସ୍ୱାର୍ଥ ପାଇଁ ହେଉ କିମ୍ବା ନ୍ୟାୟସମ୍ମତ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେଉ, ଯିଏ 'ଶହୀଦତ୍ୱ' ବରଣ କରିଥାଏ, ସିଏ ଅଚିରେ ନିର୍ଭୟତା ଓ ଗଣତାନ୍ତ୍ରିକ ସଂଗ୍ରାମର ପ୍ରତୀକ ପାଲଟି ଯାଇଥାଏ କୋଟି କୋଟି ଜନତାଙ୍କ ଆଖିରେ।

ଉତ୍ତର-ଆଫ୍ରିକାର ଛୋଟିଆ ଦେଶ ଟ୍ୟୁନିସିଆର 'ମହମ୍ମଦ ବାଉଆଜିଜି'ଙ୍କ ଉଦାହରଣ ପ୍ରଥମେ ନେବା। ଛବିଶବର୍ଷର ଗରିବ ଫଳବିକ୍ରେତା ବାଉଆଜିଜି ପ୍ରତିଦିନ ମ୍ୟୁନିସିପାଲ ଅଫିସର ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରେ ପହଞ୍ଚିଯାଉଥା'ନ୍ତି ତାଙ୍କ ଫଳଭରା ଠେଲାଗାଡ଼ି ସହିତ। ୨୦୧୦ ମସିହାର କଥା ଇଏ। ପ୍ରେସିଡେଣ୍ଟ ଜାଇନ୍ ଅଲ୍ ଆବିଡାଇନଙ୍କ ସନ୍ତ୍ରାସରେ ସମଗ୍ର ଟ୍ୟୁନିସିଆ ଆତଙ୍କଗ୍ରସ୍ତ। ବାଉଆଜିଜିଙ୍କ ଠେଲାଗାଡ଼ିଟିକୁ ପ୍ରଥମେ ରାସ୍ତା କଡ଼କୁ ଫୋପାଡ଼ି ଦେଲେ ଆବିଡାଇନଙ୍କ ରକ୍ତମୁଖା ସୁରକ୍ଷା କର୍ମୀ ଓ ପୁଲିସ୍। ତା'ପରେ ଆରମ୍ଭ ହୋଇଗଲା ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର। କାକୁତିମିନତି ହେଉଥା'ନ୍ତି ବାଉଆଜିଜି। ଅନୁନୟ କରୁଥା'ନ୍ତି ଲୁହ ଛଳଛଳ ଆଖିରେ ନିର୍ଦ୍ଦୟ ପୁଲିସ୍‌କୁ। କିନ୍ତୁ ପୁଲିସ୍ ଲହୁଲୁହାଣ କରି ଚାଲିଥା'ନ୍ତି ତାଙ୍କୁ ସେଇଠି ସର୍ବସାଧାରଣ ରାସ୍ତାରେ, ନିରବଦ୍ରଷ୍ଟାମାନଙ୍କ ଆଖି ଆଗରେ। ଅମାନବିକ ନିର୍ଯାତନା, ଅପମାନକୁ ଆଉ କାହିଁକି ବା ସେ ସହ୍ୟ କରିବେ? ବାଉଆଜିଜି ବାଛିନେଲେ ଭୟାନକ ଆତ୍ମବଳିଦାନର ମାର୍ଗ। ନିଜକୁ ଜାଳିଦେଲେ ସେ ସେଇ ମ୍ୟୁନିସପାଲ୍ ଅଫିସ୍ ସମ୍ମୁଖସ୍ଥ ରାସ୍ତା ଉପରେ। କିନ୍ତୁ ତାଙ୍କର 'ଆତ୍ମଦାହ' ଜଳାଇଦେଲା ଲକ୍ଷଲକ୍ଷ ଟ୍ୟୁନିସିଆ ନାଗରିକଙ୍କ ଭିତରେ ବିଦ୍ରୋହର ବହ୍ନି। ଦିନ କେତୋଟି ଭିତରେ କ୍ଷୁଦ୍ର ଟ୍ୟୁନିସିଆରେ ସବୁଠି ଜଳି ଉଠିଲା ଗଣବିକ୍ଷୋଭର ଦାବାନଳ। ଅତ୍ୟାଚାରୀ ପ୍ରେସିଡେଣ୍ଟ ଆବିଡାଇନ୍ ପଳାୟନ କଲେ ଦେଶ ଛାଡ଼ି ରାତିଅଧରେ। ବାଉଆଜିଜିଙ୍କ ଆତ୍ମଦାହ ସୂତ୍ରପାତ କଲା 'ଆରବ ବିପ୍ଳବ'- ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ସର୍ବପ୍ରଥମ ସଂଗଠିତ ଗଣଆନ୍ଦୋଳନ। ଏହି ବିପ୍ଳବର ଅଗ୍ନିଶିଖା ଟ୍ୟୁନିସିଆ ସୀମା ଡେଇଁ ବ୍ୟାପିଗଲା ଇଜିପଟ୍, ଲିବିୟା ଓ ୟେମେନ୍ ପର୍ଯ୍ୟନ୍ତ ଏବଂ ଗାଦିଚ୍ୟୁତ ହେଲେ ସେ ସବୁ ଦେଶର ସ୍ୱେଚ୍ଛାଚାରୀ ଶାସକମାନେ।

ଦ୍ୱିତୀୟ ଉଦାହରଣଟି ହେଉଛି ଇରାନ୍‌ର ଛାତ୍ରୀ 'ନେଦାଙ୍କର ଆତ୍ମବଳିଦାନ', ଯାହା ୨୦୦୯ ମସିହାରେ ଇରାନ୍‌ରେ ଆରମ୍ଭ ହୋଇଥିବା 'ସବୁଜ ଆନ୍ଦୋଳନ' (ଗ୍ରୀନ୍ ରିଭୋଲ୍ୟୁସନ୍)ର ବୀଜ ରୋପଣ କରିଥିଲା। ବିବାଦାସ୍ପଦ ରାଷ୍ଟ୍ରପତି ନିର୍ବାଚନର ବିରୋଧ କରି ରାଜରାସ୍ତାରେ ଅହିଂସ ବିକ୍ଷୋଭ କରୁଥିବା ଇରାନୀୟମାନଙ୍କ ମଧ୍ୟରେ ଥିଲେ ନେଦା। ସରକାରୀ ସଶସ୍ତ୍ରବାହିନୀର ଗୁଳିମାଡ଼ରେ ଟଳି ପଡ଼ିଥିଲେ ସେ। ନେଦାଙ୍କ ଶହୀଦତ୍ୱ ପରେ ଇରାନ୍‌ର ସେତେବେଳର ସରକାର ଅବଶ୍ୟ ଗାଦିଚ୍ୟୁତ ହେଲାନି, କିନ୍ତୁ ନିର୍ଭୟ ସ୍ୱରଉତ୍ତୋଳନ ଏବଂ ପ୍ରତିବାଦର ଭାବୋଦ୍ଦୀପକ ପ୍ରତୀକଟିଏ ପାଲଟିଗଲେ ସେ। ନେଦାଙ୍କ ମରଶରୀରର ପଲକହୀନ ଆଖି ଦୁଇଟି ସତେଯେପରି ମୌନତାକୁ ଆଦରି ନେଇଥିବା ଲକ୍ଷଲକ୍ଷ ଇରାନବାସୀଙ୍କୁ କହୁଥିଲା, ଯାହା ଦିନେ କହିଥିଲେ ମହାମାନବ ମହାତ୍ମା ଗାନ୍ଧୀ, 'ତୁମେ ମୋତେ ଶୃଙ୍ଖଳବଦ୍ଧ କରିପାର, ଭୟଙ୍କର ଶାରୀରିକ, ମାନସିକ ଯନ୍ତ୍ରଣା ଦେଇପାର, ମୋତେ ଗୁଳିବିଦ୍ଧ କରିପାର କିମ୍ବା କାରାରୁଦ୍ଧ କରିପାର, କିନ୍ତୁ ମୋର ମନ, ହୃଦୟ ଓ ଚେତନା ରହିବ ଅକ୍ଷତ ଓ ମୁକ୍ତ ତମର ସକଳ ନିର୍ଯାତନା, ସକଳ କୂଟଫିସାଦ ସତ୍ତ୍ୱେ'।

ଶେଷୋକ୍ତ ଉଦାହରଣଟି ହେଉଛି ୧୯୬୯ ମସିହାର ଗୋଟିଏ 'ଆତ୍ମଦାହ'ର କଥା। ଚେକୋସ୍ଲୋଭାକିଆରେ ସୋଭିଏତ୍ ଅନୁପ୍ରବେଶ ବିରୋଧରେ ରାଜଧାନୀ 'ପ୍ରେଗ୍'ରେ ସଂଘଟିତ ଜନବିକ୍ଷୋଭରେ ଯୋଗ ଦେଇଥିବା ଛାତ୍ର 'ଜନ୍ ପାଲାକ୍' ସାମ୍ରାଜ୍ୟବାଦୀ ସୋଭିଏତ୍ ସରକାର ପ୍ରତି ଦେଶବାସୀଙ୍କ ବିଦ୍ରୋହଭାବନାକୁ ତୀବ୍ରତର କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାରେ ଆତ୍ମଦାହର ପଥ ବାଛିନେଲେ। ଜନ୍‌ଙ୍କ ଆତ୍ମୋତ୍ସର୍ଗ ବ୍ୟର୍ଥ ଗଲା ନାହିଁ। ଏହା ସୋଭିଏତ୍ ଶାସନତନ୍ତ୍ର ଓ ସାମ୍ରାଜ୍ୟବାଦ ବିରୋଧରେ ପ୍ରତିବାଦ, ପ୍ରତିରୋଧର ପ୍ରତୀକରେ ପରିଣତ ହେଲା ଏବଂ 'ଭେଲ୍‌ଭେଟ୍ ବିପ୍ଳବ' (ଭେଲ୍‌ଭେଟ୍ ରିଭୋଲ୍ୟୁସନ) ର ପ୍ରେରଣା ହେଲା।

ଏ ଆଲେଖ୍ୟର ଉଦ୍ଦେଶ୍ୟଟି ସ୍ପଷ୍ଟ ଓ ସରଳ ଏବଂ ଏଥିରେ ଓତପ୍ରୋତ ହୋଇ ରହିଛି ଚେତାବନୀଟିଏ- ନୀତି ଓ ଆଦର୍ଶର ଦୋହାଇ ଦେଇ ସାଧାରଣ ଜନତାଙ୍କୁ ଅନ୍ଧ, ମୂକ ଓ ବଧିର କରି ରଖିବାକୁ ମସୁଧା କରୁଥିବା ସ୍ୱେଚ୍ଛାଚାରୀ ଶାସନ ଓ ଜଡ଼ ପ୍ରଶାସନ ପାଇଁ। ଚେତାବନୀଟିଏ ବି ଅଛି ଶାସନତନ୍ତ୍ରର ମୂକଦର୍ଶକ ପାଲଟି ଯାଇ ନିଜ ନିଜ ଆରାମ ବଳୟ ଭିତରେ ଜାକିଜୁକି ହୋଇ ରହିବାକୁ ଅପବିତ୍ର ପଣ କରିଥିବା ଭୀରୁ, ଭୟାଳୁମାନଙ୍କ ପାଇଁ। ଛୋଟିଆ ଅଗ୍ନିଝୁଲଟିଏ ଯେପରି ଅଗ୍ନିପ୍ରଳୟ ରଚନା କରିପାରେ, ସେମିତି ଛୋଟ ଛୋଟ ବିଦ୍ରୋହ, ପ୍ରତିବାଦ, ଛୋଟ ଛୋଟ ପ୍ରତିରୋଧ ସର୍ବବ୍ୟାପକ ଗଣଆନ୍ଦୋଳନ ସୃଷ୍ଟି କରିପାରେ। ବର୍ଷ ବର୍ଷ ଧରି କପଟାଚାରୀ ଶାସକଙ୍କ ହୀନ ଚକ୍ରାନ୍ତରେ ଅଚଳ ହୋଇ ପଡ଼ିଥିବା ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ସଚଳ, କ୍ରିୟାଶୀଳ କରି ଏକ ସକାରାତ୍ମକ, ଲୋକାଭିମୁଖୀ ଶାସନତନ୍ତ୍ରର ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିଦେଇପାରେ। ଜଣକର 'ଆତ୍ମୋତ୍ସର୍ଗ', 'ଆତ୍ମଦାହ' ମହାବିପ୍ଳବର କାରଣ ହୋଇପାରେ। ନିର୍ବେଦତା, ସ୍ୱାର୍ଥସର୍ବସ୍ୱ ଉଦାସୀନତାକୁ ଆଦରି ନେଇଥିବା ଜନତାଙ୍କୁ ଜାଗ୍ରତ କରିଦେଇପାରେ।

ଧୃତରାଷ୍ଟ୍ରୀୟ-ଚେତନାର ଶାସକବର୍ଗ ନାନା ମିଛ ଆଦର୍ଶର ଭାଟ ପାଲଟିଯାଇଥା'ନ୍ତି ପ୍ରତି ଯୁଗରେ। ମଣିଷ ବି ଅନେକ ସମୟରେ ମରୀଚିକା-ଶାନ୍ତି ଖୋଜିଥାଏ ତା' ଚତୁର୍ଦ୍ଦିଗରେ ଅନ୍ୟାୟ, ଅନାଚାର ଓ ବ୍ୟଭିଚାର ସବୁର ନିରବଦ୍ରଷ୍ଟା ହୋଇ। ଆଜି ବୋଧହୁଏ ସେ ସମୟ ଉପନୀତ ହୋଇସାରିଲାଣି ଯେତେବେଳେ ସେ ନିରବତା, ସ୍ଥାଣୁତାର ଅର୍ଗଳିରୁ ନିଜକୁ ମୁକ୍ତ କରିବା ପାଇଁ ଗଣତାନ୍ତ୍ରିକ, ସାମ୍ବିଧାନିକ ମାର୍ଗ ଖୋଜିବାକୁ ପ୍ରୟାସ ଆରମ୍ଭ କରିଦେବ। ସେଥିପାଇଁ ଏମିତି କେତେଜଣ, ନିର୍ଭୟ-ନିର୍ଭୟା, ଅଭୟ-ଅଭୟା, ଇତିଶ୍ରୀ-ସୌମ୍ୟାଶ୍ରୀଙ୍କ 'ଶହୀଦତ୍ୱ' ତା'ପାଇଁ ପ୍ରେରଣାର ଉତ୍ସ ହେବ। ଦୁଇଶହ ବର୍ଷ ତଳେ ଇଂଲଣ୍ଡର ଅନ୍ୟତମ ଶ୍ରେଷ୍ଠ ରୋମାଣ୍ଟିକ ବିଦ୍ରୋହୀ କବି ପି.ବି. ସେଲିଙ୍କ କବିତା 'ଦି ମାସ୍କ ଅଫ ଆନାର୍କି'ର ଏଇ ଫକ୍ତି, 'ରାଇଜ୍ ଲାଇକ୍ ଲାୟନ୍‌ସ ଆଫ୍‌ଟର ସ୍ଲମ୍ବର / ଇନ୍ ଅନ୍‌ଭାନ୍‌କ୍ୱିସେବଲ୍ ନମ୍ବର/ ସେକ୍ ୟୁଓର୍ ଚେନ୍‌ସ .../ ୟୁ ଆର ମେନି/ ଦେ ଆର୍ ଫିଓ'ର ଓଡ଼ିଆ ମର୍ମାନୁବାଦ ଏହି ପରିପ୍ରେକ୍ଷୀରେ ଅବତାରଣା କରିବା ଖୁବ୍ ପ୍ରାସଙ୍ଗିକ ନିଶ୍ଚୟ - 'ଗଭୀର ନିଦ୍ରାରୁ ଉଠିପଡ଼ କେଶରୀସମ / ଚିରଦୁର୍ଦ୍ଦମ ଅପରାଜେୟ ତମେ / ଖୋଲିଦିଅ ହାତ ଓ ପାଦରୁ ଶୃଙ୍ଖଳ/ ସ୍ମରଣ ରଖ - ତମେମାନେ ଅଗଣିତ / ସେମାନଙ୍କ ସଂଖ୍ୟା ଏଇ ଶହେ କି ହଜାର ମାତ୍ର।'

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ରୋଗଣା ଘର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଲାଗଣ ବର୍ଷାକୁ ଆମେ ସମସ୍ତେ ସାମ୍ନା କରୁଛେ। ବର୍ଷା ଦିନରେ ଅନେକ ରୋଗସବୁ ଦେଖାଯାଇଥାଏ। ପେଟ, ଆଖି, କାନଠାରୁ ଅସ୍ଥି, ଚର୍ମ ନାକ, ସବୁକ୍ଷେତ୍ରରେ ଅନେକ ପ୍ରକାରର ଅସ୍ୱାଭାବିକତାକୁ ଆମେ ସାମ୍ନା କରୁ। ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ ଯେ ଘରକୁ ମଧ୍ୟ ରୋଗ ହୋଇପାରେ। ଏ କଥାଟି ଆପଣଙ୍କୁ ଟିକିଏ ଅଡୁଆ ଲାଗିପାରେ, କିନ୍ତୁ ଖୋଦ ଏହି ତଥ୍ୟଟି ବିଜ୍ଞାନ ଓ ଗବେଷଣା ତଥ୍ୟଭିତ୍ତିକ। ରୋଗଣା ଘର ସେ ଘରେ ରହୁଥିବା ମଣିଷକୁ ମଧ୍ୟ ରୋଗଗ୍ରସ୍ତ କରିଦେଇପାରେ। ଏଭଳି ଘରେ ରହି ଯେଉଁ ସବୁ ରୋଗ ହୁଏ ତାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ 'ସିକ ବିଲଡିଂ ସିଣ୍ଡ୍ରୋମ' କୁହାଯାଇଥାଏ।

ଶଉଳିଭରା କାନ୍ଥ ଏବଂ ପାଣି ଜକାଉଥିବା ଚଟାଣ ଘରକୁ ଜରାଗ୍ରସ୍ତ କରିଦିଏ। ଘରେ ଥିବା କାଠ ଆସବାବପତ୍ର ପୁରୁଣା ହୋଇ ସେଥିରେ ଫଙ୍ଗସ (ଛତୁ) ଜମିଲେ ଏହା ବିଭିନ୍ନ ରୋଗକୁ ଡାକି ଆଣିଥାଏ। ନିକଟରେ 'ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ' ତରଫରୁ ବିଲଡିଂ କୋଡ୍‌ର ମାନ ନିର୍ଦ୍ଧାରଣ ପାଇଁ ଆୟୋଜିତ ଏକ ଆଲୋଚନାଚକ୍ରର ନିବନ୍ଧ ବିଶ୍ୱବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଉଲ୍ଲେଖ କରିଛି। 'ସିକ ବିଲ୍ଡିଂ ସିନଡ୍ରୋମ'କୁ ଚିକିତ୍ସକମାନେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ଏବେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମଧ୍ୟ ଏଥିରେ ସହମତି ଯୋଗାଇଛି। ସବୁଠୁ ଚିନ୍ତାର ବିଷୟ ହେଉଛି, ଯଦି ଜରାଗ୍ରସ୍ତ ଘରର ତାଲିକା ପ୍ରସ୍ତୁତ କରାଯାଏ ତା'ହେଲେ ବଡ଼ ସହରର ଅନେକ ପୁରୁଣା ଘରକୁ ନାକଚ କରିବାକୁ ପଡ଼ିବ। ସଂକ୍ରାମକ ଘର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଏସବୁ ଘରଗୁଡ଼ିକୁ।

ଆସନ୍ତୁ ଜାଣିବା ଘର କିପରି ରୋଗଗ୍ରସ୍ତ ହୁଏ। 'ଲାନସେଟ୍'ର ସୂଚନା ଅନୁଯାୟୀ, କାନ୍ଥରେ ଦୂଷିତ ଜଳ ଜକେଇବା, କଳା ଛତୁ (ଫଙ୍ଗସ) ଚରିଯିବା, ଶିଉଳି ଜମିବା ଫଳରେ ଘର ରୋଗଣା ହୋଇଯାଏ। ସେ ଘରେ ରହୁଥିବା ଲୋକମାନଙ୍କୁ ସଂକ୍ରମିତ ହେଉଥିବା ରୋଗଗୁଡ଼ିକ ହେଲା - ଷ୍ଟେପିବୋଟ୍ରିସ ଚାଟେରମ୍, ଷ୍ଟେପିବ୍ରୋଟିସ ଏଟ୍ରା, (କଳା-ସବୁଜ ଶିଉଳି), ଏସ୍ପରଜିଲ୍ସ ଫ୍ୟୁମିଗେଟ୍‌ପ, ଏସ୍ପରିଜିଲ୍ସ କ୍ଲେଓଟସ ଓ ଏସ୍କୋମିସିଟିୟସ ପେସିଲିୟମ, ଫଙ୍ଗସ କଣନଖା, ଓନିକୋମିକୋସିସ୍ ଓ କର୍ନିଆରେ କିରୋଟୋମିକୋସିସ୍। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହା ମଣିଷକୁ ଖୁବ ଶୀଘ୍ର ଆକ୍ରାନ୍ତ କରେ। ରୋଗଣା ଘର ଜଣଙ୍କୁ ମାନସିକ ଭାବରେ ଅସ୍ୱସ୍ତିକର କରିବା ସହ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଯକୃତକୁ ମଧ୍ୟ ଏକପ୍ରକାର ଅସ୍ୱସ୍ତିକର ପରିପାର୍ଶ୍ୱିକ ପ୍ରତିକ୍ରିୟା ଭିତରକୁ ଠେଲି ଦେଇଥାଏ। ମାନସିକ ଭାବେ ଅସ୍ୱସ୍ତିକର ଓ ବିଷାଦମୟ ଚିନ୍ତାସବୁ ଯକୃତର ବିଭିନ୍ନ ଅନ୍ୟ ସମସ୍ୟାକୁ ଡାକି ଆଣିଥାଏ। ଅହେତୁକ ଭାବେ ଭୋକ କମିଯାଏ, ଚିଡ଼ଚିଡ଼ା ସ୍ୱଭାବ ପରିପାକ ବ୍ୟବସ୍ଥାକୁ ଓଲଟପାଲଟ କରିଦିଏ।

ଜରାଗ୍ରସ୍ତ ଘରେ ରହିଲେ ଆଖି, ନାକ ଏବଂ ଗଳାରେ ଜ୍ୱଳନ ଅନୁଭୂତ ହୁଏ। ଶୁଖିଲା କାଶ ହୋଇଥାଏ। ତ୍ୱଚାରେ ଶୁଖିଲାପଣ ଦେଖାଯାଏ ଏବଂ କୁଣ୍ଡେଇ ହୁଏ। ଏକାଗ୍ରତା କମିଯାଏ ଏବଂ କ୍ଲାନ୍ତ ଲାଗେ ସବୁବେଳେ। ଶ୍ୱାସକ୍ରିୟାରେ କଷ୍ଟ ଏବଂ ଶ୍ୱାସନଳୀରେ ଶୋଥ ହୁଏ। ନିୟମାନୁସାରେ ଘରକୁ ପ୍ରତିବର୍ଷ ଟିକେ ମରାମତି କରାଯିବା ସହିତ ନିୟମିତ ରଙ୍ଗ କରାଇବା ଉଚିତ। ଏହାଫଳରେ ଘରେ ଫଙ୍ଗସ ଜମେ ନାହିଁ। ଘରର କାନ୍ଥରେ ୱାଟର ପ୍ରୁଫ ରଙ୍ଗ ଦେଲେ ଖୁବ ଭଲ। ଶିଉଳି ଭରା କାନ୍ଥରେ ଯାଇଥିବା ପାଣି ପାଇପଗୁଡ଼ିକୁ କିଛି ବର୍ଷ ଅନ୍ତରରେ କାଢ଼ି ନୂଆ ପାଇପ ଲଗାଇବା ଉଚିତ। ଫଙ୍ଗସ ପାଣିକୁ ମଧ୍ୟ ଦୂଷିତ କରିପାରେ। ଘରେ ସୂର୍ଯ୍ୟକିରଣ ପଡ଼ିବାକୁ ଦିଅନ୍ତୁ। ଘର ପାଖାପାଖି ବଡ଼ ବଡ଼ ଗଛ ରଖନ୍ତୁ ନାହିଁ।

ସବୁ ପୁରୁଣାକାଳିଆ ଘର ଯେ ରୋଗଣା, ଅଶୁଭ ଓ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ସେ କଥା ନୁହେଁ। ମୂଳକଥା ହେଉଛି 'ଘର ବୈକୁଣ୍ଠପୁର' ବୋଲି ମାନ୍ୟତା ଥିବାରୁ ଏହାର ଯତ୍ନ ନେବା ଜରୁରୀ। ବର୍ଷାଦିନେ ପୁରୁଣାକାଳିଆ ଘର ଯତ୍ନ ଅଭାବରୁ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଘର ମଧ୍ୟ ଏକ ମନ୍ଦିର। ଆମ ଦେହ ମନ୍ଦିର ପରି ଏହାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସଦାସର୍ବଦା ନିଜ ଇଷ୍ଟଙ୍କ ନାମ ସ୍ମରଣରେ ପବିତ୍ରମୟ କରନ୍ତୁ। ଘର ଭିତରକୁ ସୂର୍ଯ୍ୟକିରଣ ଓ ମୁକ୍ତ ଭାବେ ପବନ କିପରି ଆତଯାତ ହେବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। ଦେଖିବେ ଆପଣଙ୍କ ରୋଗଣା ଘର କେବଳ ସୁସ୍ଥବାନ ହେବନି, ଆପଣଙ୍କୁ ଓ ଆପଣଙ୍କ ଶରୀରକୁ ସୁସ୍ଥବାନ କରିରଖିବ।

(ଅବସରପ୍ରାପ୍ତ ପ୍ରଫେସର, ଏସ୍‌ସିବି ମେଡିକାଲ କଲେଜ)
କଟକ, ମୋ: ୯୪୩୭୦୫୧୯୫୭

## ତିବ୍ବତରେ ବୌଦ୍ଧଧର୍ମ

ପ୍ରବୀର କୁମାର ପଟ୍ଟନାୟକ



### ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ବର୍ତ୍ତମାନ ତିବ୍ବତର ଧାର୍ମିକ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା। ଶାନ୍ତରକ୍ଷିତ ଯେଉଁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲେ ପଦ୍ମସମ୍ଭବ ସେଥିରେ ସମ୍ପୂର୍ଣ୍ଣ ସଫଳ ହେଲେ। ବନ୍ ଧର୍ମର ଯେଉଁମାନେ ବୌଦ୍ଧଧର୍ମକୁ ଘୋର ବିରୋଧ କରୁଥିଲେ ସେମାନେ ବର୍ତ୍ତମାନ ପଦ୍ମସମ୍ଭବଙ୍କ ପାଖରେ ଶରଣ ପଶିଲେ। ସମସ୍ତେ ତାଙ୍କୁ ସର୍ବମାନ୍ୟ ଗୁରୁ ଭାବରେ ସ୍ୱୀକୃତି ଓ ସମର୍ଥନ ଜଣାଇବାକୁ ଯେପରି ବାଧ୍ୟ ହୋଇଗଲେ। ପଦ୍ମସମ୍ଭବ ସତେଯେପରି ଯାଦୁ ଚଳାଇ ସମଗ୍ର ତିବ୍ବତରେ ବୌଦ୍ଧଧର୍ମକୁ ଦୃଢ଼ ଭାବେ ପ୍ରତିଷ୍ଠା କଲେ।

ପ୍ରକୃତରେ ପଦ୍ମସମ୍ଭବ ତିବ୍ବତକୁ ଏକ ଅଲୌକିକ ଧାର୍ମିକ ବ୍ୟବସ୍ଥା ସାଙ୍ଗରେ ନେଇ ଆସିଥିଲେ, ଯାହାର ସେ ଅନୁଗାମୀ ଓ ଆଚର୍ଯ୍ୟ, ତାହା ହେଲା ବଜ୍ରଯାନ ବୌଦ୍ଧଧର୍ମ। ବୌଦ୍ଧଧର୍ମ ଭାବେ ତିବ୍ବତବାସୀ ଯାହାକୁ ଜାଣିଥିଲେ ଏହି ନୂତନ ଧର୍ମ ସେ ସବୁରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥିଲା। ଶାନ୍ତରକ୍ଷିତଙ୍କୁ ଯେଉଁ ସ୍ଥାନୀୟ ଶକ୍ତି ବିରୋଧ କରିଥିଲେ ସେମାନେ ମଧ୍ୟ ପଦ୍ମସମ୍ଭବଙ୍କୁ ବିରୋଧ କରିବାର ଅପଚେଷ୍ଟା କରି ବିଫଳ ହେଲେ। ତିବ୍ବତରେ ଯେଉଁଥିପାଇଁ ସେ ସଫଳତା ଲାଭ କଲେ ତାହା ହେଲା ସେ ଜଣେ ସାଧାରଣ ବୌଦ୍ଧ ହେବା ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ତାନ୍ତ୍ରିକ ଥିଲେ। କାରଣ ସେ ଯେଉଁ ବୌଦ୍ଧଧର୍ମର ଅନୁଗାମୀ ତାହା ହେଉଛି ତାନ୍ତ୍ରିକ ବୌଦ୍ଧଧର୍ମ। ପଦ୍ମସମ୍ଭବଙ୍କ ପିତା ସମ୍ବଳ ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ସେହି ବୌଦ୍ଧଧର୍ମର ପ୍ରତିଷ୍ଠାତା ଏବଂ ସେ ଥିଲେ ଚକ୍ରସମ୍ବର ସମ୍ପ୍ରଦାୟର ଅନୁଗାମୀ। ପଦ୍ମସମ୍ଭବ ନିଜେ ହେଉଛନ୍ତି ମହାଯାନର ଯୋଗାଚାର-ବିଜ୍ଞାନବାଦ ଦାର୍ଶନିକ ଭାଗର ଅନୁଗାମୀ ତଥା ବଜ୍ରଯାନୀ। ସେ ତିବ୍ବତରେ ରାଜା ଖ୍ରୀ-ସ୍ରନ୍‌ଙ୍କୁ ତାନ୍ତ୍ରିକ ବଜ୍ରକୀଳ ଓ ହୟଗ୍ରୀବ ସାଧନାରେ ଅଭିଷିକ୍ତ କରିଥିଲେ।

ପଦ୍ମସମ୍ଭବଙ୍କୁ ବିଭିନ୍ନ ମୂର୍ତ୍ତିକଳା ଓ ଚିତ୍ରକଳାରେ ଭୟଙ୍କର ଚେହେରାରେ ଉପସ୍ଥାପିତ କରାଯାଇଛି, କିନ୍ତୁ ଯଥାର୍ଥରେ ସେ ଅତ୍ୟନ୍ତ ଶାନ୍ତ, ସରଳ ଓ ଆକର୍ଷଣୀୟ ଚେହେରାଯୁକ୍ତ ଏବଂ କୂଟନୀତି ପ୍ରବୀଣ ଥିଲେ। ଏହି ନୀତି ପ୍ରୟୋଗ କରି ସେ ତିବ୍ବତୀୟଙ୍କୁ କରାୟତ୍ତ କରିପାରିଥିଲେ। ସେ ବାସ୍ତବପକ୍ଷେ ବନ୍ ଧର୍ମକୁ ତିବ୍ବତରୁ ସମ୍ପୂର୍ଣ୍ଣ ବହିଷ୍କାର କରି ନଥିଲେ। ଚେଷ୍ଟା କରିଥିଲେ କରିପାରି ନଥାନ୍ତେ ମଧ୍ୟ। ସେ ବନ ଧର୍ମର ସପକ୍ଷବାଦୀ ଓ ଅନୁଗାମୀ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରି କବଳିତ କରିପାରିଥିଲେ। ଅତ୍ୟନ୍ତ ଚତୁରତାର ସହ ବନ୍ ଧର୍ମର କେତେକ ଦେବଦେବୀ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ଆଚାର, ବିଚାର ଓ ନୀତିକାନ୍ତି ଆଦିକୁ ବଜ୍ରଯାନ ମଧ୍ୟରେ ଗ୍ରହଣ କରିନେବା ଫଳରେ ସେମାନେ ନିରବ ହୋଇଗଲେ ଏବଂ ବଜ୍ରଯାନକୁ ଗ୍ରହଣ କରିନେଲେ। ଏପରିକି ସାଧାରଣ ଭାବେ ବୌଦ୍ଧ ଭିକ୍ଷୁମାନେ ଯେପରି ଅବିବାହିତ ରହୁଥିଲେ ସେହି ଧାରା ବଦଳାଇ ତିବ୍ବତୀୟ ଲାମାମାନେ ଯେପରି ଘରସଂସାର କରିପାରିବେ ସେହି ନୀତି ଆପଣେଇ ଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାନସଭା ଆଗରେ ଗର୍ଜିଲେ ସିଆର୍‌ପିସିଏମ୍

ଭୁବନେଶ୍ୱର, ୧।୮ (ସମିସ): ଇନ୍‌ସେନଟିଭ୍ ବନ୍ଦ କରି ମାସିକ ୧୦ ହଜାର ଟଙ୍କା ବେତନ ପ୍ରଦାନ, ଭି.ଆର୍.ଏଫ୍ କାମ ବାବଦକୁ ୫ ହଜାର ଟଙ୍କା ପାରିଶ୍ରମିକ ଓ ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟିଏ-ଡିଏ ବାବଦକୁ ୩ ହଜାର ଟଙ୍କା ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଭଳି ମୋଟ ୮ ଦଫା ଦାବି ନେଇ ମିଶନ୍ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି. ସିଏମ୍. ଆସୋସିଏସନ୍ ଆଜି ବିଧାନସଭା ଆଗରେ ଗର୍ଜିଛି। ଭାରତୀୟ ମଜଦୁର ସଂଘ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୋସିଏସନ୍‌ର ହଜାରହଜାର କର୍ମକର୍ତ୍ତା ଏକ ବିଶାଳ ଶୋଭାଯାତ୍ରାରେ ଲୋୟର୍ ପିଏମ୍‌ଜି ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା।



ଆସୋସିଏସନ୍ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସିଆର୍‌ପି.ସିଏମ୍. କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି। ତୃଣମୂଳସ୍ତରର ମହିଳାମାନଙ୍କୁ ନେଇ ଏସ୍‌ଏଚ୍‌ଜି ଗଠନ କରି ସେମାନେ ଓଡ଼ିଶା ସାରା ଲକ୍ଷପତି ଦିଦି ସୃଷ୍ଟି କରୁଥିବା ବେଳେ ନିଜେ ଆର୍ଥିକ ସମସ୍ୟାରେ ନିଷ୍ପେସିତ। ସେମାନଙ୍କ କଥା କେହି ବୁଝୁନାହାନ୍ତି। ତେଣୁ, ଯଥାଶୀଘ୍ର ସେମାନଙ୍କ ଦାବିଗୁଡ଼ିକ ପୂରଣ କରିବା ପାଇଁ ସେମାନେ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବସନ୍ତ କୁମାର ସାହୁ, ସଭାନେତ୍ରୀ ଲକି ହୋତା, ସାଧାରଣ ସମ୍ପାଦିକା ତୁଳସୀ ହନ୍ତାଳ, ବିଜୟଲକ୍ଷ୍ମୀ ପରିଜାଙ୍କ ସମେତ ବିଭିନ୍ନ ଜିଲ୍ଲାର କର୍ମକର୍ତାମାନେ ଯୋଗ ଦେଇଥିଲେ। ପରେ ସଂଘର ପାଞ୍ଚଜଣିଆ ଏକ ପ୍ରତିନିଧିମଣ୍ଡଳୀ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ବିଷ ପିଇ ଜୀବନ ହାରିଲେ ଚାଷୀ

କଣ୍ଟାବାଞ୍ଜି, ୧।୮ (ସମିସ): ମୁଣ୍ଡ ଉପରେ କରଜ ବୋଝ ସାଙ୍ଗକୁ ଚାଷ କାର୍ଯ୍ୟ ଭଲ ନ ହେବାରୁ ଜଣେ ଚାଷୀ ଆଜି ନିଜ ଜମିରେ ବିଷ ପିଇ ଜୀବନ ହାରିଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ମୁରିବାହାଲ ବ୍ଲକ୍ ଡଙ୍ଗରପଡ଼ା ପଞ୍ଚାୟତର ଦନ୍ଦରା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ଗ୍ରାମର ରାଜ କୁମାର ପାତ୍ର। ସେ ଆଜି ବିଲକୁ ଯାଇଥିବା ବେଳେ ସେଠାରେ ବିଷ ପିଇ ଦେଇଥିଲେ। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଖୋଜାଖୋଜି କରିବା ପରେ ରାଜକୁମାର ବିଲରେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକେ ସଙ୍ଗେସଙ୍ଗେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାନୁଯାୟୀ, ରାଜ କୁମାର ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ। କିନ୍ତୁ ଏଥର ତାଙ୍କ ଚାଷବାସ ଭଲ ନ ହେବାରୁ ଋଣ ଟଙ୍କା କିପରି ଶୁଝିବେ, ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଗତ କିଛି ଦିନ ହେବ ସେ କାହା ସହ ଭଲରେ କଥାବାର୍ତ୍ତା କିମ୍ବା ମିଳାମିଶା କରୁନଥିଲେ। ଭିତରେ ଭିତରେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରିବା ପରେ ଆଜି ଏପରି ଚରମ ପଦକ୍ଷେପ ନେଇଥିବା ତାଙ୍କ ପରିବାରଲୋକ କହିଛନ୍ତି।

# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ

ସୁବଳୟା/ବୀରମହାରାଜପୁର, ୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ପିତାମହୁଲ ଗ୍ରାମରେ ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ହୋଇଛି। ମୃତକ ପିତାମହୁଲ ଗ୍ରାମର ଆନନ୍ଦ ନାୟକ(୩୩) ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ବଡଭାଇ ଆନନ୍ଦ ଓ ସାନଭାଇ ଶଙ୍କର ନାଏକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷୀପ୍ତ ହୋଇ ସାନଭାଇ ଶଙ୍କର ବଡଭାଇ ଆନନ୍ଦକୁ ହତ୍ୟା ଟାଙ୍ଗି÷ଆରେ ଆକ୍ରମଣ କରିଥିଲା। ଆନନ୍ଦଙ୍କୁ ପ୍ରଥମେ ବୌଦ୍ଧ ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମୃତକଙ୍କ ସ୍ତ୍ରୀ ଏନେଇ ସୁବଳୟା ଥାନରେ ଅଭିଯୋଗ କରିଥିଲେ। ସୁବଳୟା ପୁଲିସ ଖବରପାଇ ବୌଦ୍ଧ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ତଦନ୍ତ କରିବା ସହ ସାନଭାଇ ଶଙ୍କର ନାଏକଙ୍କୁ ଗିରଫ କରିଛି। ବୌଦ୍ଧ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ପହଞ୍ଚି ଛାନ୍‌ଭିନ୍ କରୁଛି। କେଉଁ ପରିସ୍ଥିତିରେ ଅଭିଯୁକ୍ତ ଶଙ୍କର ବଡଭାଇକୁ ଟାଙ୍ଗିଆରେ ହାଣିଲା ସେନେଇ ଜଣାପଡ଼ିନଥିବା ପୁଲିସ କହିଛି। ଶନିବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ହାତରେ ତହସିଲ କିରାଣି

ବ୍ୟାସନଗର, ୧।୮ (ସମିସ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ



କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ (କିରାଣି) ହେମନ୍ତ କୁମାର ପେରେଇ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ସୂଚନା ମୁତାବକ, କୋରେଇ ଥାନା ବରୁଣ୍ଡେଇ ଅଞ୍ଚଳର ଲକ୍ଷ୍ମୀଧର ସାହୁଙ୍କ ଏକ ଘରୋଇ କାର୍ଯ୍ୟ କରାଇଦେବା ନିମନ୍ତେ ଲାଞ୍ଚ ମାଗିଥିଲେ ବରିଷ୍ଠ କିରାଣି ଶ୍ରୀ ପେରେଇ। ବ୍ୟକ୍ତିଗତ ଜମିର ସୀମା ନିର୍ଦ୍ଧାରଣ ପାଇଁ ଲକ୍ଷ୍ମୀଧର ବାରମ୍ବାର ବ୍ୟାସନଗର ତହସିଲ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଥିଲେ। ତେବେ ଏହି କାର୍ଯ୍ୟ କରାଇଦେବାକୁ କିରାଣି ଶ୍ରୀ ପେରେଇ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ

## ୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡ଼ିଲେ

ମାଗିଥିଲେ। ଲକ୍ଷ୍ମୀଧର ଅତ୍ୟନ୍ତ ଗରିବ ହୋଇଥିବାରୁ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ଯେତେ କାକୁତିମିନତି ହୋଇଥିଲେ ବି ସଂପୃକ୍ତ କିରାଣି କିଛି ଶୁଣିନଥିଲେ। ଟଙ୍କା ନଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ଫଳରେ ନିରାଶ ହୋଇ ଲକ୍ଷ୍ମୀଧର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ, ଆଜି ବ୍ୟାସନଗର ତହସିଲ ଅଫିସ୍‌ରେ ଲକ୍ଷ୍ମୀଧର ପହଞ୍ଚି ସମ୍ପୃକ୍ତ କିରାଣିଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ କଟକ ଓ ଯାଜପୁର ଭିଜିଲାନ୍ସ ଟିମ୍‌ର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅଧିକ ତଦନ୍ତ ପାଇଁ ତାଙ୍କୁ ଗିରଫ କରି ନେଇଯାଇଥିବା ସୂଚନା ମିଳିଛି।

# ସାନଭାଇକୁ ବଡ଼ ଭାଇର ହତ୍ୟା

ଜୁନାଗଡ଼, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅଧୀନ ମହୀଭର ଗ୍ରାମରେ ଶୁକ୍ରବାର ସାନଭାଇକୁ ବଡ଼ଭାଇ ହତ୍ୟା କରିଛି। ଲିଙ୍ଗରାଜ ନାଏକ ଓ ତାଙ୍କ ବଡଭାଇ ପ୍ରେମାନନ୍ଦ ନାଏକଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ଏତେ ବଢି ଯାଇଥିଲା ଯେ ବଡଭାଇ ପ୍ରେମାନନ୍ଦ ଏକ କୋଦାଳରେ ସାନଭାଇ ମୁଣ୍ଡରେ ଆଘାତ ଦେଇଥିଲା। ଘଟଣାସ୍ଥଳରେ ସାନଭାଇର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଜୁନାଗଡ ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ସିନ୍ଦୂର' ପରେ...

ଇତିହାସର କଳା ଦିନ ବୋଲି କହିଥିଲେ। କଂଗ୍ରେସ ଅଧ୍ୟକ୍ଷ ଏ ନେଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କୁ ଚିଠି ଲେଖି ପ୍ରତିବାଦ ଜଣାଇଛନ୍ତି। ପରେ ପୁଣି ହଇଗୋଳ ହେବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖା ଯାଇଥିଲା। ସୂଚନା ଅନୁଯାୟୀ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଥିଲେ ଯେ ଆଜି କମାଣ୍ଡୋ ମୁତୟନ କରାଯାଇଛି। କିଏ ସିଆଇଏସ୍‌ଏଫ କହୁଛି ତା ପୁଣି ଆଉ କିଏ କିଛି କହୁଛି। ସେହି ଯବାନମାନେ ସଦସ୍ୟଙ୍କୁ ଅଟକାଇ ଦେଇଥିଲେ। ଅଧିକାରୀଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା ସଦସ୍ୟଙ୍କୁ ପୁରୁଷ ଯବାନମାନେ ଅଟକାଇ ଥିଲେ। ଯେଉଁ ଭଳି ଭାବରେ ସଦସ୍ୟଙ୍କୁ ଅଟକା ଗଲା ଏବଂ ଗୃହ ମଧ୍ୟକୁ ଯିବାକୁ ଦିଆଯାଇ ନ ଥିଲା ତାହା ଆପତ୍ତିଜନକ। ସବୁ କିଛି କ୍ୟାମେରାରେ କଏଦ ହୋଇଯାଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ କିଛି ସଦସ୍ୟ ହଙ୍ଗାମା କରି ଆକ୍ରାମକ ହୋଇ ଯାଇଥିଲେ। କେବଳ ସେମାନଙ୍କୁ ରୋକା ଯାଇଛି। ସଦସ୍ୟମାନେ ସୁରକ୍ଷା ବଢ଼ାଇବାକୁ ଦାବି କରିଥିଲେ। ତେଣୁ ସିଆଇଏସଏଫ ଡକା ଯାଇଥିଲା। ସଦନ ଭିତରେ ସଦସ୍ୟ ବେଳେବେଳେ କ୍ଷମତାସୀନ ପକ୍ଷର ଡେସ୍କ ଉପରେ ଏବଂ ଗୃହର ମଧ୍ୟ ଭାଗରେ ଛିଡ଼ା ହୋଇ ଯାଉଛନ୍ତି। ଏଭଳି ନ କରିବା ପାଇଁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। କୌଣସି ସାଂସଦଙ୍କୁ କହିବାକୁ ଅଟକା ଯିବନାହିଁ। ସେହିପରି ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ମଲ୍ଲିକାର୍ଜୁନ ଖଡଗେ ଲେଖିଥିବା ଚିଠିରେ କହିଛନ୍ତି ଯେ ଗୃହ ମଧ୍ୟକୁ ସିଆଇଏସଏଫ କର୍ମୀଙ୍କୁ ଡକାଯିବା ଆପତ୍ତିଜନକ। ଏହାକୁ ତୀବ୍ର ନିନ୍ଦା କରୁଛୁ। ଭବିଷ୍ୟତରେ ଏପରି ନ ହେବ ବୋଲି ସେ ଆଶା କରିଛନ୍ତି।

## 'ପୁଷ୍କରା' ଶ୍ରେଷ୍ଠ...

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପାଇଁ ଜୁରୀ ସଦସ୍ୟ ଆଶୁତୋଷ ଗୋବରୀକର ଓ ପି. ଶେଷାଦ୍ରୀଙ୍କ ନେତୃତ୍ୱରେ ଫିଲ୍ମଗୁଡ଼ିକୁ କିଛି ସପ୍ତାହ ଧରି ତର୍ଜମା କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏଲ୍ ମୁରୁଗନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଆଜି ଦିଲ୍ଲୀର ଜାତୀୟ ମିଡିଆ ସେଣ୍ଟରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଶ୍ରେଣୀର ଫିଲ୍ମ ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଛନ୍ତି। "ଯୱାନ' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି 'ଟ୍ୱେଲ୍‌ଥ ଫେଲ୍' ଫିଲ୍ମକୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଘୋଷଣା କରାଯାଇଥିବା ବେଳେ ଏହି ଫିଲ୍ମରେ ବିକ୍ରାନ୍ତ ମାସିଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଘୋଷଣା କରାଯାଇଛି। ଏହାସହିତ ସାଉଣ୍ଡ ଡିଜାଇନ୍ ଏବଂ ବ୍ୟାକଗ୍ରାଉଣ୍ଡ ସ୍କୋର୍ କ୍ୟାଟେଗୋରିରେ ରଣବୀର କପୁରଙ୍କ ଅଭିନୀତ 'ଆନିମଲ୍' ଫିଲ୍ମ ପାଇଁ ସନ୍ଦୀପ ରେଡ୍ଡୀ ବାଙ୍ଗା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

## ଲିକ୍ ପଛର...

ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା କିଭଳି ବୋର୍ଡ ଉପସଭାପତିଙ୍କ ଲାପଟପ୍ ପାସ୍‌ୱାର୍ଡ ହାତେଇଲେ? ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପସଭାପତିଙ୍କ ନିକଟରେ ରହିବା ନିୟମ ବହିର୍ଭୂତ ନୁହେଁ କି? ଯଦି ବି ନିୟମସମ୍ମତ ଥିଲା, ତାହାକୁ କିଭଳି ଗୋପନୀୟ ରଖିବାକୁ ସମ୍ପୃକ୍ତ ଅଧିକାରୀ ଅସମର୍ଥ ହେଲେ, ସେନେଇ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ, ଉପରୋକ୍ତ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି। ଆଜି ଗିରଫ ହୋଇଥିବା ପ୍ରଶାନ୍ତ କୁମାର ଖମାରୀ କଳାହାଣ୍ଡି ଭବାନୀପଟାଣା ଭେଜପଦର ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ। ସେ ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କ୍ୟାଡର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର, ପୂର୍ବତନ କ୍ୟାଡର ଶିକ୍ଷକ ସଭାପତି ସନାତନ ବିଷୋୟୀଙ୍କ ସହିତ ମିଶି ଷଡ଼ଯନ୍ତ୍ର ରଚିଥିଲେ। ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ପ୍ରଶାନ୍ତ ନିଜ ହାତରେ ଲେଖି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏପରିକି, ସେ ଇଂରାଜୀ ପ୍ରଶ୍ନର ଓଡ଼ିଆ ଅନୁବାଦ କରିବା ସହ ଏହାର ଉତ୍ତର ବି ଲେଖିଥିଲେ। ଲିକ୍ ପ୍ରଶ୍ନପତ୍ର ପାଇବା ପାଇଁ ସେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ବିଜୟ ମିଶ୍ରଙ୍କୁ ୯୯ ହଜାର ଟଙ୍କା ଫୋନ୍ ପେ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ହାତଲେଖାର ନମୁନା ନିଆଯାଇଛି, ଯାହାକୁ ପରୀକ୍ଷା ଏବଂ ମତାମତ ପାଇଁ ହସ୍ତଲେଖା ବ୍ୟୁରୋ ଏବଂ ସାଇବର ଫରେନସିକକୁ ପଠାଯିବ। ଅନ୍ୟ ଅଭିଯୁକ୍ତଙ୍କ ଏହି ମାମଲାରେ ସେମାନଙ୍କର ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଉପରୋକ୍ତ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉକି, ଗତ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଲିକ ହୋଇଥିଲା। ଘଟଣାର ସତ୍ୟାସତ୍ୟ ପରେ ପରଦିନ ହେବାକୁ ଥିବା ପରୀକ୍ଷାକୁ ଗତ ଜୁଲାଇ ୧୯ ତାରିଖ ରାତିରେ ବାତିଲ କରିଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସଂକ୍ରାନ୍ତରେ ବୋର୍ଡର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ବୁଲବୁଲ ବେହେରା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଜାରି ରଖିଛି।

## ଅଗଷ୍ଟ ୩୧ରେ...

ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା ୩୦ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଯେଉଁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନେ ପଢ଼ିଲେଖି ପାରୁନଥିବେ, ସେମାନେ ପରୀକ୍ଷାର ୪ଦିନ ପୂର୍ବରୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ଅନ୍ୟ ଜଣଙ୍କ ସହାୟତା ନେବା ପାଇଁ ସମସ୍ତ ଅସଲି ଦସ୍ତାବିଜ ସହ ରିପୋର୍ଟ କରିବେ। ସମ୍ପୃକ୍ତ କେନ୍ଦ୍ର ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ କରି ଧାର୍ଯ୍ୟ ଗାଇଡଲାଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ ଆସନ୍ତା ଅଗଷ୍ଟ୨୨ତାରିଖରୁ ବୋର୍ଡର ୱେବସାଇଟରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ କରିପାରିବେ।

ପ୍ରକାଶଥାଉକି, ଗତବର୍ଷ ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଓ ଉତ୍ତରପତ୍ର ପ୍ରଘଟ ନେଇ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଗତବର୍ଷ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରଥିଲେ। ଏଥର ପ୍ରଥମେ ସ୍ଥିର ହୋଇଥିବା ପରୀକ୍ଷା ତାରିଖ ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିଲା ବେଳେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଜଣେ ବୋର୍ଡ କର୍ମଚାରୀ ୫ଜଣ ଶିକ୍ଷକଙ୍କ ସହ ମୋଟ ୭ଜଣଙ୍କୁ ଗିରଫ କରିଲାଣି।

## ୫ ପ୍ରସ୍ତାବକୁ...

ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନରେ ଚାଲିବା ସହ ଲୋକେମାନେ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଆଇନ ବିଭାଗର ଅନ୍ୟ ଏକ ନିଷ୍ପତ୍ତିରେ ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ, ୧୯୭୧ରେ ରହିଥିବା ନିୟମାବଳୀରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ଥିବା ୩୩୧୩ଟି ନୂତନ ଆଡ଼ିବନ୍ଧ ନିର୍ମାଣ କରି ଅସ୍ଥାୟୀ ବନ୍ଧ ଦ୍ୱାରା ଜଳସେଚିତ ଜମିରେ ଜଳସେଚନ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାସହିତ ଅଚଳ ଅବସ୍ଥାରେ ଥିବା ପ୍ରାୟ ୩୫୨୯ ଆଡ଼ିବନ୍ଧଗୁଡ଼ିକର ପୁନଃରୁଦ୍ଧାର କରି ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା ପାଇଁ ସରକାର ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ଅର୍ଥାତ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏଥିପାଇଁ ୨୭୩୮ କୋଟି ଟଙ୍କାର ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ପୂର୍ବରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାନଙ୍କର ଆର୍ଥିକ ପ୍ରୋତ୍ସାହନ ଆବେଦନ ଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ରହିଥିଲା । ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ), ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ) ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ) ଗଠିତ ହୋଇଥିଲା। କ୍ୟାବିନେଟ୍ ବୈଠକରେ ଏହାକୁ ସଂଶୋଧନ କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଅଧ୍ୟକ୍ଷତାରେ (୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ), ଶିଳ୍ପ ନିର୍ଦ୍ଦେଶକ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ପାଇଁ ବ୍ୟବସ୍ଥା କରାଯାଇଛି। ଏହି ନିଷ୍ପତ୍ତି ବଳରେ ଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ଗତି ବୃଦ୍ଧି ପାଇବ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ରାଜ୍ୟ ସରକାର ଆଶା ରଖିଛନ୍ତି।

## ରାଜ୍ୟରେ ମ୍ୟାଲେରିଆ...

ବୋଲି କୁହାଯାଉଥିଲା। ଏଥିସହ ମଶା ବଂଶ ବୃଦ୍ଧି ରୋକିବାରେ ଦିଗରେ ସରକାରୀ ଭାବେ ବ୍ୟାପକ ଜନସେତନତା ସୃଷ୍ଟି କରାଯାଉଥିଲା। ମାତ୍ର ଗତ ଦୁଇ ବର୍ଷ ଧରି ଏସବୁ ଶିଥିଳ ପଡ଼ିଯାଇଥିବା ଅଭିଯୋଗ ହେଉଛି। ସେହିଭଳି ଲୋକମାନଙ୍କୁ ମଶାରୀ ବଣ୍ଟନ କରାଯିବା ପରେ ସେମାନେ ତାକୁ ବ୍ୟବହାର କରୁଛନ୍ତି ନା ନାହିଁ, ତାର ନୀରିକ୍ଷଣ ଆଶା ଓ ଅଙ୍ଗନବାଡି କର୍ମୀମାନେ କରୁଥିଲେ। ଲୋକମାନେ ଘରେ ପୁରୁଣା ଚିରା ଫଟା ମଶାରୀ ବ୍ୟବହାର କରୁଥିବାବେଳେ ନୂଆ ମଶାରୀକୁ କ୍ଷେତ ଘେରାଇବା, ମାଛ ମାରିବା ଭଳି କାମରେ ବ୍ୟବହାର କରୁଥିଲେ। ତେଣୁ ଏହାକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରୀୟସ୍ତରରେ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଲଗାଯାଇଥିଲା। ହେଲେ ଏସବୁ ଏବେ ବାଟବଣା ହୋଇଥିବା କୁହାଯାଉଛି ।

ଖୋଦ୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଓଡ଼ିଶାରେ ମ୍ୟାଲେରିଆ ଭୟାଭୟସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି, ନିୟନ୍ତ୍ରଣ କରିବାକୁ ସରକାରୀ ଭାବେ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି। ସମଗ୍ର ଦେଶରେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ହୋଇଥିବାରୁ ଏଠି 'ଦମନ' ଭଳି କାର୍ଯ୍ୟକ୍ରମ ଜାରି ରହିଛି। ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲାରେ ଔଷଧୀୟ ମଶାରୀ ବଣ୍ଟନ ହେଉଛି। ହେଲେ ଲୋକ ନୂଆ ବଦଳରେ ପୁରୁଣା ମଶାରୀ ବ୍ୟବହାର କରୁଛନ୍ତି। ମ୍ୟାଲେରିଆ ପ୍ରବଣ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅପେକ୍ଷା ଆମ ରାଜ୍ୟରେ ଅଧିକ ମ୍ୟାଲେରିଆ ରୋଗୀ ଥିବା ପ୍ରସଙ୍ଗରେ ସେ କହିଛନ୍ତି, ସବୁ ରାଜ୍ୟରେ ଭୌଗଳିକସ୍ଥିତି ଭିନ୍ନ। କେଉଁ ରାଜ୍ୟ ସହ ଆମ ରାଜ୍ୟକୁ ତୁଳନା କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି।

## ସଂସଦରେ ଓଡ଼ିଶା...

ଥିଲା ଓ ଉପାଧ୍ୟକ୍ଷ ରାଜ୍ୟସଭାକୁ ମୁଲତବୀ ଘୋଷଣା କରିଥିଲେ। ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷା ଏବଂ ସମ୍ମାନକୁ ପ୍ରଭାବିତ କରୁଥିବା ଜରୁରୀ ସାର୍ବଜନୀନ ଗୁରୁତ୍ୱର ଏକ ପ୍ରସଙ୍ଗ ଉଠାଇବାକୁ ସୁଯୋଗ ନ ଦେବାକୁ ଦଳର ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ଏପରି ଗମ୍ଭୀର ଅପରାଧକୁ ଅଣଦେଖା କରିବା ସଂସଦୀୟ ବିତର୍କ ଏବଂ ଦାୟିତ୍ୱର ଉଦ୍ଦେଶ୍ୟକୁ କ୍ଷୁର୍ଣ୍ଣ କରିଛି। ବିଜୁ ଜନତା ଦଳ ମହିଳାମାନଙ୍କ ପାଇଁ ନ୍ୟାୟ, ସୁରକ୍ଷା ଏବଂ ସମ୍ମାନ ପାଇଁ ଲଢ଼ିବାର ପ୍ରତିବଦ୍ଧତାରେ ଅଟଳ ରହିଛି। ଯେ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ହସ୍ତକ୍ଷେପ ନ କରିବେ, ସେ ପର୍ଯ୍ୟନ୍ତ ଦଳ ସଂସଦ ଓ ସଂସଦ ବାହାରେ ସ୍ୱର ଉତ୍ତୋଳନ କରି ଚାଲିବ ବୋଲି ସାଂସଦମାନେ କହିଛନ୍ତି ।

## ବାଦ୍ ପଡ଼ିଲେ...

୨.୮୩ ଲକ୍ଷ ଲୋକଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ମଧୁପୁରାରେ ୯୯.୦୭୬, ପୂର୍ଣ୍ଣିଆରେ ୨.୭୩ ଲକ୍ଷ, ବକ୍ସରେ ୮୭,୬୪୫ ଲୋକଙ୍କ ନାମ କଟାଯାଇଥିବା ସୂଚନା ମିଳିଛି । ତେବେ ଭୋଟର ତାଳିକାରେ ନୂଆ ନାମ ଭର୍ତ୍ତି ନିମନ୍ତେ ଅଗଷ୍ଟ ୨ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବିଶେଷ ଶିବିର ଆୟୋଜନ କରାଯିବ ଓ ଏଠାରେ ଉପଯୁକ୍ତ ଦସ୍ତାବିଜ ଦେଇ ଲୋକମାନେ ସେମାନଙ୍କର ନାମ ସାମିଲ କରିପାରିବେ ବୋଲି ନିର୍ବାଚନ କମିଶନର କହିଛନ୍ତି।

**AFFIDAVIT**
By virtue of an affidavit No.2118, dtd.01.08.2025 in the court of the Executive Magistrate, Phulbani. I, Lovabati Kanhar, At/Po- Pabingia, Ps- Phiringia, Dist.: Kandhamal, Odisha – 762011 have changed my name from Luba Kanhar to Lovabati Kanhar. Henceforth I shall be known as **Lovabati Kanhar** for all purposes.
Sd/- Lovabati Kanhar

**AFFIDAVIT**
By virtue of an affidavit before The Notary Public, Titilagarh, on dated-26/07/2025. I, **Bidyadhar Bag** (Applicant name), S/O- Bhakchan Bag, Permanent resident of At- Sargiguda Titilagarh, P.O. Titilagarh, P.S. Titilagarh, Dist- Balangir, (Odisha), PIN-767033, now residing at the same place affirm that I have changed my minor daughter's name from **Hasinarani Bag** (old name) to **Hashina Rani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Hashina Rani Bag** (new name).
**Bidyadhar Bag**

**CHANGE OF NAME**
By virtue of an affidavit sworn before Executive Magistrate, Bargarh, vide no-962, dated 31/07/2025 I, Radheshyam Gardia, S/o- Late Narendra Gardia resident of At/Po.- Gobindpur, Ps./Dist.- Bargarh, PIN- 768028, Odisha state that, I have changed my minor son's name from **Aditya Gardia** to **Bibek Gardia**. Henceforth he will be known as **Bibek Gardia** for all future purposes.

**AFFIDAVIT**
By virtue of an affidavit before the Executive Magistrate, Karlamunda, Kalahandi, Odisha, I, Pradip Rana, resident of At-Sanrengali, PO- Rinja, PS- M. Rampur, Dist.: Kalahandi, Odisha, PIN–766031 have changed my daughter's name from Boesali Rana to Baisali Rana. Henceforth she shall be known as **Baisali Rana** for all purposes.
Sd/- Pradip Rana

**AFFIDAVIT**
I, Prahalad Mohanty, S/o Late Fagu Mohanty, resident of Vill: At- Surapratapur (Kundigada) Po- Surapratapur, PS-Bhubana, Dist- Dhenkanal, State- Odisha, Pin- 759024 declare by this affidavit CF No-1645, dtd. 31.07.2025 that now onwards I shall be known as PRAHALLAD MOHANTY for all future purposes.
Sd- PRAHALLAD MOHANTY

**LOST**
I Mr. Lokanath Nayak declare that I have lost the Original Sale Deed No-1134, date 21/10/2024 of landed property of Mouza-Chappirikoilama, Tahasil - Ranapur, Thana Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A0l.55 Decimal on Dated: 29/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak (Advocate Name), Mobile No -9778070590 (Of Advocate) or in this address-Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

**AFFIDAVIT**
By virtue of an affidavit in the court of the Executive Magistrate, Nabarangpur, I, TULARAM HARIJAN, Village–Biriguda, PO–Biriguda, PS–Kodinga have changed my minor daughter's name from KARINA HARIJAN to SILPA HARIJAN. Henceforth she shall be known as **SILPA HARIJAN** for all purposes.
Sd/- Tularam Harijan

**CHANGE OF NAME**
I Kalpana Chhotaray, W/o- Abhishek Ray, At- Uppersahi, Po./Dist./Ps.- Khordha, Pin- 752055, Odisha declare by this affidavit No. 1393 dtd.29.07.2025 that now onwards I shall be known as **KALPANA CHHOTRAY** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Cuttack I Sushree Sangita Rath @ Sushree Sangita Mishra @ Mamannie Mishra, D/o. Surendra Kumar Rath, W/o. Ranajit Kumar Mishra, R/o. Village/Po. Gurujang, Ps/Dist. Kurda declare that Sushree Sangita Rath, Sushree Sangita Mishra and Mamannie Mishra is one same person for all purposes.

**CHANGE OF NAME**
By virtue of an affidavit sworn before The Executive Magistrate, Papadahandi, Nabarangpur vide affidavit no.448/25 dtd.31.07. 2025, I, Krushna Chandra Sahu, S/o- Rajendra Prasad Sahu resident of Vill./Po.- Jatabal, Ps.- Dabugaon, Dist.: Nabarangpur, Pin- 764071 state that, I have changed my name from **Lokanath Sahoo** (Old name) to **Krushna Chandra Sahu** (New name). Henceforth I shall be known as **Krushna Chandra Sahu** for all future purposes.

**AFFIDAVIT**
By virtue of an affidavit in the court of the Executive Magistrate, Balasore, I Bapu Sing, S/o- Chayan Singh At/Po- Nuapadhi, PS- Remuna, Dist –Balasore, declare that I have changed my name from Babula Singh to Bapu Sing vide Affidavit No.8468 dated: 23.07.2025 and shall be known as **Bapu Sing** for all the future purpose.

**CHANGE OF NAME**
By virtue of an affidavit sworn before Executive Magistrate, Banpur, vide no-2916, dated 23/07/2025 I, Nilima Sabar, W/o- Utam Sabar, of At- Mandar, Po.- Damiabarabara, Ps.- Banpur, Dist.- Khordha, declare that in my Adhar card my name is wrongly mentioned as Nilima Sahoo instead of Nilima Sabar. Henceforth, I shall be known as **Nilima Sabar** for all purposes.
Nilima Sabar

**AFFIDAVIT**
By virtue of an affidavit No.1935, dtd.21.07.2025 in the court of the Executive Magistrate, Phulbani. I, Tutengi Kanhar, At-Lendriniga, PO-Sadingia, PS-Phiringia, Dist-Kandhamal, Odisha – 762011 have changed my name from Tutengi Dei to Tutengi Kanhar. Henceforth I shall be known as **Tutengi Kanhar** for all purposes.
Sd/- Tutengi Kanhar

**AFFIDAVIT**
I, Upasana Giri, D/o- Kishore Kumar Paria, resident of Brahmani H401, Vedanta Meadows, Bhurkamunda, P.O- Jharsuguda, P.S- Badmal, Dist- Jharsuguda, PIN-768201, Odisha declare by this affidavit No. 3668, dated- 09/07/2025 that now onward I shall be known as **UPASANA PARIA** for all future purpose.

**NOTICE**
By virtue of an affidavit sworn before The Notary Public, Sunabeda dated 24/07/2025 I, Sri jinu Kanwar, S/o- Arjuna Kanwar, Vill.- Gulpandi, Po.- Malibelgaon, Ps.- Nandapur, District- Koraput declare that, I ahve changed my sons name from **Abayab Kanwar** to **Ashish Kanwar**. henceforth, my son shall be known as **Ashish Kanwar** for all purposes.
Jinu Kanwar

● ନୂଆ କୌଶଳ ଆପଣାଇଲେ ଚୋର; ୬ ଗିରଫ ● ପୁଲିସ ଧରି କରାଇଲା ଅପରାଧ ଦୃଶ୍ୟାବତାରଣ

# ଭିକ ମାଗିବା ବାହାନାରେ ଘରେ ପଶି ସୁନାରୁପା ଚୋରି

ଚମ୍ପୁଆ,୧।୮ (ସମିସ)

ଲୋକଙ୍କ ଘରେ ଚୋରି କରିବାରେ ପୁରୁଣା ତରିକା ଛାଡ଼ି ନୂଆ କୌଶଳ ଆପଣାଇଲେ ଚୋର। ଚମ୍ପୁଆ ବ୍ରାହ୍ମଣ ଶାସନରେ ଦିନ ଦ୍ୱିପ୍ରହରରେ ଘରେ ପଶି ସୁନାଗହଣା ଲୁଟ ମାମଲାରେ ଚମ୍ପୁଆ ପୁଲିସକୁ ମିଳିଛି ସଫଳତା। ଚୋରି ହେବାର ୨ ଦିନ ପରେ ପୁଲିସ ହାତରେ ଧରାପଡ଼ିଛନ୍ତି ୬ ଲୁଟେରା। ଏନେଇ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଗଣମାଧମ ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ପୁଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ନେଇ ସିନ କ୍ରିଏସନ (ଅପରାଧ ଦୃଶ୍ୟର ଅବତାରଣା) କରାଯାଇଛି।



ସୂଚନା ଅନୁସାରେ, ଗତ ୩୦ ତାରିଖ ଅପରାହ୍ନରେ ଚମ୍ପୁଆ ବ୍ରାହ୍ମଣ ଶାସନସ୍ଥିତ ଭୋଳାନାଥ ମିଶ୍ରଙ୍କ ପରିବାର ନିଜ ଘରଠାରୁ କିଛି ଦୂରରେ କୌଣସି ଏକ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଚୋରମାନେ ଭିକ୍ଷା ମାଗିବା ବାହାନରେ ଘର ଭିତରକୁ ପଶିଥିଲେ। କେହି ନଥିବାର ସୁଯୋଗ ଦେଖି ଚୋରମାନେ ଘର ଭିତରେ ଥିବା ଆଲମିରାରୁ ସୁନା ଓ ରୁପା ଗହଣା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଗୃହକର୍ତ୍ତା ଭୋଳାନାଥ ମିଶ୍ର ଚମ୍ପୁଆ ଥାନାରେ ଏତଲା ଦେବା ପରେ ଚମ୍ପୁଆ ପୁଲିସ କେସ ନଂ ୨୨୧/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଏସଡିପିଓ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇଟି ପୋଲିସ ଟିମ୍ ଗଠନ କରାଯିବା ସହ ଚମ୍ପୁଆ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରାଯାଇଥିଲା। ଶେଷରେ ତୁରୁମୁଙ୍ଗା ସାପ୍ତାହିକ ହାଟ ନିକଟରେ ଚମ୍ପୁଆ ପୁଲିସ ଅଭିଯୁକ୍ତ ଭାନି ସବର, ଭାସ୍କର ସବର, ଶଙ୍କର ସବର, ଅନୀଲ ସବର, ସୀମା ସବର ଓ ଚାଲମା ସବରକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ପରେ ତାଙ୍କଠାରୁ ୪ଟି ସୁନାଚୁଡି, ପାଞ୍ଚହଳ ସୁନା କାନଫୁଲ, ୬ଟି ସୁନା ହାତମୁଦି, ଗୋଟାଏ କାନଚନ୍ଦ୍ର ଚେନ୍, ଗୋଟିଏ ସୁନାଲକେଟ, ୪ଟି ନାକନଥି, ୩ଟି ନାକଫୁଲ, ୨ଟି ରୁପା ଚେନ୍, ୫ହଳ ସୁନା ପାଉଁଜି ଓ ୩ଟି ବାଇକ ଜବତ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବାଲିପଶି ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ପ୍ରାଣ ଯାଇଛି। ଗାଧୋଉଥିବା ସମୟରେ ପୋଖରୀ ପାଣିରେ ବୁଡ଼ି ଯୁବକ ଜଣକ ବୁଡ଼ି ଯାଇଥିଲେ। ମୃତକ ହେଲେ ଗ୍ରାମର ନିର୍ମଳ ନାଏକ (୩୦)। ଅସାବଧାନତା ଯୋଗୁଁ ଗୋଡ଼ ଖସି ଯାଇଥିଲା। ସ୍ଥାନୀୟ ଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମବାହିନୀ ଓ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ତୁରୁମୁଙ୍ଗା ପୁଲିସ ଶବକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନା ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମାତୃବିହାରରେ ଶ୍ରୀଅରବିନ୍ଦ ପାଠଚକ୍ର

ଆନନ୍ଦପୁର, ୧।୮ (ସମିସ): ପୌର ପରିଷଦ ୧୨ ନଂ ୱାର୍ଡ଼ ଶାଳପଡା ମାତୃବିହାରଠାରେ ଶ୍ରୀଅରବିନ୍ଦ ସାଧନ କେନ୍ଦ୍ର ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇ ବନ୍ଦେମାତରମ, ଧୂପପୁଷ୍ପାର୍ପଣ, ମନ୍ତ୍ରାବୃତ୍ତି ସହିତ ଅନ୍ୟାନ୍ୟ ଧ୍ୟାନ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବନ ବାଇ ମାନବର ବିବର୍ତ୍ତନରେ ଚୈତ୍ୟ ଚେତନାର ଭୂମିକା ସମ୍ପର୍କରେ ଆଲୋଚନା କରିଥିବାବେଳେ ଅଜୟ ସାହୁ ପୁରୁଷୋତ୍ତମ ତତ୍ତ୍ୱ ସମ୍ପର୍କରେ ଆଲୋଚନା ରଖିଥିଲେ। ଟ୍ରଷ୍ଟି ସୁଧାଂଶୁ ଶେଖର ସାହୁ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିବାବେଳେ କଇନିପୁରା ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀ ଗୀତାଞ୍ଜଳି ସାହୁ ସଭା ପରିଚାଳନା କରିଥିଲେ। ମାତୃପ୍ରେମୀ ଗୁନଚରଣ ସାହୁ ପତାକା ଅବତରଣ କରିଥିଲେ। ହାଟଡିହି ବ୍ଲକ୍ ସଂଗଠକ ସନାତନ ଜେନା ଏବଂ ୧୩୦ ମାତୃପ୍ରେମୀ ଯୋଗ ଦେଇଥିଲେ।

ଆଦିବାସୀଙ୍କୁ ଧର୍ମାନ୍ତରୀକରଣ ମାମଲା

## ନୋଟିସ ପାଇ ୫୯ ଜଣ ହାଜର ହେଲେ

ଆନନ୍ଦପୁର, ୧।୮ (ସମିସ): ଆନନ୍ଦପୁର ଉପଖଣ୍ଡର ସୋସୋ ଥାନା ଅନ୍ତର୍ଗତ ସୁନ୍ଦରାପାଳ ପଥରଗଦା ସାହିରେ ଧର୍ମାନ୍ତରୀକରଣକୁ ନେଇ ଉପୁଜିଥିବା ବିବାଦ ପ୍ରଶାସନିକ ହସ୍ତକ୍ଷେପ ଯୋଗୁଁ ଆୟତ୍ତାଧୀନ ଥିବା ଜଣାଯାଇଛି। ଏହି ମାମଲାର ସମାଧାନ ପାଇ ନୋଟିସ ପାଇଥିବା ୫୯ ଜଣ ହାଟଡିହି ତହସିଲଦାରଙ୍କ ଇଜିଲାସରେ ହାଜର ହୋଇଥିଲେ ହେଲେ ପରବର୍ତ୍ତୀ ତାରିଖରେ ଏହାର ଫଇସଲା ହେବାପାଇଁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଆଦିବାସୀ ଇଲାକାରେ ନିରୀହ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ପ୍ରଲୋଭିତ କରି ଧର୍ମାନ୍ତରୀକରଣ କରିବା ଲୁଚାଛପାରେ ଚାଲିଥିବା ବେଳେ ଏହି ପ୍ରକ୍ରିୟା ଏବେ ଖୁଲମଖୁଲା ଭାବେ ଅନାୟାସରେ ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ବଜରଙ୍ଗ ଦଳ ଏହାର ପ୍ରତିବାଦ କରିଛି। ଆନନ୍ଦପୁର ଓ ହାଟଡିହି ବ୍ଲକର କେତେକ ଆଦିବାସୀ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିର୍ଦ୍ଦିଷ୍ଟ ଗୋଟିଏ ସମ୍ପ୍ରଦାୟର ପ୍ରଚାରକ ଧର୍ମ ପରିବର୍ତ୍ତନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାରୁ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ହାଟଡିହି ବ୍ଲକ ଜାମ୍ବୀରା ପଞ୍ଚାୟତର ସୁନ୍ଦରାପାଳ ନିକଟସ୍ଥ ପଥରଗଦାସାହିରେ ସାମୁହିକ ପ୍ରାଥନା ଓ ଧର୍ମଗ୍ରନ୍ଥ ପାଠ ଚାଲିଥିବା ଅଭିଯୋଗ ହୋଇଛି। ଏପରି କାର୍ଯ୍ୟକଳାପକୁ ଅନ୍ୟ କେତେକ ଆଦିବାସୀ ଓ ସ୍ଥାନୀୟ ଅଧିବାସୀ ବିରୋଧ କରିବାରୁ ଖବର ପାଇ ବିଜେପି ନେତ୍ରୀ ଝାନ୍ସୀରାଣୀ ଦାସ ବଜରଙ୍ଗ ଦଳ ପ୍ରମୁଖ ଅକ୍ଷୟ ସାହୁ, ବିଶ୍ୱଜିତ ଦାଶଙ୍କ ସମେତ କେତେକ ବ୍ୟକ୍ତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ପ୍ରତିବାଦ କରିଥିଲେ। ପ୍ରଶାସନ ଓ ପୁଲିସ ପକ୍ଷରୁ ଏନେଇ ସବିଶେଷ ତଦନ୍ତ ଆରମ୍ଭ ହୋଇଥିଲା।



● ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା

କେନ୍ଦୁଝର,୧।୮ (ସମିସ): ଆନନ୍ଦପୁର ଉପଖଣ୍ଡର ମା' ଧନେଇ ସେବାସଂଘର କର୍ମକର୍ତ୍ତା ତଥା ଉପଖଣ୍ଡର ସାଧାରଣ ଜନତାଙ୍କ ପକ୍ଷରୁ ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ କେନ୍ଦୁଝର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଜିଲ୍ଲାର ପ୍ରମୁଖ ଉପଖଣ୍ଡ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ଦିନଧରି ଗଣତନ୍ତ୍ରକୁ ସମ୍ମାନ ଜଣାଇ ଦାବି ଧାରଣା, ଅନଶନ, ଶୋଭାଯାତ୍ରା, ଧର୍ମଘଟ, ପଦଯାତ୍ରା, ଦଣ୍ଡବତ ଯାତ୍ରା, ମାନବ ଶୃଙ୍ଖଳ ଆଦି ବାରମ୍ବାର କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରେଳ ବିଭାଗକୁ ନିର୍ଦ୍ଦେଶ ହୋଇଛି। ମାତ୍ର ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ଶୁକ୍ରବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ, ଆନନ୍ଦପୁର ଥାନା ଭାରପ୍ରାପ୍ତ ଅଧିକାରୀ, ଟାଉନ ଥାନା ସମେତ ଗଣମାଧମ ପ୍ରତିନିଧିଙ୍କୁ ଅବଗତ କରାଯାଇଛି। ସଂଘ ସଭାପତି ବିଷ୍ଣୁପ୍ରିୟା ବାରିକ, ସମ୍ପାଦକ ବିଧୁଭୂଷଣ ବାରିକ ସମେତ ତରୁଣ ସାହୁ, ବିକୁନ ସାହୁ, ଗୋବିନ୍ଦଚନ୍ଦ୍ର ପତି, ଶୁଭ୍ରାଂଶୁ ସାହୁ, ମହେଶ୍ୱର ସାହୁ, ଅବିନାଶ ପ୍ରଧାନ, ସୌମ୍ୟରଞ୍ଜନ ବେହେରା, ସଞ୍ଜୟ କୁମାର ସାହୁ ପ୍ରମୁଖ ଦାବିପତ୍ର ଦେଇଥିଲେ।




## ଶାଳବଣି ବାଳିକା ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ଆନନ୍ଦପୁର, ୧।୮ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ସରକାରୀ ପଞ୍ଚାୟତ ବାଳିକା ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲାଳୀବ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ଜିଲ୍ଲା ଓଷ୍ଟା ସଙ୍ଘ ସମ୍ପାଦକ ରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଭାବେ ଶାଳବଣା ସରପଞ୍ଚ ସୁବାସିନୀ ମିଶ୍ର, ମୋଚିନ୍ଦ୍ର ସରପଞ୍ଚ ପ୍ରାନ୍‌କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସରୋଜ ଓଝା, ଓଷ୍ଟା ସଙ୍ଘର ପ୍ରାକ୍ତନ ସମ୍ପାଦକ ଶାନ୍ତନୁ ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ଦେ, ଓଷ୍ଟା ଆନନ୍ଦପୁର ବ୍ଲକର ସଭାପତି ପ୍ରତାପ ହଜାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ ପଟ୍ଟନାୟକ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଥିବା ବେଳେ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ଗ୍ରୀଧର ମହାରଣାଙ୍କ ଅବସର ନେଇ ଅତିଥିମାନେ ଉଭୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ଜାନକୀ ସାହୁ ଅତିଥି ପରିଚୟପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ସରୋଜ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଏସୀୟ ଜୁନିଅର ଉସୁ'ରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାଙ୍କୁ କାଂସ୍ୟ




ଯୋଡ଼ା, ୧।୮ (ସମିସ): ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ କାଂସ୍ୟ ପଦକ ଜିତି ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପଦକ ଜିତିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ, କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶା ଶ୍ୱେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ହଷ୍ଟେଲରେ ଶ୍ୱେତାରାଣୀଙ୍କ ସମେତ ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ତେଲକୋଇ, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୂଦନପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ମିଶ୍ର ତାଙ୍କ କର୍ମମୟ ଜୀବନରୁ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଶ୍ରୀମତୀ ମିଶ୍ର ତାଙ୍କ କର୍ମକ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ହାଇସ୍କୁଲରେ କାର୍ଯ୍ୟ କରିଛନ୍ତି। ତେଲକୋଇ ବ୍ଲକର ଏହି ଉଚ୍ଚବିଦ୍ୟାଳୟରେ ୨୦୧୯ରୁ କାର୍ଯ୍ୟ କରି ଦୀର୍ଘ ୬ବର୍ଷ ହେବ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ବହନ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଶୁକ୍ରବାର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ବସୁଦେବ ମହାନ୍ତ, ସଭାପତି କୃଷ୍ଣପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁ ଯୋଗ ଦେଇଥିଲା। ସେହିପରି ସମ୍ମାନିତ ଅତିଥି ଭାବେ କବି ତଥା ସାହିତ୍ୟିକ କେନ୍ଦୁଝରର ପିନାକୀ ମିଶ୍ର, ସିଆରସିସି ଖୁଣ୍ଟାପଡା ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଜ୍ୟୋସ୍ନାରାଣୀ ମିଶ୍ର, ଜିତେନ୍ଦ୍ର ମୁଣ୍ଡା, ବ୍ଲକ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଆଲିସା ମାଝୀ, ଅବସରପ୍ରାପ୍ତ ସିଆରସିସି କୈଳାସ ପଣ୍ଡା ପ୍ରମୁଖ ସାମିଲ ରହିଥିଲେ। ଏହି ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ସହିତ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଆତ୍ମବିଭୋର ହୋଇ ପଡ଼ିଥିଲେ। ଅବସର ଗ୍ରହଣ କରିଥିବା ଶ୍ରୀମତୀ ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଉପଢୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପହାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶ୍ୟାମଘନ ଡାଙ୍ଗୁଆ, ପପୁନ ମହାନ୍ତ, ବିଜୟସେଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୧।୮ (ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚବିଦ୍ୟାଳୟ ନରଣପୁରର ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋରଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ସଞ୍ଜୟ ଜେନା ସହଯୋଗ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ମଧ୍ୟ ବିଦାୟୀ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ଶ୍ରୀମତୀ ଦାସ ମଧ୍ୟ ଏହି ବିଭାଗରେ ୩୮ ବର୍ଷ ଚାକିରି କରି ଶିକ୍ଷାଦାନ କରିଆସୁଥିଲେ। ସେ ଅବସର ପରେ ସମାଜସେବା କାର୍ଯ୍ୟକୁ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କହିଛନ୍ତି।

## ଶ୍ରୀଅନ୍ନ ଅଭିଯାନରେ ମିଲେଟ ଅନ୍ ହ୍ୱିଲ୍‌ସ ଉଦ୍‌ଘାଟିତ

କେନ୍ଦୁଝର, ୧।୮ (ସମିସ): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ମିଲେଟ୍‌ସ ଅନ୍ ହ୍ୱିଲ୍‌ସ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, କେନ୍ଦୁଝର ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନା ଅଧିକାରୀ, ଶ୍ରୀଅନ୍ନ ଅଭିଯାନ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର, ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ କାର୍ଯ୍ୟାଳୟଙ୍କ କର୍ମଚାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିସନ ଶକ୍ତି କେନ୍ଦୁଝର ଅନ୍ୟାନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟରେ ମିଲେଟ୍ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି।

## ବାଲ୍‌ବାଟିକାରେ ୧୨୧୧ ପଞ୍ଜିକୃତ

ଆନନ୍ଦପୁର, ୧।୮ (ସମିସ): ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା ବାଳବାଟିକା ଯୋଜନାରେ ଆନନ୍ଦପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୨୧୧ଜଣ ଶିଶୁ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ସେଥିମଧ୍ୟରୁ ଆନନ୍ଦପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ବୁଢ଼ୀକୁଦ ପ୍ରାଥମିକ ବିଦ୍ୟାଳୟରେ ୯ଜଣ ୬ବର୍ଷରୁ କମ ଶିଶୁ ନାମ ଲେଖାଇଥିବା ପ୍ରଧାନ ଶିକ୍ଷକ ଅଣାକାର ନାୟକଙ୍କଠାରୁ ସୂଚନା ମିଳିଛି। ପ୍ରାଥମିକ

**ବୁଢ଼ୀକୁଦରେ ୯ ଜଣ**

ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଓ ସରକାରୀ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ ବୃଦ୍ଧି ପାଇଁ ଏହା ବେଶ୍ ସହାୟକ ହେବ ବୋଲି ଜଣାଯାଇଛି।

ବିଶ୍ୱ ସ୍ତନ୍ୟପାନ ସପ୍ତାହ

## ୭ ଯାଏ ଚାଲିବ ସଚେତନତା



କେନ୍ଦୁଝର, ୧।୮ (ସମିସ): ଶୁକ୍ରବାର ପୂର୍ବାହ୍ନରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହର ଶୁଭାରମ୍ଭ ଅବସରରେ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଯାଇଛି। ଆସନ୍ତା ୭ ତାରିଖ ଯାଏ ସ୍ତନ୍ୟପାନର ଉପକାରିତା ନେଇ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ରଖାଯାଇଥିବା ସୂଚନା ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଲକ୍ଷ୍ମୀକାନ୍ତ ମହନ୍ତ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପି. କେ. ମହାକୁଡ଼ ଯୋଗ ଦେଇଥିଲେ। ଜନ୍ମରୁ ୧ ଘଣ୍ଟା ମଧ୍ୟରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା, ଶିଶୁକୁ ୬ ମାସ କେବଳ ମା' କ୍ଷୀର ଦେବା, କୌଣସି ବାହାର ଖାଦ୍ୟ ଯଥା ଗାଈ କ୍ଷୀର, ପାଣି, ମହୁ, ବା ଚିନି ପାଣି ନ ଦେବା ଆଦି ସମ୍ପର୍କରେ ସଚେତନ କରାଯାଉଛି। ମା'ର ପ୍ରଥମ "କଷକ୍ଷୀର' ଶିଶୁର ରୋଗ ପ୍ରତିରୋଧକ ବଢ଼ାଇଥାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୋଷୋତ୍ତମ ମହନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ଉଦ୍ଦେଶ୍ୟ ଓ ସଠିକ ସ୍ତନ୍ୟପାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉକ୍ତ ବୈଠକରେ ପ୍ରସୂତି ମହିଳା, ନର୍ସିଙ୍ଗ ଅଫିସର, ନର୍ସିଙ୍ଗ ଛାତ୍ରୀ, ପାରାମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ ସାହୁ ଓ ବୃନ୍ଦାବନ ସାହୁ ସଞ୍ଚାଳନ କରିଥିଲେ।

ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

# ୧୫ଟି ଷ୍ଟଲ୍‌ରେ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ

କେନ୍ଦୁଝର,୧।୮ (ସମିସ)

କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ଉଲ୍ଲେଖନୀୟ ସଫଳତାକୁ ସମ୍ମାନିତ କରିବା ପାଇଁ କେନ୍ଦୁଝରସ୍ଥିତ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ରୀନା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ଓ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆଗଧାଡ଼ିର କର୍ମୀ, ପଞ୍ଚାୟତ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ପ୍ରଶାସକଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଇଥିଲା।



ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାରେ, ଏହି ଅଭିଯାନ ଦୁଇଟି ଆକାଂକ୍ଷୀ ବ୍ଲକ ଯଥା ହରିଚନ୍ଦନପୁର ଏବଂ ବାଂଶପାଳ ବ୍ଲକରେ ଗତ ୨୦୨୪ରୁ କାର୍ଯ୍ୟକାରୀ କରାଯାଇଛି। ଉଭୟ ବ୍ଲକର ଦୁର୍ଗମ ପାହାଡ଼ଘେରା ଭୌଗଳିକ ଅବସ୍ଥିତି, ଆଦିବାସୀ ବହୁଳ ଜନସଂଖ୍ୟା ଭଳି ପ୍ରତିବନ୍ଧକ ସତ୍ତ୍ୱେ, ସାମଗ୍ରିକ ପ୍ରୟାସ ଏବଂ ସାମୁହିକ ଅଂଶଗ୍ରହଣ ମାଧ୍ୟମରେ ଅଭିଯାନରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହି ସଫଳତାର ସ୍ୱୀକୃତି ସ୍ୱରୂପ, ୨୯ ଜୁଲାଇ, ୨୦୨୫ରେ ଭୁବନେଶ୍ୱରର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାପାଳ ଓ ହରିଚନ୍ଦନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତାମ୍ର ପଦକ ଏବଂ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି, ବାଂଶପାଳ ବ୍ଲକ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ, ବିଶେଷକରି ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ କୃଷି କ୍ଷେତ୍ରରେ ଶତପ୍ରତିଶତ ସଂତୃପ୍ତି ହାସଲ କରିଛି।

ସମାରୋହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀତା ନାୟକ, ଡିପିଏମ, ଓଏଲ୍‌ଏମ୍ ପବିତ୍ର ମୋହନ ବାରା, ଡିପିସି ମିଶନ ଶକ୍ତି ସମିଦ୍ଧା ପାଢ଼ୀ, ବିଡିଓ ହରିଚନ୍ଦନପୁର ମଳୟ ନୟକ, ବିଡିଓ ବାଂଶପାଳ ରାଜା ରଞ୍ଜିତ ପ୍ରତାପ ବଳ, ସିଡିପିଓ ହରିଚନ୍ଦନପୁର ପ୍ରବୀଣା ନାୟକ, ବିଏଓ ହରିଚନ୍ଦନପୁର ପ୍ରବୋଧ ବିଶ୍ୱାଳ, ବିପିଏମ ଓଏଲଏମ ଯଶୋବନ୍ତ ନାୟକ ଏବଂ ହରିଚନ୍ଦନପୁର ଓ ବାଂଶପାଳ ବ୍ଲକର ତୃଣମୁଳ ସ୍ତରର ଆଗଡାଡିର ୧୦ ଜଣ କର୍ମୀ ସମ୍ମାନିତ ହୋଇଥିଲେ। ଏହି ଅବସରରେ ସମସ୍ତ ଅତିଥିବୃନ୍ଦ ଅଡିଟୋରିୟମ ପରିସରରେ ଆକାଂକ୍ଷା ହାଟ-୨୦୨୫ର ଉଦଘାଟନ କରିଥିଲେ। ଅନ୍ୟୂନ ୧୫ଟି ଷ୍ଟଲରେ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ବିଭିନ୍ନ ବିଭିନ୍ନ ଲଘୁ ଉଦ୍ୟୋଗୀ ତଥା ସ୍ୱୟଂସହାୟକ ଗୋଷ୍ଠୀ ନିଜ ନିଜ ଦେଶଜ ପାରମ୍ପରିକ ଖାଦ୍ୟ, କଳାକୃତୀ, ହସ୍ତଶିଳ୍ପ ଆଦି ପ୍ରଦର୍ଶିତ ତଥା ବିକ୍ରୟ କରୁଛନ୍ତି। ଆସନ୍ତା ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ହାଟକୁ ଆସି ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ସାମଗ୍ରୀ କିଣି ଭୋକାଲ ଫର ଲୋକାଲ ଅଭିଯାନକୁ ବଳ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଜିଲ୍ଲା ପରିଷଦର ଅତୋରିକ୍ତ ଉନ୍ନୟନ ଅଧିକାରୀ ଡିଏସ୍. ଶୁଭଦର୍ଶୀ ଯୋଷୀ, ଓରମାସର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ କ୍ଷୀତିସ୍ଚନ୍ଦ୍ର ବଳ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବର୍ଣ୍ଣରେଖାରେ ପଞ୍ଚମ ବନ୍ୟା

# ବିପନ୍ନଙ୍କୁ ଏକ ଦିନର ରିଲିଫ୍ ନେଇ ଅସନ୍ତୋଷ

ଭୋଗରାଇ, ୧।୮ (ସମିସ)




ସୁବର୍ଣ୍ଣରେଖାରେ ଦେଢ଼ ମାସରେ ୫ ଥର ବନ୍ୟା ଆସିଲାଣି। ବାରମ୍ବାର ବନ୍ୟା ଆସିବାରୁ ଭୋଗରାଇ ବ୍ଲକର ତଳିଆ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାକୁ ଲାଗିଛି। ଖଟିଖିଆ ଓ ଦିନ ମଜୁରିଆ ଲୋକଙ୍କ ଦୁଃଖ କହିଲେ ନସରେ। ଓଳିଏ ଖାଇଲେ ଦୁଇଓଳି ମୁଠାଏ ଖାଦ୍ୟ ପାଉନାହାନ୍ତି ବିପନ୍ନମାନେ। ଏହି ପଞ୍ଚମ ବନ୍ୟାରେ ସରକାର ମାତ୍ର ଏକ ଦିନର ରିଲିଫ ସାମଗ୍ରୀ ଦେଇଛନ୍ତି। ଆରୁଆବୃତ୍ତି ଖରଦିପିପଳ, ନାଛିଦା, କୁସୁଡା, ଗବଗାଁ, କଚୁଆଡି, ଦାରୁହା, କୁନିଦା, ଗୁଣସାର୍ଥା, ପୁଟିଣା କୁମ୍ଭୀରଗଡି ଜୟାରାମପୁର ଓ ଟୁକିରୀହାଜିରା ପାଇଁ ୫.୫୨ କୁଇଣ୍ଟାଲ ଚୁଡା ଓ ୫୨ କୁଇଣ୍ଟାଲ ଗୁଡ଼ ଦେଇଥିବା ଖାଦ୍ୟ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା ସୂଚନା ଦେଇଛନ୍ତି। ଯାହା ବୟସ୍କ ମାନଙ୍କ ପାଇଁ ୧ କିଲୋ ଚୁଡା, ୧୦୦ଗ୍ରାମ ଗୁଡ଼ ଓ ଛୋଟ ପିଲାମାନଙ୍କ ପାଇଁ ୫ ଶହ ଗ୍ରାମ ଚୁଡା, ୫୦ଗ୍ରାମ ହିସାବରେ ଗୁଡ଼ ଦିଆଯାଇଛି। ଯାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି ବୋଲି ଲୋକେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ସରକାର ବନ୍ୟା ବିପନ୍ନ ମାନଙ୍କୁ ଆଉ ସାତ ଦିନର ରିଲିଫ ବାବଦରେ ଚାଉଳ ଦେବା ପାଇଁ ଦାବି କରିଛନ୍ତି।

## ପ୍ରାର୍ଥନା ବେଳେ ୯ ଛାତ୍ରୀ ଅସୁସ୍ଥ

ଖଇରା,୧।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ସୁନାମଧନ୍ୟ କୁପାରୀ ସରକାରୀ ହାଇସ୍କୁଲରେ ବାରମ୍ବାର ଛାତ୍ରୀ ଅସୁସ୍ଥ ହେବା ଏବଂ ଭିନ୍ନ ପ୍ରକାର ଆଚରଣ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। କିଛି ଏହାକୁ ଭୌତିକ କାଣ୍ଡ ବୋଲି ଦାବି କରୁଥିବା ବେଳେ କିଛି ଏହାକୁ ଦୁର୍ବଳ ମାନସିକତା ବୋଲି କହିଛନ୍ତି। ପୂର୍ବରୁ ୨ଥର ଏଭଳି ଘଟିବା ପରେ ପୁନଶ୍ଚ ଶୁକ୍ରବାର ପ୍ରାର୍ଥନା ଚାଲିଥିବା ସମୟରେ ୯ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ସହ ତଳେ ଗଡି ଚିତ୍କାର କରିଥିଲେ। ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପ୍ରଚେଷ୍ଟାରେ ଆମ୍ବୁଲାନ୍ସ ଡକାଯାଇ ସୋମନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୂର୍ବରୁ ଏକାଧିକ ବାର ଏଭଳି ଘଟଣା ଘଟିସାରିଥିବା ବେଳେ ଏହି ଘଟଣା ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ପଚାରିବାରେ ବାରମ୍ବାର ଏଭଳି ଘଟଣା ଘଟିବା ସମ୍ପର୍କରେ ଜିଲା ଶିକ୍ଷାଧିକାରିଣୀ, ଜିଲାପାଳ, ଖଇରା ବିଡିଓଙ୍କୁ ଜଣାଇ ସାରିଛନ୍ତି। ସେମାନେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ନିର୍ଦ୍ଦିଷ୍ଟ ଭାବେ କୁମ୍ଭକା ଗ୍ରାମର କିଛି ପିଲା ଏଥିରେ ଶିକାର ହେଉଥିବା ବେଳେ କ୍ରମାଗତ ଘଟଣାକୁ



ନେଇ କିଛି ରୋମାଞ୍ଚକର ତଥ୍ୟ ପଦାକୁ ଆସିଛି। କୁମ୍ଭକାରେ ତନ୍ତ୍ର ସାଧନା କରୁଥିବା ଜଣେ ବ୍ୟକ୍ତିଙ୍କ ପ୍ରଭାବରୁ ଏମିତି ଘଟଣା ଘଟୁଥାଇ ପାରେ ବୋଲି କୁମ୍ଭକା ଗ୍ରାମର କିଛି ଗ୍ରାମବାସୀ କହିଛନ୍ତି। କିଛି କାଳୀଶୀ ଲାଗିବା ଭଳି କାନ୍ଦି କାନ୍ଦି ଏଣୁତେଣୁ କହୁଥିବାରୁ ଏହା ଭୌତିକ କାଣ୍ଡ ହୋଇ ପାରେ ବୋଲି ପ୍ରତ୍ୟକ୍ଷଦର୍ଶୀ ସନ୍ଦେହ କରୁଛନ୍ତି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ




ଜଳେଶ୍ୱର ବ୍ଲକ, ୧।୮ (ସମିସ) : ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପରିସରରେ ଆଜି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ସମବାୟ ସମିତିର ଉପନିବନ୍ଧକ ସରୋଜିନୀ ନାୟକ, ବାଲେଶ୍ୱର ମଣ୍ଡଳର ସହକାରୀ ନିବନ୍ଧକ ଏକାଦଶୀ ଦାସ, ବାଲେଶ୍ୱର ଖଣ୍ଡ ସହକାରୀ ଉପ ନିବନ୍ଧକ ଦେବାଶିଷ ଦାସ, ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁକାନ୍ତ କୁମାର ପାତ୍ରଙ୍କ ସମେତ ବଜାର କମିଟିର ଅନ୍ୟ କର୍ମଚାରୀ ମନୋରଞ୍ଜନ ସାମଲ, ଅଭିମନ୍ୟୁ ଚନ୍ଦ, ଅଜୟ ଦାସ, ଚକ୍ରଧର ଦାସ, ଘନଶ୍ୟାମ ଦାସ, ନିର୍ମଳ ଚନ୍ଦ୍ର ଘୋଷ, ରବୀନ୍ଦ୍ର ଗିରି ଭବେଶ୍ ମଲ୍ଲିକ ଉପସ୍ଥିତ ରହି ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଛି।

## ଫାଇଲେରିଆ ରୋଗର ନିରାକରଣ ସଚେତନତା କର୍ମଶାଳା

କାଳିପଦା, ୧।୮ (ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଝୁନୁବାଳା ଦେଙ୍କ ପୌରହିତ୍ୟରେ ଏକ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସାରା ଭାରତ ବର୍ଷରେ କେରଳ ରାଜ୍ୟକୁ ଛାଡି ଓଡିଶା ଦ୍ୱିତୀୟ ରାଜ୍ୟ ଯାହାର ବାଲେଶ୍ୱର ଜିଲ୍ଲାର କେବଳ ବାଲିଆପାଳ ବ୍ଲକରେ ଫାଇଲେରିଆ ରୋଗାକ୍ରାନ୍ତ ରୋଗୀ ଚିହ୍ନଟ ହେବାର ଜଣା ପଡିଛି ବୋଲି ମୁଖ୍ୟଅତିଥି କହିଥିଲେ। ଏହାର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଘରେ ଘରେ ବୁଲି ଲୋକଙ୍କୁ ଔଷଧ ଖୁଆଇବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ୟବସ୍ଥା କରା ଯାଇଛି। ମଶାରୀ ଟାଙ୍ଗି ଶୋଇବା ଓ ପରିବେଶ ସଫାସୁତୁରା ରଖିବା ଲୋକଙ୍କୁ ବୁଝାଇବାର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ବାଲିଆପାଳର ବିଭିନ୍ନ ସଂଗଠନ, ବରିଷ୍ଠ ନାଗରିକ ପରିଷଦ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ଅବସରପ୍ରାପ୍ତ ସୈନିକ ସଂଗଠନ, ବାଘା ଯତୀନ ସ୍ମୃତି ପରିଷଦ ତଥା ବିଶ୍ୱାସ ସଂଗଠନର ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇଥିଲେ। ଏହି ବୈଠକକୁ ସ୍ୱାସ୍ଥ୍ୟ ପରିଦର୍ଶକ ରମାନାଥ କର, ଭିବିଡି ପରାମର୍ଶଦାତା ସୁପ୍ରିୟା ପାଢ଼ୀ ଓ ଫାଇଲେରିଆ ଟେକ୍ନିକାଲ ସୁପର ଭାଇଜର ସ୍ୱର୍ଣ୍ଣପ୍ରଭା ସାହୁ ଏହାକୁ ପରିଚାଳନା କରିଥିଲେ।

## ସ୍ୱାଗତ ସମ୍ବର୍ଦ୍ଧନା ଓ ଆଲୋଚନାଚକ୍ର




ଜଳେଶ୍ୱର ବ୍ଲକ, ୧।୮ (ସମିସ) : ଜଳେଶ୍ୱର ପଦାର୍ଥ ବିଜ୍ଞାନ ଓ ଦୀନକୃଷ୍ଣ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ। ଅନ୍ୟମାନଙ୍କ ମଧ୍ୟରେ କେଦାର ନାଥ ମହାନ୍ତି, ପ୍ରଦୀପ କୁମାର ରାଉତ, ଦେବବ୍ରତ ବେରାଶ୍ରୀ ବ୍ୟୋମକେଶ ଦାସ ଏବଂ ଯୁକ୍ତ ତିନିର ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସାନ ଭାଇଭଉଣୀମାନଙ୍କୁ ସ୍ୱାଗତ ଜଣାଇ ଥିଲେ।

## ପଥରପୁରା ପ୍ରାଥମିକ ବିଦ୍ୟାଳୟ ଛାତ ଫାଟି ଆଁ

ଜଳେଶ୍ୱର, ୧।୮ (ସମିସ): ଜଳେଶ୍ୱର ମ୍ୟୁନିସିପାଲଟିର ପଥରପୁରା ପ୍ରାଥମିକ ବିଦ୍ୟାଳୟର ଦୂରାବସ୍ଥା ଅବର୍ଣ୍ଣନୀୟ। କୋଠା ଓ ଛାତ ଫାଟି ଆଁ କରିଥିବା ବେଳେ ସମ୍ମୁଖରେ ପାଣିସ୍ରୋତ ଯୋଗୁଁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବିପଦ ସଂକୁଳ ବିଦ୍ୟାଳୟ ଲାଗି ବହୁ ସମୟରେ ଅଭିଭାବକ ଓ ଗ୍ରାମବାସୀ ଶିକ୍ଷା ବିଭାଗର କର୍ମକର୍ତ୍ତା, ପୌର ପରିଷଦର କର୍ତ୍ତୃପକ୍ଷ ଓ ଲୋକପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପ୍ରକାଶଯୋଗ୍ୟ ଉକ୍ତ ବିଦ୍ୟାଳୟରେ ସଂଖ୍ୟାଲଘୁ ସଂପ୍ରଦାୟର ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିଥାନ୍ତି। ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ସଂପର୍କରେ କେତେକ ଅଭିଭାବକ ବିଦ୍ୟାଳୟଠାରେ ଉପସ୍ଥିତ ହୋଇ ଏଭଳି ଘଟଣା ସଂପର୍କରେ ସାମ୍ବାଦିକ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ମରାମତି ଓ ଆବଶ୍ୟକ ସ୍ଥଳେ ନୂତନ ନିର୍ମାଣ ନ ହେଲେ ବ୍ୟାପକ ଆନ୍ଦୋଳନାରକ ପନ୍ଥା ଗ୍ରହଣ ହେବ ବୋଲି ଜନୈଲ ସାହା, ମୀର ଆଜଗର ଅଲ୍ଲି, ସେକ ସୈମାନ, ସେକ ବାବୁଲୁ, ମନୁ ବିବିଙ୍କ ନେତୃତ୍ୱରେ ବହୁ ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



### କର୍ତ୍ତୃପକ୍ଷ ଉଦାସୀନ, ଆନ୍ଦୋଳନ ଲାଗି ସଜବାଜ

## ବିପଦସଙ୍କୁଳ ଅବସ୍ଥାରେ ହରେନ୍ଦ୍ରନାଥ ସରକାରୀ ବିଦ୍ୟାଳୟ

ଜଳେଶ୍ୱର,୧।୮ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଚମାରଗାଁ ପଂଚାୟତ ତେଘରୀ ଗ୍ରାମରେ ପୁରାତନ ହରେନ୍ଦ୍ରନାଥ ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ତେଘରି ଏବଂ ଚେଙ୍ଗଦା ଗ୍ରାମର ପିଲା ଅଧ୍ୟୟନ କରିଥାନ୍ତି। ବିଦ୍ୟାଳୟ ୧୯୭୫ ମସିହାରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଏଥିରେ ୫୨ ପିଲା ଅଧ୍ୟୟନ କରଥାନ୍ତି। ଏଠାରେ ପାଞ୍ଚଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହି ବିଦ୍ୟାଳୟଟି ପୁରୁଣା ବିଦ୍ୟାଳୟ ସହିତ ଏଠାରେ ୮ଟି ଶ୍ରେଣୀ ଗୃହ ରହିଛି ସେଥିରୁ ଗୋଟାଏ ରହିଛି ପକ୍କାରେ ନିର୍ମିତ ଶ୍ରେଣୀ ଗୃହ ଅନ୍ୟ ସବୁ ମାଟିରେ ନିର୍ମିତ ଏବଂ ଆଜବେଷ୍ଟସ ଛାତ ଶ୍ରେଣୀ ଗୃହ। ଏହା ତିରିଶ ବର୍ଷ ତଳେ ନିର୍ମାଣ ହୋଇଥିବା ହେତୁ ଏହା ଫାଟି ଆଁ କରିବା ସହିତ



### ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ଛାତରୁ ପାଣି ଗଳୁଛି ଏବଂ ଏବେ ବର୍ଷା ଦିନ ଥିବା ହେତୁ ଫଟା କାନ୍ଥରୁ ବିଷଧର ସାପ ମଧ୍ୟ ବାହାରୁଛି। ତେଣୁ ଛାତ୍ର ଛାତ୍ରୀଙ୍କ ଅଭିଭାବକ ଏ ନେଇ ପୂର୍ବରୁ ଜଳେଶ୍ୱର ବିଡିଓ ଏବଂ ଆଜି ଜଳେଶ୍ୱର ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ ଜେନାଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶତାଧିକ ଅଭିବାବକ ଅଭିଯୋଗ ସହିତ ତୁରନ୍ତ କୋଠରି ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ନେଇ ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ଜେନାଙ୍କୁ ପଚାରିବାରୁ ସେ କହିଲେ ଏକ କୋଠରୀ ନିର୍ମାଣ ପାଇଁ ପାଣ୍ଠି ରହିଛି ଏବଂ ଅନ୍ୟ କୋଠରୀ ପାଇଁ ପାଣ୍ଠି ନାହିଁ ଆସିଲେ ନିର୍ମାଣ ହେବ।

## କେଶବଙ୍କୁ ଶ୍ରୀରାମ ସେନାର ସହାୟତା

ଖଇରା, ୧।୮ (ସମିସ): ଖଇରା ବ୍ଲକ ଅନ୍ତର୍ଗତ ମାଖନପୁର ପଞ୍ଚାୟତରେ ଦୁର୍ଗାପୁର ଗ୍ରାମର କେଶବ ଦଳାଇ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡିତ ହୋଇ ଆସିଛନ୍ତି। କେଶବଙ୍କ ଦୁଇଟି କିଡ୍‌ନୀ ଅଚଳ ହୋଇଯାଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏ ନେଇ କେଶବଙ୍କ ପରିବାର ଓ ଅଂଚଳବାସୀ ସାମାଜିକ ଗଣମାଧ୍ୟମରେ ସହଯୋଗ ପାଇଁ ନିବେଦନ କରିଥିଲେ। ଖବର ପାଇ ସବିରା ଅଂଚଳର ଅଗ୍ରଣୀ ସାମାଜିକ ସଂଗଠନ ଶ୍ରୀରାମ ସେନା ତରଫରୁ ମୁଖ୍ୟ କାର୍ଯ୍ୟକର୍ତ୍ତା ଯତୀନ ଦାସ, ଦୈତାରୀ ଦାସ, ନବକିଶୋର ନାୟକ ଏବଂ ଅନ୍ୟମାନେ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।



## ନିର୍ବାହୀଯନ୍ତ୍ରୀ ଅବନୀ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଆପାଳ, ୧।୮ (ସମିସ): ବାଲିଆପାଳ ବ୍ଲକର ଗ୍ରାମ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ଅବନୀ କୁମାର ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଠିକାଦାର ସଂଘ ପକ୍ଷରୁ ବ୍ଲକ ଛକସ୍ଥିତ ଶୁଭମ୍ ଗେଷ୍ଟ ହାଉସ ପରିସରରେ ସଂଘର ସଭାପତି ପ୍ରଫୁଲ୍ଲ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବାଲେଶ୍ୱର ଦୁର୍ଯ୍ୟୋଧନ ବେହେରା, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ସୈଭାଗ୍ୟ କୁମାର ଦାସ, ବାଲିଆପାଳ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମିତ ମିଞ୍ଜ, ଜୟନ୍ତ କୁମାର ଗୋହା ପ୍ରମୁଖ ଯୋଗଦେଇ ଶ୍ରୀ ରାଉତଙ୍କ କାର୍ଯ୍ୟ କରିବା ତରିକା ବେଶ ଉଚ୍ଚକୋଟୀର ବୋଲି ଅତିଥି ଗଣ ମତବ୍ୟକ୍ତ କରିଛନ୍ତି। ଶ୍ରୀ ରାଉତ ୨୦୨୦ ମସିହା ଠାରୁ ନିରବଚ୍ଛିନ୍ନ ଭାବରେ ଦାୟିତ୍ୱ ନିର୍ବାହ କରିବା ଲିଆପାଳ ସମେତ ଭୋଗରାଇ, ଜଳେଶ୍ୱରଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ସୁଚାରୁରୂପେ କାର୍ଯ୍ୟ କରି ପ୍ରଶଂସା ସାଉଁଟିଛନ୍ତି। ଚାକିରିର ଶେଷ ସମୟରେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ଜୁଲାଇ ତିରିଶରେ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଠିକାଦାର ସଂଘ ର ସଞ୍ଜୟ ଦେ, ତାରାକାନ୍ତ ଜେନା, ଦୁର୍ଜୟ ନାୟକ, ରାଜେଶ ଦେ, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ବାଲିଆପାଳ, ଜଳେଶ୍ୱରର ବହୁ ଠିକାଦାର ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଦିଲ୍ଲୀପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




## ଅଜଣା ଗାଡ଼ି ଧକ୍କାରେ ଦୁଇ ଗୁରୁତର

ସୋର, ୧।୮ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଅଜଣା ଗାଡି ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତ୍ତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଭଦ୍ରକ ଜିଲ୍ଲା ବିଦେଇପୁର ଅଞ୍ଚଳର ଗୁରୁପଦ ସେନାପତି ଏବଂ ଶିବପଦ ମାଇତି ବାଇକ ଯୋଗେ ରାକ୍ଷୀ ଆଣିବାକୁ ବାଲେଶ୍ୱର ଯାଇଥିଲେ। ଅପରାହ୍ନରେ ବାଲେଶ୍ୱରରୁ ରାକ୍ଷୀ କିଣି ଫେରୁଥିବା ବେଳେ ଛପୋଲିଆ ନିକଟରେ ଏକ ଅଜଣା ବାଇକ ତାଙ୍କ ବାଇକ ପଛରୁ ଧକ୍କା ଦେବା ଫଳରେ ବାଇକ ସହ ଉଭୟ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏହାଦେଖି ଉଭୟଙ୍କୁ ଗୁରୁତ୍ତର ଅବସ୍ଥାରେ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ପରିବାର ଲୋକେ ସୋର ମେଡିକାଲରେ ପହଞ୍ଚିବା ପରେ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବାଇକ୍‌କୁ ଧକ୍କା ଦେଇ ବାଲି ଗାଡ଼ି ଚମ୍ପଟ

ଜଳେଶ୍ୱର, ୧।୮ (ସମିସ): ଏକ ବାଇକକୁ ଧକ୍କା ଦେଇ ଚମ୍ପଟ ମାରିଲା ଚୋରା ବାଲି ବୋଝେଇ ହାଇୱା। ଜଳେଶ୍ୱରରୁ ପ୍ରତ୍ୟେକ ଦିନ ରାତିରେ ପଶ୍ଚିମବଙ୍ଗକୁ ବାଲି ଚୋରା ଚାଲାଣ ହେଉଛି। ଗୁରୁବାର ରାତିରେ ଏକ ଦ୍ରୁତ ଗାମୀ ବାଲି ବୋଝେଇ ହାଇୱା ଆମ୍ବଳିଅଠା ଛକ ନିକଟରେ ବାଇକ୍‌କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପଛରେ ଯାଉଥିବା ଅନ୍ୟଏକ କାର ହାଇୱାକୁ ଅଟକାଇ ବାକୁ ଚେଷ୍ଟା କରିଥିଲେ ମଧ୍ୟ ହାଇୱାଟି ପଶ୍ଚିମବଙ୍ଗ ଆଡକୁ ପଳାଇ ଯାଇଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ଦୁଇଜଣଙ୍କୁ ପ୍ରଥମେ ଜଳେଶ୍ୱର ହସ୍ପିଟାଲ୍ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଚନ୍ଦନ ଆଚାର୍ଯ୍ୟ ଓ କାଜଲ ଆଚାର୍ଯ୍ୟ ଚିକିତ୍ସିତ ହେଉଥିବାବେଳେ ଜଳେଶ୍ୱର ପୁଲିସ ତଦନ୍ତ ଚଳାଇଛି।



## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଶୋକସଭା



ବାଲେଶ୍ୱର,୧।୮ (ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲା ଅର୍ଥୋପେଡିକ୍ ଆସୋସିଏସନ୍ ସମ୍ପାଦକ ସ୍ୱର୍ଗତ ଆନନ୍ଦ ରାଓଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ, ଆନନ୍ଦ ରାଓ ଜଣେ ଭିନ୍ନକ୍ଷମ ହୋଇ ଭିନ୍ନକ୍ଷମଙ୍କ ପାଇଁ ତାଙ୍କର ତ୍ୟାଗର ଅମୂଲ୍ୟତା ବିଷୟରେ ଆଲୋକପାତ କରିବା ସହ ସ୍ୱର୍ଗତ ରାଓଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଶେଷ କରାଯାଇଥିଲା। ଉକ୍ତ ଶୋକସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସରକାରୀ ଜାଗାରେ ବେଆଇନ ଗୃହ ନିର୍ମାଣ

# ଅଭିଯୋଗ ପରେ କାମ ବନ୍ଦ କଲେ ତହସିଲଦାର

ଚନ୍ଦନେଶ୍ୱର, ୧।୮ (ସମିସ)

ଭୋଗରାଇ ତହସିଲ ଅଧୀନ ଶ୍ରଦ୍ଧାପୁର ଗ୍ରାମର ମୁଖ୍ୟ ରାସ୍ତାକଡ଼ ସରକାରୀ ଜାଗାରେ ବେଆଇନ ଭାବରେ ସ୍ଥାୟୀ ପକ୍କାଘର ନିର୍ମାଣ ଚାଲିଛି। ଏ ନେଇ ଅଭିଯୋଗ ପାଇବା ପରେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ତିନି ଥର ଘଟଣାସ୍ଥଳକୁ ଆସି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାଙ୍କ ନିର୍ଦ୍ଦେଶକୁ ବେଖାତିର କରି ସମ୍ପୃକ୍ତ ବ୍ୟକ୍ତି ଜଣକ ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିଲେ। ପରେ ଏ ସଂକ୍ରାନ୍ତରେ ଭୋଗରାଇ ତହସିଲଦାରଙ୍କୁ ଅବଗତ କରିବା ପରେ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ଉକ୍ତ ତହସିଲ ଅନ୍ତର୍ଗତ ଶ୍ରଦ୍ଧାପୁର ଗ୍ରାମର ସ୍ୱର୍ଗତ ଅନାଦି ପ୍ରଧାନଙ୍କ ଦ୍ୱାରା ଦୀର୍ଘଦିନ ଧରି ବେଆଇନ ଦଖଲରେ ଥିବା ଶ୍ରଦ୍ଧାପୁର ମୌଜାର ଖତିୟାନ ନମ୍ବର ୧୦୨ ଓ ପ୍ଲଟ ନମ୍ବର ୨୪୬ ଆବାଦଯୋଗ୍ୟ ଅନାବାଦୀ କିସମର ସରକାରୀ ଜାଗାକୁ ଶ୍ରଦ୍ଧାପୁର ଗ୍ରାମର ରାଜୀବ ପ୍ରଧାନ, ପିତା-ଧୀରେନ୍ଦ୍ର ପ୍ରଧାନ ଓ ଖଡ଼ିବିଲ ଗ୍ରାମର ଲକ୍ଷ୍ମୀକାନ୍ତ ନାୟକ, ପିତା-ହରିପଦ ନାୟକ କ୍ରୟକରି ଏହା ଉପରେ ସ୍ଥାୟୀ ଭାବରେ କୋଠାଘର ନିର୍ମାଣ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରିବା ପରେ ନିଜେ ରାଜସ୍ୱ ନିରୀକ୍ଷକ ଆସି ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଯାଇଥିଲେ। ମାତ୍ର ସପ୍ତାହକ ପରେ ସମ୍ପୃକ୍ତ ବ୍ୟକ୍ତି ମାନେ ସେହି ଜାଗାରେ ପୁଣି ନିଅଁ ଖୋଳା ଆରମ୍ଭ ହେବାରୁ ଖବର ପାଇ ପୁଣି ଥରେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି କାମ ନ କରିବା ପାଇଁ କହିଥିଲେ। ମାତ୍ର ଗତ ଶନିବାର ଠାରୁ ନିର୍ମାଣ ସ୍ଥଳୀକୁ ଲମ୍ବା ପରଦାରେ ଆଡୁଆଳ କରି ଢ଼ଳେଇ ମେସିନ ଓ ସଂଖ୍ୟାଧିକ ଶ୍ରମିକଙ୍କୁ ନିୟୋଜିତ କରି ପୁରା ଦମରେ ବେଧଡ଼କ ରାତି ଦିନ ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିଲେ। ଖବର ପାଇ ଆଜି ତୃତୀୟ ଥର ପୁଣି ରାଜସ୍ୱ ନିରୀକ୍ଷକ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ଅଭିଯୁକ୍ତଙ୍କୁ ନୋଟିସ ଦେବା ପରେ ମଧ୍ୟ ତହସିଲଦାରଙ୍କ ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇ ଦେଇ ଅଧିକ ମିସ୍ତ୍ରି ଓ ଶ୍ରମିକ ନେଇ ଗୃହ ନିର୍ମାଣ ଚଳାଇ ରଖିଥିଲେ। ବିଚିତ୍ରପୁର ଇକୋ ଟୁ୍ରିଜିମ ଓ ଭୁଷଣ୍ଡେଶ୍ୱର ରାସ୍ତାର ମୂଲ୍ୟବାନ ସରକାରୀ ଜାଗାରେ ପ୍ରଶାସନକୁ ବେଖାତିର କରି ଯେଭଳି ଜୋର ଜବରଦସ୍ତ ଘର ନିର୍ମାଣ କରାଯାଉଛି, ତାହାକୁ ଦେଖି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ନେଇ ଭୋଗରାଇ ତହସିଲଦାରଙ୍କୁ ଅବଗତ କରାଯିବା ପରେ ତହସିଲଦାର ଶ୍ରୀ ନାୟକ ପୁଲିସ ସହ ଘଟଣା ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିବା ଜଣାପଡ଼ିଛି।



## ପଦ ପୁନର୍ଗଠନ ଓ ରାଜସ୍ୱ ସହାୟକଙ୍କ ମୂଳ ଦରମା ପ୍ରସଙ୍ଗ

# ଜିଲ୍ଲାର ସମସ୍ତ ବିଧାୟକଙ୍କୁ ଦାବିପତ୍ର, ୧୧ରୁ ଅନିର୍ଦ୍ଦିଷ୍ଟ ଛୁଟି

କେନ୍ଦୁଝର, ୧।୮ (ସମିସ)

ପଦ ପୁନର୍ଗଠନ ଓ ରାଜସ୍ୱ ସହାୟକଙ୍କ ମୂଳ ଦରମା ଲେଭେଲ-୯ (ଗ୍ରେଡ ପେ-୪୨୦୦) ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ପକ୍ଷରୁ କେନ୍ଦୁଝର ଜିଲ୍ଲାର ସମସ୍ତ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ତୁଳନାରେ ଅନ୍ୟାନ୍ୟ କ୍ୟାଡରଭୁକ୍ତ କର୍ମଚାରୀମାନଙ୍କ ଏକାଧିକବାର ପଦ ପୁର୍ନଗଠନ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଅଛି କିନ୍ତୁ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କର ପଦବୀ ପୁନର୍ଗଠନ ୧୯୮୪ ପରଠାରୁ କରାଯାଇନାହିଁ । ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବର ଏକ ଜ୍ୱଳନ୍ତ ନମୁନା ବୋଲି ପ୍ରମାଣିତ କରୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ବହୁ ଦିନର ପ୍ରତିକ୍ଷିତ ଦାବି ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉ ନଥିବାରୁ ଦାବିଗୁଡିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ରାଜସ୍ୱ ଅମଲାଙ୍କ ପ୍ରତି ନ୍ୟାୟ ପ୍ରଦାନ କରିବା ପାଇଁ ତଥା ପଦ ପୁନର୍ଗଠନ ଓ ରାଜସ୍ୱ ସହାୟକଙ୍କ ମୂଳ ଦରମା ଲେଭେଲ-୯ (ଗ୍ରେଡ ପେ- ୪୨୦୦) ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ତରଫରୁ ସଂଘର ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ପ୍ରଭାତେନ୍ଦୁ ନାୟକଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାର ସମସ୍ତ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା, ଉପଦେଷ୍ଟା କୈଳାଶଚନ୍ଦ୍ର ମଲ୍ଲିକ, ଉପଦେଷ୍ଟା ଭୁବନେଶ୍ୱର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ପରିଷଦର ସଭ୍ୟ ସନ୍ତୋଷ ରଣା, କୋଷାଧ୍ୟକ୍ଷ ପାର୍ଥସାରଥୀ ନାୟକ, ଛବିଳ ପାତ୍ର, ମିଡିଆ ସଂଯୋଜକ ପୀତବାସ ମହାନ୍ତ, ପଙ୍କଜିନୀ ସେଠୀ ଏବଂ ସଭ୍ୟା ଶିବାନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ୧୧ରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପୂର୍ବରୁ ୩ ତାରିଖରେ ଦିନ କଲେକଟୋରେଟ କଲ୍‌ଚରାଲ କ୍ଲବଠାରେ ରାଜସ୍ୱ ଅମଲାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି ।

## ଉଠିବ ହାଣ୍ଡିଆ ହାଟ; ଡମ୍ପିଂୟାର୍ଡ ପାଇଁ ଜାଗା ମାଗିଲେ ସରପଞ୍ଚ



ମହୁଲଡିହା, ୧।୮ (ସମିସ): ଠାକୁରମୁଣ୍ଡା ବିଦ୍ୟାଳୟ ରାସ୍ତାରେ ଚାଲିଛି ହାଣ୍ଡିଆ ହାଟ । ଦୀର୍ଘ ବର୍ଷ ଧରି ଚାଲିଥିବା ହାଣ୍ଡିଆ ହାଟକୁ ଉଠାଇବାକୁ ଅଣ୍ଟା ଭିଡ଼ିଛନ୍ତି ସରପଞ୍ଚ ସୁଜିତ କୁମାର ଲୁଗୁନ । ଶୁକ୍ରବାର ସରପଞ୍ଚ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମିଳ ସେଠୀଙ୍କୁ ନେଇ ହାଣ୍ଡିଆ ବିକ୍ରି କରୁଥିବା ମହିଳାଙ୍କ ସହିତ ଆଲୋଚନା କରିଛନ୍ତି । ମହିଳାମାନେ ସ୍କୁଲ ରାସ୍ତାରୁ ଉଠିଯିବା ପାଇଁ ସହମତ ହୋଇ ଏକ ସପ୍ତାହ ସମୟ ମାଗିଛନ୍ତି । ଆସନ୍ତା ଶୁକ୍ରବାର ସୁଦ୍ଧା ହାଣ୍ଡିଆ ହାଟ ସବୁଦିନ ପାଇଁ ସେଠାରୁ ଉଠିଯିବ ବୋଲି ସରପଞ୍ଚ ଘୋଷଣା କରିଛନ୍ତି । ଏହା ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବାବେଳେ ଆଜି ଯାଏଁ ହାଣ୍ଡିଆ ହାଟ ସ୍କୁଲ ପାଚେରୀ କଡ଼ ତଥା ରାସ୍ତା କଡ଼ରୁ ଉଠାଯାଇ ପାରିନଥିଲା । ଏଥି ସହିତ ମାଛ ମାଂସ ଦୋକାନ ଏକ ସପ୍ତାହ ମଧ୍ୟରେ ସ୍ଥାନ ନିରୂପଣ କରି ଉଠାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି । ଠାକୁରମୁଣ୍ଡାରେ ଘରୋଇ ଏବଂ ଦୋକାନ ବଜାରରୁ ଅଳିଆ ସଫା ନେଇ ପଞ୍ଚାୟତ ସମସ୍ୟାରେ ପଡ଼ିଛି; ମାତ୍ର ଅଳିଆ ନେଇ ପକାଇବା ସମୟରେ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେବା ଫଳରେ ଅଳିଆ ଉଠାଇବା ବନ୍ଦ ହୋଇଯାଇଛି । ସମସ୍ୟା ସମାଧାନ ପାଇଁ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଜାଗା ଯୋଗାଇ ଦେଉ ବୋଲି ଗ୍ରାମପଞ୍ଚାୟତ ତରଫରୁ ବିଡ଼ିଓଙ୍କୁ ଲିଖିତ ଭାବେ ସରପଞ୍ଚ ଜଣାଇଛନ୍ତି । ଜାଗା ମିଳିବା ପରେ ନିୟମିତ ଅଳିଆ ସଫେଇ ଚାଲିବ ଏବଂ ଏଥିପାଇଁ ସେମାନଙ୍କ ନିକଟରୁ ସରକାରୀ ଧାର୍ଯ୍ୟ ଦରରେ ଫିସ ଆଦାୟ କରାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି ।

## ରାସ୍ତା ମଝିରେ ଜଳିଗଲା ବାଇକ୍



ହାଟଡ଼ିହୀ, ୧।୮ (ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦି ହଦଗଡ଼ ରାସ୍ତାର ସଙ୍କଟପାଲିଆ ନିକଟରେ ରାସ୍ତା ମଝିରେ ଏକ ବାଇକ ଜଳି ଯାଇଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଉକ୍ତ ରାସ୍ତାର ସଙ୍କଟପାଲିଆ ନିକଟରେ ଛେନାପଦି ଛକର ପଙ୍କଜ ଗୁପ୍ତା ନାମକ ଜଣେ ଯୁବକ ନୂଆ ଆଣିଥିବା ଏକ୍ସଟ୍ରିମ୍ ବାଇକ୍ ଧରି ହଦଗଡ଼ ଯାଇ ଫେରିବା ବେଳେ ଦିନ ସାଢେ ୩ଟା ବେଳେ ଅକସ୍ମାତ୍ ରାସ୍ତା ମଝିରେ ବାଇକରେ ନିଆଁ ଲାଗିଯାଇଥିଲା । ତେବେ ନିମିଶକରେ ବାଇକଟି ଜଳି ଯାଇଥିବା ବେଳେ କେଉଁ କାରଣରୁ ଏଭଳି ଅଘଟଣ ଘଟିଲା ତାହା ଏଯାଏଁ ସ୍ପଷ୍ଟ ହୋଇପାରିନି ।

## ଚାଷଜମିରେ ଟଳି ପଡ଼ିଲେ ଶ୍ରମିକ

ରାମଚନ୍ଦ୍ରପୁର, ୧।୮ (ସମିସ): ରାମଚନ୍ଦ୍ରପୁର ଥାନା ନହଙ୍ଗି ଗାଁ ନିକଟ ଧାନ କ୍ଷେତରେ ତଳି ଉପାଡ଼ିବା ସମୟରେ ଟଳି ପଡ଼ିଲେ ଶ୍ରମିକ । ଯାଜପୁର ଟାଉନ ଅଞ୍ଚଳର ଅଶାନ୍ତ ନାୟକ (୪୦) ନିଜ ଶଶୁର ଘର ଗଡ଼ବନ୍ଧଗୋଡା ପଞ୍ଚାୟତ ଗୁଡିଆଡୀହ ଗ୍ରାମରେ ରହି ଦିନ ମଜୁରିଆ ତଥା ଠିକା ଶ୍ରମିକ ଭାବେ କାମଧନ୍ଦା କରି ଆସୁଥିଲେ । ଆଜି ମଧ୍ୟାହ୍ନ ସମୟର ନହଙ୍ଗି ନାଳ ନିକଟ ଚାଷ ଜମିରେ ତଳି ଉପାଡୁଥିବା ସମୟରେ ହୃଦଘାତର ଶିକାର ହୋଇ ଟଳି ପଡ଼ିଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରାମଚନ୍ଦ୍ରପୁର ପୁଲିସ ପହଞ୍ଚି ଧାନ କ୍ଷେତରୁ ଶବ ଜବତ କରିବା ପରେ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଛି ।

## ଅଖିଳ ଭାରତୀୟ ଶିକ୍ଷା ସମାଗମ କାର୍ଯ୍ୟକ୍ରମ

କୁଆମରା, ୧।୮ (ସମିସ): ଅଖିଳ ଭାରତୀୟ ସେବା ସଂସ୍ଥାନ ତଥା ସମଗ୍ର ଶିକ୍ଷା ମୟୂରଭଞ୍ଜ ମିଳିତ ଆନୁକୂଲ୍ୟରେ ଗୋଭପବନ୍ଧୁ ନଗର ବ୍ଲକ ଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଖିଳ ଭାରତୀୟ ଶିକ୍ଷା ସମାଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଆରସିସି କୁଳମଣି ନାଏକ, ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ଅନୁଭବ ପଟ୍ଟନାୟକ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ୭୫ ଜଣ ସ୍ୱଳ୍ପ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଚଷମା ବଣ୍ଟନ କରିଥିଲେ । ବ୍ଲକ ସାଧନ କର୍ମୀ ପ୍ରମୋଦ କୁମାର ପ୍ରଧାନ ଛାତ୍ର ଛାତ୍ରୀ ମାନଙ୍କୁ ଚଷମା ବ୍ୟବହାର ଓ ଯତ୍ନ ସମ୍ପର୍କରେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## କଳାଟମକ-ହାତୀଛାଡ଼ ରାସ୍ତା କାଦୁଅ ପଚପଚ



ରାଇରଙ୍ଗପୁର, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ପଛୁଆ ବିଜାତଳା ବ୍ଲକର ସରଗଡ଼ା ପଞ୍ଚାୟତ କଳାଟମକଠାରୁ ହାତୀଛାଡ଼ ଗ୍ରାମ୍ୟ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଦୁଇମାସ ହେଲା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଏହି ମାଟି ରାସ୍ତାରେ ଆଣ୍ଠୁଏ ଲେଖାଏଁ କାଦୁଅ ହୋଇଛି । ଫଳରେ ଲୋକେ ଯିବାଆସିବା କରିବା ସମ୍ଭବ ହେଉନି । ଏହି ରାସ୍ତାଟି ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବାରୁ ଖାଲି ପାଦରେ ଚାଲିବା ମଧ କଷ୍ଟକର । ତେଣୁ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

## ଓଷ୍ଟା ପକ୍ଷରୁ ୬ ଦଫା ଦାବିରେ ବ୍ଲକସ୍ତରୀୟ ସମ୍ମିଳନୀ




ବଡ଼ସାହି, ୧।୮ (ସମିସ): ଓଡ଼ିଶା, ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବଡ଼ସାହି ବ୍ଲକ ତରଫରୁ ଏକ କନଭେନସନ ଓଷ୍ଟା ବ୍ଲକ ସଭାପତି ହରିଶଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମ୍ପାଦକ ଡମ୍ବରୁଧର ରାଉତ ଅତିଥି ପରିଚୟ ଓ ଆନ୍ଦୋଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ । ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଉପସ୍ଥିତ ରହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଦୃଢ଼ ମାନସିକତା, ସହ ନିଜର ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଶିକ୍ଷାବିତ୍, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ସଭାରେ ପୂର୍ବତନ ସରପଞ୍ଚ ମହେଶ୍ୱର ସେନାପତି, ପୂର୍ବତନ ବ୍ଲକ ସଭାପତି ସରୋଜ ବେହେରା, କଲେଜ ସଂଗଠନର ସଦସ୍ୟ ହେମନ୍ତ ଦାସ, ହରିଶ ଦଣ୍ଡପାଟ ଉପସଭାପତି ଦିଲ୍ଲୀପ ମହନ୍ତ, ଅଞ୍ଜଳି ଦଣ୍ଡପାଟ୍ ଓ ଦେବରାଜ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରକାଶ ଥାଉକି, ସମନ୍ୱୟ ସମିତିର ୬ ଦଫା ଦାବି ଯଥା- ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ କରିବା, ଦୀର୍ଘ ୩୦ ବର୍ଷ ଧରି ଶିକ୍ଷା ଦାନ କରି ମୁକ୍ତହସ୍ତରେ ଅବସର ନେଇ ଥିବା ଓ ନେବାକୁ ଥିବା ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କୁ ଅବସରକାଳୀନ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା, ୧୯୭୪ ଶିକ୍ଷା ନିୟମ ଅନୁସାରେ ଅନୁଦାନ ପ୍ରାପ୍ତ କର୍ମଚାରୀ ମାନଂକ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇ ଥିବା ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବା ଆଦି ଅନ୍ତର୍ଭୁକ୍ତ । ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉ ଥିଲେ ମଧ ସମସ୍ୟାର ସମାଧାନ ରାସ୍ତା ବାହାର କରୁ ନ ଥିବାରୁ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସଦସ୍ୟମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ଆଗାମୀ ୨ ତାରିଖ ରାଜ୍ୟର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆଗରେ ଧାରଣା ସହ ଅଗଷ୍ଟ ୮ ତାରିଖରେ ଜିଲ୍ଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବି ପ୍ରଦାନ କରାଯିବ ।

## ମୟୂରଭଞ୍ଜ ଜିଲ୍ଲା ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ




ବାରିପଦା, ୧।୮ (ସମିସ): ଚଳିତ ବର୍ଷର ଯୁବ ରେଡକ୍ରସ, ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ନୋଡାଲ କଲେଜ ମହାରାଜା ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ଆଲବେର୍ଟିନା ତିର୍କୀ ଓ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟାପକ, ଅଧ୍ୟାପିକା ଓ କାଉନସେଲରମାନେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଓ ବିଶ୍ୱ ରେଡକ୍ରସର ପ୍ରତିଷ୍ଠାତା ଜିନ ହେନେରୀ ଡୁନାଣ୍ଟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ କରିଥିଲେ । ପରେ ରେଡକ୍ରସ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା । ଅଧକ୍ଷା ଡ ତିର୍କୀ ଅଧିବେଶନରେ ପୌରୋହିତ୍ୟ କରି ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଅଧ୍ୟୟନ ସହ ଯୁବ ରେଡକ୍ରସ କାର୍ଯ୍ୟକ୍ରମ ମାଧ୍ୟମରେ ମାନବିକ ମୂଲ୍ୟବୋଧ ଶିକ୍ଷା କରି ଭବିଷ୍ୟତରେ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାର ଶତାଧିକ କଲେଜରେ ଅଧକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଯୁବ ରେଡକ୍ରସ ବିଭାଗ ନଖୋଲିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ ଯୋଗଦେଇ ଜିଲ୍ଲା ରେଡ କ୍ରସ ତରଫରୁ ପ୍ରଶାସନିକ ସହାୟତା ପ୍ରଦାନ କରିବା ସହିତ ସମସ୍ତ କଲେଜ ଯୁବ ରେଡ କ୍ରସ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାର ଆହ୍ୱାନ ଦେଇଥିଲେ । କନଭେନର ସେକ୍ରେଟାରୀ ରାଇମଣି ମାର୍ଣ୍ଡି କାର୍ଯ୍ୟକାରିଣୀ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଯୁବ ରେଡ କ୍ରସ ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ ଜିଲ୍ଲା ବିବରଣୀ ଓ ସହ ଚଳିତ ଶିକ୍ଷାବର୍ଷର କାର୍ଯ୍ୟକ୍ରମ ଖସଡ଼ା ଉପସ୍ଥାପନ କରିଥିଲେ । ଶେଷରେ କଲେଜର କାଉନସେଲର ଡ. ହରପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଟ୍ରାଇବାଲ ଲିଡରସିପ୍ କାର୍ଯ୍ୟକ୍ରମରେ ଗୋମେୟାଙ୍କ ଯୋଗଦାନ



ରାଇରଙ୍ଗପୁର, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ଅଞ୍ଚଳର ହୋ ସମ୍ପ୍ରଦାୟର ଜଣେ ଗତିଶୀଳ ଆଦିବାସୀ ଯୁବ କର୍ମୀ ଗୋମେୟା ଅମ ସମ୍ପ୍ରତି ବାଙ୍ଗାଲୋରର ଦି ସ୍କୁଲ ଅଫ୍ ଆନସିଏଣ୍ଟ ୱିଜଡମ୍‌ରେ ୧୦ ଦିନିଆ ଟ୍ରାଇବାଲ ଲିଡରସିପ ପ୍ରୋଗ୍ରାମ ଅଂଶଗ୍ରହଣ କରିଛନ୍ତି । ଉଲ୍ଲେଖନୀୟ ଯେ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ଟ୍ରାଇବାଲ ଲିଡରସିପ ପ୍ରୋଗ୍ରାମର ୭ମ ଅଧ୍ୟାୟର ଅଂଶ ଭାବରେ, ୨୦୨୫ରେ ତାଙ୍କୁ ଦେଶବ୍ୟାପୀ ୧୦୦ ଆଦିବାସୀ ଯୁବ ନେତାଙ୍କ ମଧ୍ୟରେ ମନୋନୀତ କରାଯାଇଛି । ଗୋମେୟା ବର୍ତ୍ତମାନ ଭୁବନେଶ୍ୱରର କିସ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗରେ ପିଏଚଡି କରୁଛନ୍ତି । ସେ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ରାଜ୍ୟର ସହାୟକ କୋଷାଧ୍ୟକ୍ଷ ଏବଂ ହୋ ଭାଷାର ମାନ୍ୟତା ପାଇଁ କାର୍ଯ୍ୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏହା ବ୍ୟତୀତ ସେ 'ହୋ ଜ୍ଞାନ ବାଗାନ'ର ମଧ ପ୍ରତିଷ୍ଠାତା । ଏକ ଶିକ୍ଷାଭିତ୍ତିକ ୟୁ ଟ୍ୟୁବ ଚ୍ୟାନେଲ ମିଡିଆ ପ୍ଲାଟଫର୍ମରେ ହୋ ସମାଜ ମଧ୍ୟରେ ଶିକ୍ଷାଗତ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସ୍ୱର ଭାବେ କାର୍ଯ୍ୟ କରୁଛି । ନିକଟରେ ହୋ ଜ୍ଞାନ ବାଗାନ ତରଫରୁ ହୋ ସମ୍ପ୍ରଦାୟର କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ 'ହୋ ଜ୍ଞାନ ବତୀ' ସମ୍ମାନ କାର୍ଯ୍ୟକ୍ରମ ସହିତ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଟ୍ରାଇବାଲ ଲିଡରସିପ ପ୍ରୋଗ୍ରାମରେ ଗୋମେୟାଙ୍କ ଅଂଶଗ୍ରହଣ ତାଙ୍କୁ ତାଙ୍କ ସମ୍ପ୍ରଦାୟ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଏବଂ ବିକାଶକୁ ଆଗେଇ ନେବା ପାଇଁ ଆହୁରି ସଶକ୍ତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

## ମୃତ୍ୟୁ ପରେ ଶରୀର ଦାନ କରିବେ ପ୍ରଦୀପ



ରାମଚନ୍ଦ୍ରପୁର, ୧।୮ (ସମିସ): ଛାତ୍ର ଜୀବନରୁ ସମାଜ ସେବାକୁ ବ୍ରତ କରିଥିଲେ ସେ । ପରେ ଶିକ୍ଷକତା ଆରମ୍ଭ କଲେ । ଶିକ୍ଷକ ବୃତ୍ତି ଛାଡି ପ୍ରତ୍ୟକ୍ଷ ରାଜନୀତି ମୈଦାନକୁ ଓହ୍ଲାଇ କିଛି ମାତ୍ରାରେ ସଫଳ ହେଲେ ସତ, କିନ୍ତୁ ଆଜି କାଲିର ରାଜନୀତିରେ ତାଳ ଦେଇ ଚାଲି ନପାରି ଓହରି ଗଲେ । ୧୯୫୪ ଜାନୁଆରୀ ୧୪ ତାରିଖରେ ଘସିପୁରା ବ୍ଲକ ସାଇଁକୁଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ପ୍ରଦୀପ ଚକ୍ର । ମୃତ୍ୟୁ ପରେ ନିଜ ଶରୀରକୁ ବ୍ୟବହାର ନିମନ୍ତେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଦାନ କରିବେ ବୋଲି ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ବିଜ୍ଞାନରେ ସ୍ନାତକ ହାସଲ ପରେ ପ୍ରଶିକ୍ଷଣ ଗ୍ରହଣ କରି ସାଇଁକୁଳସ୍ଥିତ ନେହରୁ ହାଇସ୍କୁଲ ରେ ଶିକ୍ଷକତା କରିଥିଲେ । ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟ ପ୍ରତିଷ୍ଠାରେ ସେ ପ୍ରମୁଖ କର୍ଣ୍ଣଧାର ସାଜିଥିଲେ । ଏଥିସହ ସ୍ଥାନୀୟ ବାମ୍ପିଡି ଗୋଡିସାହି ଓଁକାର ସେବାଶ୍ରମର ପ୍ରତିଷ୍ଠା, ସମ୍ଭାବନା ସାହିତ୍ୟ ସଂସଦ, ଅନ୍ୱେଷା ସାହିତ୍ୟ ସଂସଦ, ବିଭିନ୍ନ ପୂଜା କମିଟିରେ ସକ୍ରିୟ ସହଯୋଗ କରିଥିଲେ । ଜୀବନକୁ ମାନବ ସେବା ରେ ସମର୍ପି ଦେବା ପରେ ଶରୀର ଦାନ ଭଳି ମହତ୍ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହ ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

■ ସୀମାନ୍ତ ମହାବିଦ୍ୟାଳୟର ୪୬ତମ ସ୍ୱନକ୍ଷତ୍ର ଦିବସ

## ରକ୍ତଦାନ ଶିବିର; ୧୧୬ ୟୁନିଟ ସଂଗ୍ରହ



ସାରସକଣା, ୧।୮ (ସମିସ): ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏକ ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ କଲେଜ ଅଧକ୍ଷ ପ୍ରହଲ୍ଲାଦ ଅଗସ୍ତି ଶୁଭାରମ୍ଭ କରିଥିଲେ । ଅଧ୍ୟାପକ ଜ୍ଞାନେନ୍ଦ୍ର କୁମାର ଧୀର ପ୍ରଥମେ ରକ୍ତଦାନ କରିଥିବାବେଳେ ଶେଷରେ ରେଡକ୍ରସ ଅଧିକାରିଣୀ ଅଧ୍ୟାପିକା ପ୍ରଚୀପ୍ରଭା ପଢ଼ିଆରୀ ରକ୍ତଦାନ କରିଥିଲେ । ଶିବିରରେ ମୋଟ ୧୧୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ବ୍ୟତୀତ ସ୍ଥାନୀୟ ଜନସାଧାରଣ, ଇଂଜିନିୟରିଂ କଲେଜରୁ ୧୨ ଜଣ, ଫାର୍ମାସୀ କଲେଜରୁ ୨ ଜଣ ଓ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖାରୁ ସଦସ୍ୟମାନେ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ । ସମର ଶିକ୍ଷାର୍ଥୀ ବାହିନୀର ଲେଫ୍ଟନାଣ୍ଟ ନିହାର ରଞ୍ଜନ ମହାନ୍ତ, ଯୁବ ରେଡକ୍ରସ୍ ଅଧିକାରିଣୀ ଅଧ୍ୟାପିକା ପ୍ରାଚୀପ୍ରଭା ପଢ଼ିଆରୀ, ଡଃ ରାମକିଶୋର ହରିଜନ, +୩ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଶରତ କୁମାର ପଢ଼ିଆରୀ, ଆରତୀ ହୋ, +୨ କାର୍ଯ୍ୟକ୍ରମ ଅଧିକାରୀ ଶିଶିର କୁମାର ପଟ୍ଟନାୟକ, ସୀମାନ୍ତ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ସମେତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ । ଅଧକ୍ଷ ପ୍ରହ୍ଲାଦ ଅଗସ୍ତି ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ବାରିପଦା ରକ୍ତ ଭଣ୍ଡାରର କର୍ମଚାରୀ, ଜନସାଧାରଣ, ଜାତୀୟ ଯୁବ ପ୍ରକଳ୍ପ, ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କେନ୍ଦୁଝର, ୧।୮ (ସମିସ): ଚାକିରି ଜୀବନରୁ ଅବସର ଗ୍ରହଣ କରିଥିବା କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଶ୍ରୀ ଦେଓ ସର୍ବଦା ତାଙ୍କର ଶାନ୍ତ ଆଚରଣ, କେନ୍ଦ୍ରିତ ଆଭିମୁଖ୍ୟ ଏବଂ ଦଳଗତ ମନୋଭାବ ପାଇଁ ଜଣାଶୁଣା । ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମିଳିଥିବା ଦାୟିତ୍ୱ ସୁଚାରୁରୂପେ ତୁଲାଇବାରେ ତାଙ୍କର ଅବଦାନକୁ ପ୍ରଶଂସା କରାଯାଇଥିଲା । ଶ୍ରୀ ଦେଓ ଜିଲ୍ଲା ପ୍ରଶାସନ ଏବଂ ତାଙ୍କ ସହକର୍ମୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ, ଶ୍ରୀ ଦେଓ ୧୯୯୦ରେ ମୟୁରଭଞ୍ଜ ଜିଲ୍ଲା ସାରସକଣା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ନିଜ ଚାକିରି ଆରମ୍ଭ କରି ପରେ ଗଞ୍ଜାମ, ଝାରସୁଗୁଡା ଓ କେନ୍ଦୁଝରରେ ସୁଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରି ଉପରିସ୍ଥ ଅଧିକାରୀଙ୍କ ପ୍ରଶଂସା ସାଉଁଟିଥିଲେ ।

■ 'ବୋଉ ବୁଟୁ ଭୂତ'କୁ ମିଳିଲା ସଫଳତା

## ମିଳିଲାନି ସୁଟିଂରେ ହୋଇଥିବା କ୍ଷୟକ୍ଷତି ଭରଣା




ଆନନ୍ଦପୁର, ୧।୮ (ସମିସ): ଆନନ୍ଦପୁର ଅଞ୍ଚଳରେ ଦୀର୍ଘ ଦୁଇମାସ ଧରି ସୁଟିଂ ହୋଇଥିବା ଓଡ଼ିଆ ହରର ଚଳଚ୍ଚିତ୍ର 'ବୋଉ ବୁଟୁ ଭୂତ' ବକ୍ସ ଅଫିସରେ ସୁପରହିଟ୍ ହୋଇଛି । ଗତ ରଜ ଅବସରରେ ଓଲିଉଡ ଷ୍ଟାର ବାବୁଶାନ, ଅର୍ଚ୍ଚିତା, ଅପରାଜିତା ଅଭିନୀତ ଏହି ସିନେମା ମୁକ୍ତିଲାଭ କରିଥିଲା । ଇତିମଧ୍ୟରେ ଏହି ସିନେମା ଭଲ ବ୍ୟବସାୟ କରି ରେକର୍ଡ ପରିମାଣର ୨୦ କୋଟିର ବ୍ୟବସାୟ କରିଛି । ତେବେ ଏହି ଚଳଚ୍ଚିତ୍ରର ପ୍ରମୁଖ ସୁଟିଂ ଆନନ୍ଦପୁର ସୀମାନ୍ତ ଠାକୁରମୁଣ୍ଡା ବ୍ଲକ ଧାତିକିଡିହା ପଞ୍ଚାୟତ ଲୁଣିଖିଆ ଗ୍ରାମରେ ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ୨୦ ଦିନରୁ ଅଧିକ ସୁଟିଂ ଏହି ଗ୍ରାମର କୃଷ୍ଣଚନ୍ଦ୍ର ପିଙ୍ଗୁଆଙ୍କ ଘରେ ଅନୁଷ୍ଠିତ ହୋଇଥିଲା ।

କୃଷ୍ଣଚନ୍ଦ୍ରଙ୍କ କହିବା ଅନୁସାରେ, ସେମାନେ ପୂର୍ବରୁ ସ୍ଥାନ ଦେଖି ଏହି ଘରେ ସୁଟିଂ କରିବାକୁ କହିଥିଲେ । ସେମାନେ ସ୍ୱାମୀ-ସ୍ତ୍ରୀଙ୍କୁ ଗୋଟିଏ ବଖରା ଦେଇ ଅନ୍ୟ ସମସ୍ତ ଘରେ ସେମାନେ ରହି ସୁଟିଂ କରୁଥିଲେ । ଅଧିକାଂଶ ସୁଟିଂ ରାତି ସମୟରେ ହେଉଥିବାବେଳେ ଅପରାଜିତା, ବାବୁଶାନ୍, ଅର୍ଚ୍ଚିତା ଭଲ ବ୍ୟବହାର କରୁଥିଲେ । ତାଙ୍କ କହିବା ମୁତାବକ, ଚଳଚ୍ଚିତ୍ରର ସଫଳତା ପାଇଁ ସେ ଗ୍ରାମଦେବତୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜା କରାଇଥିଲେ । ସୁଟିଂ ସମୟରେ ଘରର ଟାଇଲ, ହାଣ୍ଡି ଓ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ । ଶେଷଦିନ ଗଲାବେଳେ ଘରର ମରାମତି ଓ ରଙ୍ଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଚଳଚ୍ଚିତ୍ରଟି ସୁପରହିଟ୍ ହେବା ପରେ ପ୍ରତିଦିନ ଏହି ସ୍ଥାନ ଦେଖିବା ତଥା ରିଲସ୍, ବ୍ଲଗ କରିବାକୁ ୟୁଟ୍ୟୁବର ଓ ଆଖପାଖ ଅଞ୍ଚଳର ଲୋକମାନଙ୍କ ଭିଡ଼ ଲାଗୁଛି । ଫିଲ୍ମ ଏତେ ଟଙ୍କା ରୋଜଗାର କରିଥିଲେ ମଧ ପ୍ରଯୋଜନା ସଂସ୍ଥା ତାଙ୍କର ପ୍ରତିଶ୍ରୁତି ରକ୍ଷା କରି ନଥିବା କୃଷ୍ଣଚନ୍ଦ୍ରଙ୍କୁ ବ୍ୟଥିତ କରିଛି । ପ୍ରଯୋଜନା ସଂସ୍ଥାର ବାବୁ ନାମକ ବ୍ୟକ୍ତି ଆଉ ତାଙ୍କ ଫୋନ୍ ଉଠାଉ ନଥିବା ନେଇ ସେ କ୍ଷୋଭର ସହିତ କହିଛନ୍ତି ।

## ୪୯ ନଂ. ଜାତୀୟ ରାଜପଥ ବିପର୍ଯ୍ୟସ୍ତ

# ବସ୍ ଚଳାଚଳ କରିବାକୁ ଘରୋଇ ମାଲିକ ନାରାଜ

କରଞ୍ଜିଆ, ୧।୮ (ସମିସ)






କରଞ୍ଜିଆ ଉପଖଣ୍ଡ ଟଙ୍ଗାବିଲା ଛକରୁ ସିଙ୍ଗଡ଼ା ଛକ ଦେଇ କେନ୍ଦୁଝରକୁ ଯାଇଥିବା ୪୯ନଂ. ଜାତୀୟ ରାଜପଥ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ରାସ୍ତରେ ଟଙ୍ଗାବିଲା ଛକରୁ ସିଙ୍ଗଡ଼ା ଛକ ଦେଇ କୌଣସି ବି ଗୋଟିଏ ବସ୍ ଚଳାଚଳ କରିବାକୁ ନିରାପଦ ମନେ କରୁନାହାନ୍ତି । ଏଣୁ ବାରିପଦା କେନ୍ଦୁଝର ଦେଇ ଯାଉଥିବା ଅନେକ ବସ ଏବେ କରଞ୍ଜିଆ ସହର ଦେଇ ଯିବା ଆସିବା କରୁଛି । ଅଧିକାଂଶ ବସ ପୂର୍ବରୁ କରଞ୍ଜିଆ ସହରକୁ ପ୍ରବେଶ କରୁ ନ ଥିଲା । କେବଳ କେନ୍ଦୁଝର-ବାରିପଦା ବସ ନୁହେଁ, କୋଲକତା, ରାଞ୍ଚି ଭଳି ଅନେକ ବସ ମଧ କରଞ୍ଜିଆ ଦେଇ ଚଳାଚଳ କରୁନଥିଲା । ଏହି ବସ ବର୍ତ୍ତମାନ ସମୟ ନିର୍ଘଣ୍ଟରେ ବାଧା ଦେଇଛି । କରଞ୍ଜିଆ-ବାରିପଦା ବସ ମାଲିକ ସଂଘ ମଧ୍ୟରେ ସମୟ ନିର୍ଘଣ୍ଟକୁ ନେଇ ଯେଉଁ ବିବାଦ ଦେଖାଦେଇଛି ତାହା ସମାଧାନ ହେଉନାହିଁ । ଫଳରେ ବସଗୁଡିକ ମନଇଚ୍ଛା ବିଭିନ୍ନ ସ୍ଥାନରେ ରହୁଛି । ଗୋଟିଏ ବି ବସ ଷ୍ଟାଣ୍ଡ ଭିତରକୁ ଆସୁନାହିଁ । ଫଳରେ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ସହରବାସୀଙ୍କ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ପ୍ରଶାସନ ମଧ ବସ ଚଳାଚଳକୁ ଗୁରୁତ୍ୱ ଦେଉ ନ ଥିବାରୁ ସମାଧାନର ବାଟ ଫିଟୁନି ନାହିଁ । ସରକାରଙ୍କ ପରମିଟ ସମୟ ଓ ପରମିଟ ଚଳାଚଳ ରାସ୍ତାରେ ଯିବାରେ କୌଣସି ତାରତମ୍ୟ ନ ଥିବାରୁ ବସ ମନଇଚ୍ଛା ରୁଟରେ ଚଳାଚଳ କରୁଥିବା ଅଭିଯୋଗ ହେଉଛି । ଅନେକ ବସରେ କାଗଜପତ୍ର ଠିକ ନ ଥାଇ ଚଳାଚଳ କରୁଥିବାରୁ ଘରୋଇ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ପାରିବାରିକ ମତଭେଦ ଦୂର ହେବ ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଶୁଭ ସମ୍ବାଦ ମିଳିବ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ । କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବସାୟରୁ ଲାଭ ମିଳିବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଋଣ ସମସ୍ୟା ଦୂର ହେବ ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ । ଘର ପାଇଁ ନୂଆ ଜିନିଷ କିଣିବେ ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦିନଟିରେ ଖୁସି ରହିବେ । ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ଗୀତ, ନାଚରେ ସମୟ ଅତିବାହିତ କରିବେ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅସହାୟଙ୍କୁ ସାହାଯ୍ୟ କରିବେ ।

## ଆଜିର ଇତିହାସ

- ୧୭୯୦- ଆମେରିକାରେ ପ୍ରଥମ ଥର ଜନଗଣନା ହେଲା ।
- ୧୯୨୨- ଚୀନ୍‌ରେ ଭୟଙ୍କର ତୋଫାନ ଆସିବାରୁ ୬୦ହଜାର ଲୋକଙ୍କ ମୃତ୍ୟୁ ।
- ୧୯୫୫- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା ।
- ୧୯୮୪- ୟୁରୋ ଅଦାଲତ ଫୋନ୍ ଟ୍ୟାପିଂର ଆଲୋଚନା କଲା ।
- ୧୯୯୦- ଇରାକ୍ କୁଏତ୍ ଉପରେ ଆକ୍ରମଣ କଲା ।
- ୨୦୧୦- ପାକିସ୍ତାନରେ ବନ୍ୟା ଯୋଗୁ ୧୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ।



## 'ୱାର୍ ୨'ରେ ଏଣ୍ଟ୍ରିକୁ ନେଇ ବାଣୀଙ୍କ ଖୁଲାସା

ସ୍ପାଇ ଥ୍ରିଲର୍ ମୁଭି 'ୱାର୍'ର ସଫଳତାର ଛଅବର୍ଷ ପରେ ଏହାର ସିକ୍ୱେଲ ଆସୁଛି । ଏଥିରେ ହ୍ରିତିକ୍ ରୋଶନଙ୍କ ସହ ଜୁନିୟର୍ ଏନ୍‌ଟିଆର୍ ଓ କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିବେ । ସିକ୍ୱେଲରେ କିନ୍ତୁ ଟାଇଗର୍ ଶ୍ରଫ୍‌ଙ୍କୁ ବାଦ୍ ଦିଆଯାଇଛି । ଏଥିରେ ବାଣୀ କପୁର ନଜର ଆସିପାରନ୍ତି ବୋଲି କିଛି ଦିନ ପୂର୍ବରୁ ଚର୍ଚ୍ଚା ହେଉଥିଲା । ଏବେ ବାଣୀ ଏହାକୁ ନେଇ ଖୁଲାସା କରିଛନ୍ତି । ବାଣୀ ଏବେ 'ମଣ୍ଡାଲା ମର୍ଡର୍ସ' ସହ ଓଟିଟି ଡେବ୍ୟୁ କରିଛନ୍ତି । ଏହି ସିରିଜ୍‌ର ପ୍ରମୋସନ୍ ସମୟରେ ସେ 'ୱାର୍ ୨'ରେ କାମ କରୁନାହାନ୍ତି ବୋଲି କହିଥିଲେ । ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିବାରୁ ଏଥିପାଇଁ ତାଙ୍କର ତିଳେ ବି ଅବଶୋଷ ନ ଥିବା କଥା କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ- ' 'ୱାର୍'ରେ ମୋତେ ଓ ଟାଇଗର୍‌ଙ୍କୁ ମାରି ଦିଆଯାଇଥିଲା । ଯଦି ଟାଇଗର୍ ଫେରିବେ ତାହେଲେ ମୁଁ ଫେରିବି ।' ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ୱାର୍ ୨' ୧୪ ଅଗଷ୍ଟ, ୨୦୨୫ରେ ରିଲିଜ୍ ହେବ । ଏହାର ପ୍ରଯୋଜନା ଦାୟିତ୍ୱରେ ଯଶରାଜ ଫିଲ୍ମସ୍ ରହିଛି ।

## ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ପାଇଁ ସ୍ତ୍ରୀ ନିଅନ୍ତି ଟଙ୍କା



ପ୍ରତ୍ୟେକ ଘରେ ସ୍ତ୍ରୀ ଲୋକମାନେ ହିଁ ଖାଦ୍ୟ ପ୍ରସ୍ତୁତ କରନ୍ତି । ସେମାନେ ସ୍ୱାମୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରି ଅଫିସ୍ ନିମନ୍ତେ ଟିଫିନ୍ ମଧ୍ୟ ପ୍ୟାକ୍ କରନ୍ତି । ଏହି କ୍ରମରେ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ମହିଳା ନିଜ ସ୍ୱାମୀଙ୍କ ଅଫିସ୍ ଟିଫିନ୍ ତିଆରି କରିବା ପାଇଁ ଟଙ୍କା ନେଉଛନ୍ତି । ଏହି ଘଟଣା ଖୋଦ୍ ମହିଳା ଜଣକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଯାଇଛି । ରେ ନାମ୍ନୀ ଏହି ମହିଳା ଜଣକ ଜଣେ ସୋସିଆଲ ମିଡିଆ କ୍ରିଏଟର । ତାଙ୍କର ଦୁଇଜଣ ସନ୍ତାନ ଅଛନ୍ତି । ତେବେ ତାଙ୍କ ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ଲାଗି ସେ ଟଙ୍କା ନେଉଥିବା କହିଛନ୍ତି । ପ୍ରତିଦିନ ସେ ଏଥିଲାଗି ଭାରତୀୟ ମୁଦ୍ରାରେ ୧୧୫୦ ଟଙ୍କା ନେଉଛନ୍ତି । ଅବଶ୍ୟ ଏଭଳି କରିବା ପଛର ସେ ଠୋସ୍ କାରଣ ବି ଦର୍ଶାଇଛନ୍ତି । ରେ'ଙ୍କ ମତରେ ଯଦି ତାଙ୍କ ସ୍ୱାମୀ ପ୍ରତିଦିନ ମ୍ୟାକ୍‌ଡୋନାଲ୍ଡ ଭଳି ଅନ୍ୟ ସ୍ଥାନରେ ଖାଦ୍ୟ ଖାଇବା ପାଇଁ ଟଙ୍କା ଦେଇପାରୁଛନ୍ତି, ସେହି ଟଙ୍କା ସେ ନିଜ ସ୍ତ୍ରୀକୁ କାହିଁକି ନ ଦେବେ । ଅନ୍ୟପଟେ ଏଭଳି କରି ସେ ଓ ତାଙ୍କ ସ୍ୱାମୀ ଉଭୟ ଖୁସି ଥିବା କଥା କହିଛନ୍ତି । ଗୋଟେ ପଟେ ତାଙ୍କ ସ୍ୱାମୀ ଖାଦ୍ୟ ଖାଇ ଖୁସି ଥିବା ବେଳେ ରେ' ଏଲାଗି ଟଙ୍କା ନେଇ ଖୁସି ଥିବା କହିଛନ୍ତି । ସେ ତାଙ୍କ ସ୍ୱାମୀଙ୍କ ପାଇଁ ସାଲାଡ୍ ତିଆରି କରିବା ବେଳେ ଏକ ଭିଡିଓ ମାଧ୍ୟମରେ ଏହି କଥା ସେୟାର୍ କରିଛନ୍ତି । ଅନେକ ଲୋକ ତାଙ୍କୁ ସମର୍ଥନ କରିଥିବାବେଳେ କିଛି ଜଣ ତାଙ୍କର ଏହି ଚିନ୍ତାଧାରାକୁ ପସନ୍ଦ କରି ନାହାନ୍ତି । ଅନେକ ତାଙ୍କୁ ଏଥିପାଇଁ ଟ୍ରୋଲ କରିବା ସହ ତାଙ୍କର ଏହି କାମକୁ ଜଣେ ପ୍ରେମରେ ବ୍ୟାପାର ବୋଲି କହିଛନ୍ତି ।

## ଜେନ୍ ଜେଡ୍ ଓ ଏନର୍ଜି ଡ୍ରିଙ୍କ

ଆଜିର ଜେନ୍ ଜେଡ୍ ଯୁବପିଢ଼ି ଫିଟ୍‌ନେସ୍ ଏବଂ ସୋସିଆଲ ମିଡିଆ ଟ୍ରେଣ୍ଡକୁ ନେଇ ଅଧିକ ଉତ୍ସାହିତ ରହୁଛନ୍ତି । ଏହି କାରଣ ଯୋଗୁଁ ଏନର୍ଜି ଡ୍ରିଙ୍କର ଚାହିଦା ତଥା ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି । ସେହିପରି ଜେନ୍ ଜେଡ୍ ଯୁବପିଢ଼ିଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ଏନର୍ଜି ଡ୍ରିଙ୍କ ବୋଲି କହିଲେ କିଛି ଭୁଲ ହେବ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଏହି ଡ୍ରିଙ୍କ ଶରୀର ପାଇଁ ହିତକର ନା କ୍ଷତିକାରକ । ଅଧିକାଂଶ ଏନର୍ଜି ଡ୍ରିଙ୍କରେ କେଫିନ, ଚିନି, ଭିଟାମିନ୍ ବି ଏବଂ କିଛି ଅନ୍ୟ ଉପାଦାନ ଥାଏ । ଏଭଳି ଏନର୍ଜି ଡ୍ରିଙ୍କ କମ୍ପାନିଗୁଡ଼ିକ ଏହା ଶରୀରକୁ ଶୀଘ୍ର ଶକ୍ତି ଯୋଗାଇଥାଏ ବୋଲି ଦାବି କରନ୍ତି । ହେଲେ ଏହାର ପ୍ରଭାବ ସବୁବେଳେ ସ୍ୱାସ୍ଥ୍ୟକର ହୋଇ ନ ଥାଏ । ସେହିପରି ଏଭଳି ଏନର୍ଜି ଡ୍ରିଙ୍କରେ ଚା' ଓ କଫିଠାରୁ ଅଧିକମାତ୍ରାରେ କେଫିନ୍ ଥାଏ । ବାରମ୍ବାର ଏହାକୁ ପିଇବା ଦ୍ୱାରା ନିଦ୍ରାହିନତା, ବିଚଳିତ ହେବା ଏବଂ ଜୋର୍‌ରେ ହୃଦ୍ ସ୍ପନ୍ଦନ ହେବା ସହିତ ରକ୍ତଚାପ ଭଳି ସମସ୍ୟା ଦେଖା ଦେଇପାରେ । ସେହିଭଳି ଏଥିରେ ଅଧିକ ପରିମାଣର ଚିନି ରହିଥାଏ । ଏହାଦ୍ୱାରା ଓଜନ ବଢ଼ିବା ସହ ମଧୁମେହ ହେବା ଆଶଙ୍କା ମଧ୍ୟ ଥାଏ । କେବଳ ସେତିକି ନୁହେଁ, ଏହି ପାନୀୟକୁ ଲଗାତାର ପିଇବା ଦ୍ୱାରା ବୃକ୍କ ଓ ଯକୃତ୍ ଉପରେ ମଧ୍ୟ ଚାପ ପଡ଼ିଥାଏ । ଶରୀରରେ ଜଳୀୟ ଅଂଶ କମ୍ ଥିଲେ ଏହାର ପ୍ରଭାବ ଅଧିକ ପଡ଼ିଥାଏ । ତେଣୁ ଜେନ୍ ଜେଡ୍ ଏନର୍ଜି ଡ୍ରିଙ୍କକୁ ସାବଧାନତାର ସହ ପିଇବା ଦରକାର । ଏହାବାଦ୍ ସେମାନେ ଏନ୍‌ର୍ଜି ଡ୍ରିଙ୍କର ବିକଳ୍ପ ଭାବେ ପାଣି, ପଇଡ଼ ପାଣି, ଲେମ୍ବୁ ଓ ମହୁ ପାଣି ପିଇବା ଭଲ । ଅନ୍ୟପଟେ ଉତ୍ତମ ନିଦ୍ରା, ସନ୍ତୁଳିତ ଖାଦ୍ୟ ଏବଂ ନିତିଦିନ ବ୍ୟାୟାମ ହିଁ ଶରୀରକୁ ପ୍ରାକୃତିକ ଭାବେ ଶକ୍ତି ଯୋଗାଇବାର ଏକ ଭଲ ବିକଳ୍ପ ।



# ସୁମନ

## ଦୁଃଖୀର ଦରଦୀ ବନ୍ଧୁ



ସତ୍ୟନାରାୟଣ ପ୍ରଧାନ

ମନ ପରା ତାଙ୍କ ଛୋଟ ପିଲା ପରି
ସହି ପାରନ୍ତିନି ଦୁଃଖ
ଦୁଃଖୀ ରଙ୍କିଙ୍କର କରିଥିଲେ ସେବା
ଭୁଲି ପରିବାର ସୁଖ ।।
ନିଜ ପୁଅ କଥା ପଛରେ ପକାଇ
ମାଟି ମାଆ ପୁଅ ଆଗ
ଗରିବ ମୁହଁରେ ହସ ବୁଣି ଦେଇ
ଯେପରି ମିଳେ ସରଗ ।।
ସବୁବେଳେ ଚିନ୍ତା ଅଭାବୀ ମଣିଷ
କେମିତି ବଞ୍ଚିବେ ରହି
ସୁବିଧା ସୁଯୋଗ ଦିଅନ୍ତି ଯୋଗାଇ
ଭୋକିଲା ପେଟକୁ ଚାହିଁ ।।
ଗୋରା ସରକାର କମାଣ ବନ୍ଧୁକ
ତିଳେ ହେଁ ନ ଥିଲା ଡର
ଦେହରେ ଜୀବନ ରହିଥିବା ଯାଏ
ଉଠାଇ ବିଦ୍ରୋହ ସ୍ୱର ।।
ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ
ନାମ ତାଙ୍କ ଗୋପବନ୍ଧୁ
କରିଗଲେ ଧନ୍ୟ ଓଡ଼ିଶା ମାଟିକୁ
ଦୁଃଖୀର ଦରଦୀ ବନ୍ଧୁ ।।

ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪

## ଝରିଯାଉ ବରଷା



ପ୍ରଶାନ୍ତ କୁମାର ଦାଶ

ଝରି ଝରିଯାଉ ଆକାଶୁ ବରଷା
ଓଦା ହେଉ କ୍ଷେତମାଟି
କୃଷକ ରୋଇବ କେତେ ଗଛ ଚାରା
ଫସଲ ଆଣିବ କାଟି ।।
ଡହଳ ଖରାର ଦାଉ ଦୂରେ ଯାଉ
ପୂରିଉଠୁ ନଈ ଝର
ନିଦାଘର ତାତି ଦେହରେ ବାଜିଲେ
ଲାଗୁଛି ଛାନିଆ ଡର ।।
କଅଁଳି ଉଠନ୍ତୁ ଘାସ ଗଛଲତା
ସୁନ୍ଦର ଦିଶିବ ଗାଆଁ
ରାଶି ରାଶି ଫୁଲ ଫୁଟିଲେ ଗଛରେ
ମହକ ଛୁଟିବ ଛାଆଁ ।।
ମୁକୁତା ସମାନ ଝଲମଲ ହେଉ
ସୂରୁଜ କଅଁଳ ଖରା
ଚଢ଼େଇ ଗୀତରେ କୋଳାହଳମୟ
ହେଉଯାଉ ପୁଣି ଖରା ।।
କଳା ମଚମଚ ଅନ୍ଧାର ରାତିରେ
ବରଷା ବରଷିଯାଉ
ଉଇ ହୁଙ୍କା ଦେହେ ବରଷା କାଳରେ
ବାଲି ଛତୁ ଫୁଟୁଥାଉ ।।
ବରଷା ପରଶେ ମାଟିର ଦହନ
ଦୁଃଖତକ ଯାଉ ସରି
ଗାଉ ବସି ଗୀତ କାଳିଆ ଭଅଁର
ସୁମନ ସୁରଭି ଧରି ।।

କୁଞ୍ଜର -ସଙ୍ଗଳାଇ
ପିପିଲି, ପୁରୀ
ମୋ-୯୬୬୮୮୨୨୧୯୦



## ସକାଳ ଶିଶୁ କୁଇଜ୍-୧୭୩

(୧) ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର : ____________

(୨)ତାନସେନ୍ କେଉଁ ରାଜାଙ୍କ ଦରବାରରେ ଥିଲେ?
ଉତ୍ତର : ____________

(୩) ମହେନ୍ଦ୍ର ତନୟା ନଦୀ କେଉଁ ପର୍ବତରୁ ବାହାରିଛି?
ଉତ୍ତର : ____________

(୪) ଖଣ୍ଡୁଆ ପାଟ ପାଇଁ ଓଡ଼ିଶାର କେଉଁ ସ୍ଥାନ ପ୍ରସିଦ୍ଧ?
ଉତ୍ତର : ____________

(୫) ରଣଜି ଟ୍ରଫି କେଉଁ ଖେଳ ସହ ସମ୍ପୃକ୍ତ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଜସ୍ମିନ୍ ହୋତା, ନୀଳଗିରି
- ସରୋଜ ରାଉତ, ରାଜେନ୍ଦ୍ର ନଗର, କଟକ
- ବୈଶାଖୀ ମହାନ୍ତି, ରାଉରକେଲା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



## ଗଛମାନେ ବି କଥା ହୁଅନ୍ତି



ସ୍ନିଗ୍ଧା ନାୟକ

ଘଞ୍ଚ ଜଙ୍ଗଲର ଠିକ୍ ମଝାମଝିରେ ଗୋଟାଏ ବିଶାଳ ବୁଢ଼ା ଶାଳ ଗଛଟିଏ ଥିଲା । ତାକୁ ସମସ୍ତେ ବୁଢ଼ା ଶାଳ ଗଛ କହୁଥିଲେ । ତା'ର ଗଣ୍ଡିଟି ବେଶ୍ ଟାଣୁଆ ଥିଲା । ଶାଖାଗୁଡ଼ିକ ଚାରିଆଡ଼କୁ ବିସ୍ତାରିତ ହୋଇଥିଲା, ଆଉ ଚେର ମାଟିର ବହୁତ ଭିତରକୁ ଚାଲି ଯାଇଥିଲା । ଯଦିଓ ସେ ମଣିଷମାନଙ୍କ ଭଳି ବଡ଼ ପାଟିରେ କଥା କହୁ ନ ଥିଲା କିନ୍ତୁ ତା'ର ଚେର ଦ୍ୱାରା ସେ ଅନ୍ୟ ଗଛଗୁଡ଼ିକ ସହ ଫୁସ୍‌ଫାସ୍ କରି କଥା ହେଉଥିଲା । ଗଛଲତାମାନଙ୍କର ଏହା ଗୋଟିଏ ସ୍ୱତନ୍ତ୍ର ଭାଷା ଅଟେ । ଚେରମାନଙ୍କ ଦ୍ୱାରା ସଙ୍କେତ, ଅଳ୍ପ କମ୍ପନ ଏବଂ ଧୀରେ ଧୀରେ କରି କଥା ହେବା । ଏହାକୁ ବିଜ୍ଞାନ ଭାଷାରେ ଉଡ୍ ୱାଇଡ୍ ୱେବ୍ ବୋଲି କୁହାଯାଏ । ଏହା ମାଟିତଳେ ବିଛାଡ଼ି ହେଇ ପଡ଼ିଥିବା ଏକ ଜୀବନ୍ତ ନେଟୱର୍କ । ଯୋଉଠି ବୃକ୍ଷଲତା ନିଜ ନିଜ ଭିତରେ ଆଳାପ କରନ୍ତି । ଖାଦ୍ୟ ଆଦାନ ପ୍ରଦାନ କରନ୍ତି ଏବଂ ଚେତାବନୀ ମଧ୍ୟ ଦିଅନ୍ତି । ବୁଢ଼ା ଶାଳ ଗଛ ପାଖରେ ଗୋଟିଏ ଛୋଟ ଗଛ ଉଠିଥିଲା । ତା ନାଁ ଥିଲା ଚିକୁ । ଚିକୁର ସବୁ ଜିନିଷ ବିଶେଷକରି ନିଜ ଚାରିପାଖରେ ଘଟୁଥିବା ବିଭିନ୍ନ କଥା ବିଷୟରେ ଜାଣିବା ପାଇଁ ଆଗ୍ରହ ଥାଏ । ଦିନେ ଚିକୁ ବୁଢ଼ା ଶାଳ ଗଛକୁ ପଚାରିଲା "ବୁଢ଼ା ବାପା, ଯେତେବେଳେ ବର୍ଷା ହୁଏ, ମୋ ଚେରଗୁଡ଼ିକରେ କାହିଁକି ଯେ ଗୁଡୁଗୁଡି ହୁଏ?" ବୁଢ଼ା ଶାଳ ଗଛଟି କହିଲା- "କାହିଁକି ନା, ମାଟିତଳେ ନେଟୱର୍କମାନେ କଥା ହେଉଛନ୍ତି । ସେମାନେ ଆମକୁ ଜଣାଇବାକୁ ଚାହାନ୍ତି ଯେ, ମାଟି ଓଦା ଅଛି, ନା କୋଉଠି ଆଉ କିଛି ଅସୁବିଧା ଅଛି ।" "ମାନେ? ଗଛମାନେ କ'ଣ ତାହେଲେ ପରସ୍ପରକୁ ସାହାଯ୍ୟ କରନ୍ତି !" ଚିକୁ ଚକିତ ହୋଇ ପଚାରିଲା । "ହଁ, ପୁଅ । ଯଦି ଗଛ ରୋଗଗ୍ରସ୍ତ ହୁଏ କିମ୍ବା ଶୋଷିଲା ଥାଏ ତ ଅନ୍ୟ ଗଛମାନେ ତାକୁ ଖାଦ୍ୟ ଓ ପାଣି ଯୋଗାନ୍ତି । ଏମିତିରେ ହିଁ ତ ଚାଲେ, ଆମମାନଙ୍କ ପରିବାର ।" ଚିକୁକୁ ଏସବୁ କଥା ଭାରି ଅଦ୍ଭୁତ ଲାଗୁଥାଏ । ଦିନେ ଜଙ୍ଗଲରେ ଭୟଙ୍କର ଗର୍ଜନ ଶୁଣାଗଲା । ବଡ଼ ବଡ଼ ମେସିନ୍‌ଗୁଡ଼ିକ ଜଙ୍ଗଲ ମଧ୍ୟକୁ ଆସିଥିଲା । ମଣିଷମାନେ କିଛି ଗଛ ଉପରେ ନାଲିରଙ୍ଗର ଚିହ୍ନ ଲଗାଇଲେ । " ଏଇ ଗଛମାନଙ୍କୁ ହାଣି ଦିଆଯିବ ।" ଗୋଟିଏ ବାଉଁଶ ଗଛ ମନଦୁଃଖ କରି କହିଲା । ଚିକୁ ଭୟଭୀତ ହୋଇ ପଡ଼ିଲା । ସେ ଭାବିଲା, "ଯଦି ସବୁ ଗଛମାନଙ୍କୁ ହାଣି ଦିଆଯିବ ତ କଣ ହେବ !" ବୁଢ଼ା ଶାଳ ଗଛଟି ବି ମନଦୁଃଖରେ ଝାଉଁଳି ପଡ଼ିଲା । ଗଛର ଚେରମାନେ କାନ୍ଦିବା ଆରମ୍ଭ କଲେ । ନେଟ୍‌ୱର୍କ ଭାଙ୍ଗିଗଲା । ସେମାନଙ୍କର ହୃଦୟର ସ୍ପନ୍ଦନ ଧକ୍ ଧକ୍ କରିବା ବନ୍ଦ କରିଦେଲା । ସେ ରାତିରେ ଚିକୁକୁ ଅନୁଭବ ହେଲା - ଗଛର ଜଡ଼ ସାହାଯ୍ୟ ଚାହୁଁଛନ୍ତି । ନିମ୍ବଗଛ, ଅନିତା ଦିଦି ଦୁର୍ବଳ ହେଇ ପଡ଼ିଥିଲେ । ଚିକୁ ବୁଢ଼ା ଶାଳ ଗଛଙ୍କୁ ସଂକେତ ଦେଲା ନିମ୍ବ ଅନିତା ଦିଦିଙ୍କୁ ପ୍ରବଳ ଶୋଷ ହେଉଛି ।" ଚିକୁ ଓ ବୁଢ଼ା ଶାଳ ଗଛ ଦିହେଁ ମିଶି ନିଜ ଚେର ସାହାଯ୍ୟରେ ଅନିତା ଦିଦି ପର୍ଯ୍ୟନ୍ତ ପାଣି ଓ ପୋଷଣ ପଠାଇଲେ । ସକାଳକୁ ଅନିତା ଦିଦିଙ୍କ ପତ୍ରଗୁଡ଼ିକ ପୁଣି ସତେଜ ଦେଖାଗଲେ । " ଧନ୍ୟବାଦ୍ ।" ନିମ୍ବ ଅନିତା ଦିଦି ଧିର ସ୍ୱରରେ ଜଣାଇଲେ । ଚିକୁ ଏହି ନେଟୱର୍କର ଅଂଶ ହୋଇ ପ୍ରସନ୍ନ ହେବା ସହ ଗର୍ବିତ ମଧ୍ୟ ଥିଲା । କିନ୍ତୁ ବିପଦ ଟଳି ନ ଥିଲା । ବଡ଼ ବଡ଼ ମେସିନ୍‌ମାନେ ପୁଣି ଘୋ - ଘୋ..., ଶବ୍ଦ କରି ଆସିଲେ । ସେମାନେ ବୁଢ଼ା ଶାଳ ଗଛ ପାଖରେ ଯାଇ ହାଜର ହେଲେ । ଠିକ୍ ଏତିକିବେଳେ ସ୍କୁଲ ପିଲାମାନଙ୍କ ଗୋଟିଏ ଦଳ ଜଙ୍ଗଲ ଭିତରକୁ ଦଉଡ଼ି ଆସିଲା । ସେମାନଙ୍କ ହାତରେ ଗୋଟିଏ ଲେଖାଏଁ ପୋଷ୍ଟର ଥିଲା । ଯୋଉଥିରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା - " ଆମ ଜଙ୍ଗଲକୁ ବଞ୍ଚିବାକୁ ଦିଅ ।" "ସେମାନେ କଥା କୁହନ୍ତି, ସେମାନଙ୍କର ବି ଜୀବନ ଅଛି ।" ଗୋଟିଏ ଛୋଟ ଝିଅ ବୁଢ଼ା ଶାଳ ଗଛକୁ କୁଣ୍ଢାଇ ଧରି କହିଲା । "ଆମେ ଆପଣମାନଙ୍କୁ ଗଛ କାଟିବାକୁ ଦେବୁନାହିଁ ।"

ମେସିନ୍ ବନ୍ଦ ହେଇଗଲା । ପିଲାମାନଙ୍କ ଜିଦ୍ ଆଗରେ ହାରିଯାଇ ମଣିଷମାନେ ସେମାନଙ୍କ ଯନ୍ତ୍ରପାତି ସହ ଫେରିଗଲେ । ଜଙ୍ଗଲର ଅଟକି ଯାଇଥିବା ନିଃଶ୍ୱାସ ପୁଣି ଫେରି ଆସିଲା । ସେଦିନ ରାତିରେ ଚିକୁ ପଚାରିଲା, " କ'ଣ ପିଲାମାନେ ଆମ କଥା ଶୁଣିଲେ ? " ବୁଢ଼ା ଶାଳ ଗଛ ହସିଦେଇ କହିଲେ," ହଁ, ବୋଧେ କାନରୁ ତ ନୁହଁ କିନ୍ତୁ ହୃଦୟରୁ ନିଶ୍ଚୟ ।" ମାଟି ଭିତରେ ଚେରଗୁଡ଼ିକ ଚମକି ଉଠିଲେ, ଖୁସିର ସନ୍ଦେଶ ଜଙ୍ଗଲ ସାରା ଦୌଡୁଥିଲା । ଚିକୁ ନିଜ ଆଖି ବନ୍ଦ କଲା । ସେ କେବଳ ଗୋଟିଏ ଛୋଟ ଗଛ ନ ଥିଲା, ସେ କଥା କହୁଥିବା ଜଡ଼ମାନଙ୍କ ସ୍ୱର ଥିଲା । ଗଛ ଆମପାଇଁ କେତେ ଉପକାରୀ, ଆମେ ବେଶ୍ ଜାଣୁ । ଗଛମାନେ ଖାଲି ଛିଡ଼ା ହୋଇ ରହିନଥାନ୍ତି । ସେମାନେ ପରସ୍ପର ସହ କଥା ହୁଅନ୍ତି । ନିଜ ନିଜ ଭାବର ଆଦାନ ପ୍ରଦାନ କରନ୍ତି । ଆବଶ୍ୟକ ସ୍ଥଳେ ପରସ୍ପରକୁ ସାହାଯ୍ୟ କରନ୍ତି, ପରସ୍ପରର ସୁଖଦୁଃଖ ବୁଝନ୍ତି । ମାଟିତଳେ ସେମାନଙ୍କର ନେଟୱର୍କ ଥାଏ । ଆମେ ସେମାନଙ୍କୁ ସୁରକ୍ଷା ଦେଇ, ଅସୁବିଧାଗୁଡ଼ିକରୁ ଦୂରେଇ ରଖିବା ଉଚିତ୍ । ସେମାନଙ୍କ ସ୍ୱର ଆମକୁ ସିନା ଶୁଣା ଯାଏନି କିନ୍ତୁ ଆମ ପାଦ ତଳର ମାଟିରେ ଉପସ୍ଥିତ ଥାଏ ।

ମୋ- ୯୫୭୧୦୩୩୨୭

## ଛୋଟ ହାତର ଛବି





ଅମୃତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ
ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର
ହାଇସ୍କୁଲ
ଭୁବନେଶ୍ୱର





ସାଇ ଶିବେଶ ବେହେରା
ସପ୍ତମ ଶ୍ରେଣୀ
କାମମେଲ୍ ସ୍କୁଲ
ରାଉରକେଲା





ସାଗର ହାଁସଦା
ନବମ ଶ୍ରେଣୀ
ବିସିପୁର ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ

# ଓଭାଲ ଟେଷ୍ଟ: ଦ୍ୱିତୀୟ ଦିବସ
# ଇଂଲଣ୍ଡର ଇନିଂସ ଅଗ୍ରଣୀ

ଲଣ୍ଡନ, ୧।୮ (ଏଜେନ୍ସି)

ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ନିର୍ଣ୍ଣାୟକ ୫ମ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଭାରତ ପ୍ରଥମ ଇନିଂସରେ ୨୨୪ ରନ କରି ଅଲ୍ଆଉଟ୍ ହୋଇଥିଲା। ଏହାର ଜବାବରେ ଘରୋଇ ଦଳ ଦ୍ୱିତୀୟ ଦିବସ ଶେଷ ଖବର ସୁଦ୍ଧା ୪୬ ଓଭରରେ ୭ ୱିକେଟ୍ ହରାଇ ୨୩୦ ରନ କରିଛି। ଫଳରେ ଇଂଲଣ୍ଡ ୬ ରନରେ ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ ରହିଛି। ପଞ୍ଚମ ଟେଷ୍ଟରେ ଭାରତ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଏହି ମୁକାବିଲା ଡ୍ର ରୁହେ ତେବେ ଘରୋଇ ଦଳ ୨-୧ରେ ସିରିଜ ହାତେଇନେବ। ତେଣୁ ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି।

ଶୁକ୍ରବାର ଭାରତର ୨୨୪ ରନ ଜବାବରେ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜ୍ୟାକ୍ କ୍ରାଲୀ ଓ ବେନ୍ ଡକେଟ ସମ୍ପୂର୍ଣ୍ଣ ଟି-୨୦ ଶୈଳୀରେ ଖେଳିଥିଲେ। ଉଭୟ ଭାରତୀୟ ଦ୍ରୁତ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ଏପରିକି ୪୨ ବଲରେ ଦଳ ୫୦ ରନ ପୂରଣ କରିଥିଲା। ଏହାପରେ ୧୨.୫ ଓଭରରେ ୯୨ ରନ ଉଠାଇବା ପରେ ଏହି ଯୋଡ଼ି ଭାଙ୍ଗିଥିଲା। ଡକେଟଙ୍କୁ ୪୩ ରନରେ ଆଉଟ୍ କରି ଆକାଶଦୀପ୍ ଭାରତକୁ ଏହି ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଡକେଟ ୩୮ ବଲ୍ ଖେଳି ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିଲେ। ଏହାପରେ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ଅନ୍ୟତମ ଓପନର୍ କ୍ରାଲୀ ମଧ୍ୟ ୬୪ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ବନିଥିଲେ। ସେ ତାଙ୍କ ୫୭ ବଲ୍ ପାଳିରେ ୧୪ ଚୌକା ମାରିଥିଲେ। ଏହି ଦୁଇ ଖେଳାଳିଙ୍କ ଆଉଟ୍ ପରେ ଇଂଲଣ୍ଡର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଚା'ପାନ ବିରତି ବେଳକୁ ଦଳ ୪୨.୫ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନ କରିଥିଲା। ମଧ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାମଚଳା ଅଧିନାୟକ ଓଲି ପୋପ୍ ୨୨, ଜୋ ରୁଟ୍ ୨୯, ଜ୍ୟାକବ ବେଥେଲ ୬ ଓ ଜେମି ସ୍ମିଥ୍ ୮ ରନ କରି ଆଉଟ୍ ହୋଇଥିଲେ। ହ୍ୟାରୀ ବ୍ରୁକ୍ ୪୦ ରନ କରି ଖେଳୁଛନ୍ତି। ଭାରତୀୟ ଦଳ ପକ୍ଷରୁ ସଫଳ ବୋଲର ଭାବେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏ ଏବଂ ଆକାଶଦୀପ୍ ଗୋଟିଏ ୱିକେଟ ନେଇଛନ୍ତି।



ପୂର୍ବରୁ ଭାରତ ଏହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୪/୬ରୁ ଶୁକ୍ରବାର ଖେଳ ଆରମ୍ଭ କରି ଆଉ ୨୦ ରନ ଯୋଡ଼ି ବଳକା ୪ ୱିକେଟ୍ ହରାଇଥିଲା। ୫୨ ରନ କରି ଅପରାଜିତ ରହିଥିବା କରୁନ ନାୟାର ଆଜି ୫ ରନ ଯୋଡ଼ି ୫୭ ରନରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ୱାଶିଂଟନ ସୁନ୍ଦର ୨୬ ରନ କରିଥିବାବେଳେ ସିରାଜ ଓ ପ୍ରସିଦ୍ଧ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ଗସ୍ ଆଟକିନସନ ୫ଟି, ଜୋଶ୍ ଟଙ୍ଗ ୩ଟି ୱିକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁନ୍ଦର-୨୬, ଜୁରେଲ-୧୯, ଗିଲ୍- ୨୧, ରାହୁଲ- ୧୪, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

ଇଂଲଣ୍ଡ ପ୍ରଥମ ପାଳି: ୨୩୦/୭. ୪୬ ଓଭର ସୁଦ୍ଧା (କ୍ରାଲୀ- ୬୪, ଡକେଟ- ୪୩, ପୋପ୍- ୨୨, ରୁଟ୍- ୨୯, ବ୍ରୁକ୍- ଅପରାଜିତ- ୪୦, ସିରାଜ- ୩/୬୬, ପ୍ରସିଦ୍ଧ- ୩/୫୧, ଆକାଶଦୀପ୍- ୧/୮୦)।

## ଆହତ ୱକ୍ସ ଆଉ ଖେଳିବେନି



ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟର ଦ୍ୱିତୀୟ ଦିବସରେ ଘରୋଇ ଇଂଲଣ୍ଡକୁ ଶକ୍ତ ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡର ପ୍ରମୁଖ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ୩୬ ବର୍ଷୀୟ ୱକ୍ସ ଗୁରୁବାର ପ୍ରଥମ ଦିବସରେ ଭାରତୀୟ ପାଳିର ୫୭ତମ ଓଭରରେ ବୋଲିଂ କରୁଥିବାବେଳେ ଡାହାଣ ହାତର କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ ଏବଂ ଆଉ ଆସି ନ ଥିଲେ। ଶୁକ୍ରବାର ୨ୟ ଦିବସ ଖେଳ ଆରମ୍ଭରୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୱକ୍ସଙ୍କ ଆଘାତ ସମସ୍ୟା ଗୁରୁତର ଥିବାରୁ ସେ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ଫଳରେ ଇଂଲଣ୍ଡ ପାଇଁ ଏହା ଏକ ବଡ଼ ଧକ୍କା କହିଲେ କିଛି କମ୍ ହେବ ନାହିଁ। ମାତ୍ର ୩ଜଣ ସ୍ପେଶାଲିଷ୍ଟ ବୋଲର ଗସ୍ ଆଟକିନସନ, ଜୋଶ୍ ଟଙ୍ଗ୍ ଓ ଜେମି ଓଭରଟନ୍‌ଙ୍କୁ ନେଇ ଇଂଲଣ୍ଡ ଏବେ ଭାରତର ଦ୍ୱିତୀୟ ପାଳିରେ ପଡ଼ିଆକୁ ଓହ୍ଲାଇବ। ସେହିଭଳି ବାମହାତୀ ସ୍ପିନର ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କ ସହ ଜୋ ରୁଟ୍ କାମଚଳା ସ୍ପିନ ଦାୟିତ୍ୱ ତୁଲାଇବେ। ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ୱକ୍ସ ଇଂଲଣ୍ଡର ଏକମାତ୍ର ଦ୍ରୁତ ବୋଲର ଥିଲେ ଯିଏକି ୫ଟି ଯାକ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ପୂର୍ବରୁ ନିୟମିତ ଅଧିନାୟକ ବେନ୍ ଷ୍ଟୋକ୍ସ ଆଘାତ ପାଇ ଏହି ଟେଷ୍ଟରୁ ବାଦ୍ ପଡ଼ିଥିଲେ।

## ମାକାଉ ଓପନ୍ ଲକ୍ଷ୍ୟ, ତରୁଣ ସେମିରେ



ତରୁଣ ମାନେପାଲ୍ଲି

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନେପାଲ୍ଲି ମାକାଉ ଓପନ୍ ପ୍ରତିଯୋଗିତାରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଉଭୟ ସହଜ ବିଜୟ ହାସଲ ସହ ଅଗ୍ରଗତି କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ସେନ୍ ୨୧-୧୪, ୧୮-୨୧, ୨୧-୧୪ ଗେମ୍‌ରେ ଚାଇନାର ଜୁଆନ୍ ଚେନ୍‌ଙ୍କୁ କ୍ୱାର୍ଟରରେ ହରାଇଥିଲେ। ସେହିଭଳି ୨୩ ବର୍ଷୀୟ ଉଦୀୟମାନ ଖେଳାଳି ତରୁଣ ୨୧-୧୨, ୧୩-୨୧, ୨୧-୧୮ରେ ଅନ୍ୟତମ ଚାଇନା ଖେଳାଳି ହୁ ଝେ'ଙ୍କୁ ମାତ୍ ଦେଇଥିଲେ।

### ● ଅଢ଼େଇ ଦିନରେ ଲଢ଼େଇ ହାରିଲ ଜିମ୍ବାୱେ
## ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡର ବାଜିମାତ୍

ବୁଲାୱାୟୋ, ୧।୮ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଜିମ୍ବାୱେ ମାତ୍ର ଅଢ଼େଇ ଦିନରେ ଆତ୍ମସମର୍ପଣ କରିନେଇଛି। ମ୍ୟାଚର ତୃତୀୟ ଦିବସର ଚା'ପାନ ବିରତି ପରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚକୁ ସହଜରେ ୯ ୱିକେଟ୍‌ରେ ଜିତିନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୮ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଡେଭନ କନୱେ (୪)ଙ୍କ ୱିକେଟ୍ ହରାଇ ୧୦ଟି ବଲରେ ଜିତିନେଇଥିଲା। ପୂର୍ବରୁ ୧୫୮ ରନରେ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ୨ୟ ପାଳିରୁ ବ୍ୟାଟିଂ ଆରମ୍ଭ କରି ଜିମ୍ବାୱେ ୬୭.୧ ଓଭରରେ ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସିନ ୱିଲିୟମ୍ସ ସର୍ବାଧିକ ୪୯ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଅଧିନାୟକ ମିଚେଲ ସାଣ୍ଟନର ୪ ଏବଂ ମ୍ୟାଟ୍ ହେନରୀ ଓ ୱିଲିୟମ ଓ'ରୁକ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ୬ଟି ୱିକେଟ୍ ନେଇଥିବା ହେନରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ତିମ ତଥା ୨ୟ ମ୍ୟାଚ୍ ଅଗଷ୍ଟ ୭ରୁ ଏଠାରେ ଆରମ୍ଭ ହେବ।

### ସଂକ୍ଷିପ୍ତ ସ୍କୋର

ଜିମ୍ବାୱେ ପ୍ରଥମ ପାଳି: ୧୪୯
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୩୦୭
ଜିମ୍ବାୱେ ୨ୟ ପାଳି: ୧୬୫
ନ୍ୟୁଜିଲାଣ୍ଡ ୨ୟ ପାଳି: ୮/୧

### ଅଗଷ୍ଟ ୨୮ ରୁ ଦୁଲିପ ଟ୍ରଫି ଦୁଲୀପ୍ ଟ୍ରଫି
## ପଶ୍ଚିମାଞ୍ଚଳର ଦଳରେ ୭ ମୁମ୍ବାଇ ଖେଳାଳି

ମୁମ୍ବଇ, ୧।୮ (ଏଜେନ୍ସି): ସମ୍ମାନଜନକ ଦୁଲୀପ୍ ଟ୍ରଫିରୁ ବିସିସିଆଇର ଚଳିତ ଘରୋଇ ସିଜନ ଆରମ୍ଭ ହେବ। ଅଗଷ୍ଟ ୨୮ରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଶୁକ୍ରବାର ପଶ୍ଚିମାଞ୍ଚଳ ଦଳ ଘୋଷଣା ହୋଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ଘୋଷିତ ୧୫ ଜଣିଆ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସ୍ଥାନୀୟ ଶରଦ ପାୱାର ଇଣ୍ଡୋର କ୍ରିକେଟ୍ ଏକାଡେମୀରେ ବସିଥିବା ଚୟନ ବୈଠକରେ ମୁମ୍ବାଇର ସର୍ବାଧିକ ୭ଜଣ ଖେଳାଳିଙ୍କୁ ଦଳରେ ନିଆଯାଇଛି। ସେହିଭଳି ଗୁଜରାଟର ୪ଜଣ ଏବଂ ମହାରାଷ୍ଟ୍ର ଓ ସୌରାଷ୍ଟ୍ରର ୨ଜଣ ଲେଖାଏ ଖେଳାଳି ପଶ୍ଚିମାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ଅଧିନାୟକ ଶାର୍ଦ୍ଦୁଳଙ୍କ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ, ତନୁଷ କୋଟିଆନ ଓ ସାମ୍ସ ମୁଲାନୀ ମୁମ୍ବାଇର ରହିଛନ୍ତି।

## ପୂର୍ବାଞ୍ଚଳ ଦଳରେ ସନ୍ଦୀପ ପଟ୍ଟନାୟକ
### ଷ୍ଟାଣ୍ଡବାଏ ତାଲିକାରେ ଆଶୀର୍ବାଦ ଓ ସ୍ୱସ୍ତିକ



ସନ୍ଦୀପ ପଟ୍ଟନାୟକ




ଆଶୀର୍ବାଦ ସ୍ୱାଇଁ



ସ୍ୱସ୍ତିକ ସାମଲ

କଟକ,୧।୮ (ସମିସ): ବେଙ୍ଗାଲୁରୁରେ ଆସନ୍ତା ୨୮ରୁ ଦୁଲିପ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଘୋଷିତ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଝାଡ଼ଖଣ୍ଡର ଅନ୍ତର୍ଜାତୀୟ କ୍ରିକେଟର ଇଶାନ କିଶାନ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେବେ। ଏହାଛଡ଼ା ଓଡ଼ିଶାର ଆଉ ୨ ଖେଳାଳି ଆଶୀର୍ବାଦ ସ୍ୱାଇଁ ଏବଂ ସ୍ୱସ୍ତିକ ସାମଲ ଦଳର ଷ୍ଟାଣ୍ଡବାଏ ତାଲିକାରେ ରହିଛନ୍ତି। ୨୭ବର୍ଷୀୟ ଅଲରାଉଣ୍ଡର ସନ୍ଦୀପଙ୍କୁ ଗତ ସିଜନରେ ରାଜ୍ୟ ଦଳର ନେତୃତ୍ୱ ମିଳିଥିଲା। ରଣଜୀ ଟ୍ରଫିର କେବଳ ଶେଷ ଦୁଇ ମ୍ୟାଚ୍‌ରେ ସେ ନେତୃତ୍ୱ ନେଇଥିଲେ। ତେବେ ସିଜନରେ ସନ୍ଦୀପ ଓଡ଼ିଶା ନିମନ୍ତେ ସର୍ବାଧିକ ରନ ସଂଗ୍ରହକାରୀ ରହିଥିଲେ। ସେ ୬ଟି ମ୍ୟାଚ୍‌ରୁ ୪୩୫ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ରହିଥିଲା। ନବାଗତ ଯୁବ ୱିକେଟକିପର ଆଶୀର୍ବାଦ ସ୍ୱାଇଁ ଏବଂ ଓପନିଂ ବ୍ୟାଟର ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଖଲିଦ ଜାମିଲ ଭାରତୀୟ ଫୁଟ୍‌ବଲ ଦଳର ନୂଆ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୧।୦୮: ପୂର୍ବତନ ମଧ୍ୟଭାଗ ଖେଳାଳି ଖଲିଦ ଜାମିଲ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ଓ ଟେକ୍‌ନିକାଲ କମିଟି ଜାମିଲଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଫଳରେ ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ପଦ ମଣ୍ଡନ କରିଛନ୍ତି। ଶେଷଥର ଲାଗି ୨୦୧୧-୧୨ରେ ସାଭିଓ ମେଡେଇରା ଭାରତୀୟ ଭାବେ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ସ୍ପେନର ମନୋଲୋ ମରକ୍ୟୁଜଙ୍କ ଇସ୍ତଫା ପରେ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଖାଲି ପଡ଼ିଥିଲା। ୪୮ ବର୍ଷୀୟ ଜାମିଲ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଭାରତୀୟ ଦଳ ପାଇଁ ୪୦ ମ୍ୟାଚ୍ ଖେଳି ୪ଟି ଗୋଲ୍ ଦେଇଥିଲେ। ସେ ମଧ୍ୟ ମହିନ୍ଦ୍ରା ୟୁନାଇଟେଡ୍, ଏୟାର ଇଣ୍ଡିଆ ଓ ମୁମ୍ବାଇ ପକ୍ଷରୁ ଘରୋଇ ପ୍ରତିଯୋଗିତା ଖେଳିଥିଲେ। ଅବସର ପରେ ସେ ୨୦୦୯ରୁ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫ୍‌ସିର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜାମସେଦପୁର ୨୦୨୩-୨୪ ସିଜନରେ ସୁପର୍ କପ୍‌ରେ ଉପବିଜେତା ରହିଥିଲା।

## ଫିଡେ ରେଟିଂ: ଶୀର୍ଷ-୧୫ରେ ଦିବ୍ୟା



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା କ୍ଲାସିକ ଚେସ୍ ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱକପ୍ ବିଜୟିନୀ ଦିବ୍ୟା ଦେଶମୁଖ ଶୀର୍ଷ-୧୫ ମଧ୍ୟକୁ ପ୍ରବେଶ କରିଛନ୍ତି। ନିକଟରେ ଜର୍ଜିଆରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୧୯ ବର୍ଷୀୟା ଦିବ୍ୟା ଚାମ୍ପିଅନ ହୋଇଥିଲେ। ଏହି ସଫଳତା ପାଇବା ପରେ ସେ ତାଙ୍କ କ୍ୟାରିୟରର ପ୍ରଥମଥର ଲାଗି ଶୀର୍ଷ-୧୫ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଦିବ୍ୟାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୨୪୭୮ ରହିଛି। ବିଶ୍ୱକପ୍ ଜିତିବା ପୂର୍ବରୁ ସେ ୧୮ତମ ସ୍ଥାନରେ ରହିଥିଲେ। ସେହିଭଳି ଶୀର୍ଷ-୧୫ରେ ଆଉ ଦୁଇଜଣ ଭାରତୀୟ ରହିଛନ୍ତି। ସେମାନେ ହେଲେ ହମ୍ପି (୨୫୩୫ ରେଟିଂ) ଓ ହାରିକା ଦ୍ରୋନାଭାଲି (୨୪୮୭)। ହମ୍ପି ର୍‍ୟାଙ୍କିଙ୍ଗର ୬ଷ୍ଠ ଓ ହାରିକା ୧୨ତମ ସ୍ଥାନ ଲାଭ କରିଛନ୍ତି। ମହିଳା ର୍‍ୟାଙ୍କିଙ୍ଗ୍‌ରେ ଚାଇନା ଖେଳାଳିଙ୍କ ଦବ୍‌ଦବା ପୂର୍ବଭଳି ରହିଛି। ପ୍ରଥମ ୫ଟି ସ୍ଥାନରେ ଚାଇନାର ଖେଳାଳିମାନେ ହିଁ ରହିଛନ୍ତି। ୨୬୦୭ ରେଟିଂ ପଏଣ୍ଟ ସହ ହୋଇ ୟିଫାନ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅପରପକ୍ଷରେ ଓପନ୍ କାଟାଗୋରୀରେ ନରୱେର ତାରକା ଖେଳାଳି ମାଗ୍ନସ କାର୍ଲସେନ ଶୀର୍ଷରେ ପୂର୍ବଭଳି ଅପରିବର୍ତ୍ତିତ ରହିଛନ୍ତି।

## ଏଚ୍‌ସିଏ ସଭାପତି, ସମ୍ପାଦକ ନିଲମ୍ବିତ

ହାଇଦରାବାଦ, ୧।୮ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ)ର ସଭାପତି ଏ. ଜଗନ ମୋହନ ରାଓଙ୍କ ସମେତ ସମ୍ପାଦକ ଆର୍. ଦେବରାଜ ଓ କୋଷାଧ୍ୟକ୍ଷ ସିଜେ ଶ୍ରୀନିବାସଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ଏଚ୍‌ସିଏ ଆପେକ୍ସ କାଉନସିଲର ଜରୁରୀକାଳୀନ ବୈଠକରେ ଏହି ୩ଜଣ କର୍ମକର୍ତ୍ତାଙ୍କ ନିଲମ୍ବନ ନେଇ ନିଷ୍ପତ୍ତି ହୋଇଥିଲା। ନିକଟରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଏକ ଗୁରୁତର ଅଭିଯୋଗ କରାଯାଇଥିଲା। ଯେଉଁଥିରେ ସନରାଇଜର୍ସ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଥିଲା ଯେ, ଗତ ଆଇପିଏଲ୍‌ରେ କମ୍ପ୍ଲିମେଣ୍ଟାରୀ ଓ କର୍ପୋରେଟ୍ ବକ୍ସ ପାସ୍ ପାଇଁ ଏଚ୍‌ସିଏର କର୍ମକର୍ତ୍ତା ବ୍ଲାକମେଲ୍ କରି ବଳପୂର୍ବକ ପାସ୍ ନେଇଥିଲା। ଏହି ଘଟଣାରେ ହାଇଦରାବାଦ୍ ଭିଜିଲାନ୍ସ ଓ ଏନଫୋର୍ସମେଣ୍ଟ ୱିଙ୍ଗ୍ ପକ୍ଷରୁ ତଦନ୍ତ କରି ଏଚ୍‌ସିଏ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା।

## ୱେଷ୍ଟଇଣ୍ଡିଜର କ୍ରମାଗତ ୯ମ ପରାଜୟ

ଫ୍ଲୋରିଡା, ୧।୮ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ୱେଷ୍ଟଇଣ୍ଡିଜ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଓପନର୍ ସମିମ ଆୟୁବଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୮ ରନ କରିଥିଲା। ବାମହାତୀ ବ୍ୟାଟର୍ ସମିମ୍ ୫ ଚୌକା ଓ ୨ ଛକା ସହ ୩୮ ବଲରୁ ସର୍ବାଧିକ ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକର ଜମାନ ୨୮, ହାସନ ନୱାଜ ୨୪, ଫହିମ୍ ଅସ୍ରଫ୍ ୧୬ ଓ ଅଧିନାୟକ ସଲମନ ଆଘା ୧୧ ରନ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ସାମରା ଜୋଶେଫ ୩ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ପାଇଁ ଜନସନ ଚାର୍ଲସ ଓ କେ୍ୱଲ ଆଣ୍ଡ୍ରିଉ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ତେବେ ଉଭୟ ୩୫ ରନ ଲେଖାଏ କରି ଆଉଟ୍ ହେବାପରେ ମଧ୍ୟକ୍ରମରେ କୌଣସି ବ୍ୟାଟର୍ ଉପଯୋଗୀ ପାଳି ଖେଳିପାରି ନ ଥିଲେ। ତେବେ ଅବିଭକ୍ତ ୮ ୱିକେଟ୍ ଭାଗୀଦାରିରେ ଜାସନ ହୋଲ୍ଡର ଓ ସାମରା ୨୩ ବଲରୁ ୫୪ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୧୫ ରନ ଦୂରରେ ରହିଯାଇଥିଲା। ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ୧୬୪ ରନ କରିବାକୁ ସମର୍ଥ ହୋଇଥିଲା। ୪ ଛକା ସହ ହୋଲ୍ଡର ୧୨ ବଲରୁ ୩୦ ରନ ଓ ସାମରା ୧୨ ବଲରୁ ୨୧ ରନ କରି ଅପରାଜିତ ରହିଥିଲେ। ବିଜୟୀ ପାକିସ୍ତାନର ମହମ୍ମଦ ନୱାଜ ୩ ଓ ସମିମ ୨ଟି ୱିକେଟ୍ ପାଇଥିଲେ। ଅଲ୍‌ରାଉଣ୍ଡ ସଫଳତା ଲାଗି ଆୟୁବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହି ପରାଜୟ ସହ ୱେଷ୍ଟଇଣ୍ଡିଜ ଚଳିତ ସିଜନରେ କ୍ରମାଗତ ୯ଟି ମ୍ୟାଚରେ ପରାସ୍ତ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଟି-୨୦ ଓ ୩ଟି ଟେଷ୍ଟ ହାରିଥିଲା।

### ସାହାଣୀ କପ୍ ଫାଇନାଲ
## ପ୍ରଥମ ମୁକାବିଲାରେ କଟକ ବିଜୟୀ

କଟକ,୧।୮ (ସମିସ)



ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲ ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ସମ୍ବଲପୁର ଏବଂ କଟକ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ (ପର୍ଯ୍ୟାୟ) ମୁକାବିଲାରେ କଟକ ୧-୦ ଗୋଲରେ ବିଜୟୀ ହୋଇ ଟାଇଟଲର ନିକଟତର ହୋଇଛି। ୨୦ତମ ମିନିଟରେ ପାରାଓ ଟୁଡୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆସନ୍ତା ୩ ତାରିଖରେ କେନ୍ଦୁଝର ଜୋନ୍‌ରେ ଫାଇନାଲର ୨ୟ ଲେଗ୍ ମୁକାବିଲା ଖେଳାଯିବ। ଏହାପରେ ଦୁଇ ମ୍ୟାଚର ଫଳାଫଳକୁ ନେଇ ବିଜେତା ଦଳ ଘୋଷଣା କରାଯିବ। ଆଜି ଫାଇନାଲ ମ୍ୟାଚ୍‌ରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ରଘୁନାଥ ଜଗଦଳ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ, ଫାଓ ଉପସଭାପତି ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR, KHORDHA - 752054
Permitted by Govt. of Odisha & Affiliated to Utkal University
Reputed Institute of 26 years providing regular programmes
+3 Arts (Hons)
+3 Science (Hons)
+3 Commerce (Hons)
M.Com. (F&C)
M.Com. (Traditional)
M.Sc. (CS, Phy., Chem., Biotech)
MPMIR
MSW
Excellent Placement Opportunities and Skill Development Programme is an added advantage, Flexible in fee payment
Contact : 9040004375, 9778899990, 9778899991

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS